

ନୂଆ ରୂପରେ ଆସିବ
'ସନ୍ଦେଶେ ଆତେ ହେଁ'
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-152 ◆FRIDAY ◆28 NOVEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୫୨ ◆ଶୁକ୍ରବାର ◆୨୮ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

### ବିଧାନସଭାରେ ଜନପ୍ରତିନିଧିଙ୍କୁ ରାଷ୍ଟ୍ରପତିଙ୍କ ଗୁରୁମନ୍ତ୍ର

# ଉଚ୍ଚାରଣ, ଆଚରଣରେ ସଂଯମ ରହୁ

**ଗୃହରେ କ'ଣ କହୁଛନ୍ତି, କିପରି କହୁଛନ୍ତି ତାହା ସମସ୍ତେ ଜାଣି ପାରୁଛନ୍ତି**

**ଏଠାକାର ଆତ୍ମୀୟ ପରିବେଶ ମୋତେ ଭାବପ୍ରବଣ କରିଦେଇଛି**

**ଓଡ଼ିଶାରେ ନାରୀ ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହି ଆସିଛି**

**ଓଡ଼ିଶା କୋଳରେ ପ୍ରକୃତି ସବୁ ପ୍ରକାରର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି**

**ଏହାର ସଦୁପଯୋଗ ଓଡ଼ିଶାକୁ ଅଗ୍ରଣୀ ପ୍ରଦେଶରେ ପରିଣତ କରିପାରିବ**

■ ଭୁବନେଶ୍ୱର, ୨୭।୧୧ (ସମିସ): ବର୍ତ୍ତମାନ ଟେକ୍ନୋଲୋଜିର ସମୟ, ଜନ ପ୍ରତିନିଧି ଭାବେ ଆପଣମାନେ ସାରା ରାଜ୍ୟରେ ଚିହ୍ନାମୁହଁ। ଆପଣମାନଙ୍କର ବହୁ ପ୍ରଶଂସକ ଏବଂ ଅନୁଗାମୀ ମଧ୍ୟ ରହିଛନ୍ତି। ଆପଣମାନେ କଣ କରୁଛନ୍ତି, କହୁଛନ୍ତି ତାହା ଜାଣିବା ପାଇଁ ସେମାନେ ଉତ୍ସୁକ ଥାଆନ୍ତି। ତେଣୁ ଆପଣମାନଙ୍କର ଉଚ୍ଚାରଣ ଓ ଆଚରଣ ଉଭୟ ମୂଲ୍ୟବାନ। ନେତା ଯାହା କରିବେ ଜନତା ତାହାକୁ ଅନୁସରଣ କରିବେ। ତେଣୁ ଆପଣମାନେ ନିଜ ଆଚରଣ ଏବଂ ଉଚ୍ଚାରଣକୁ ସଂଯମ ରଖିବାର ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

ବୁଧବାର ଅପରାହ୍ନରେ ବିଧାନସଭାକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି ଯେ ଆଜି ଘରକୁ ଆସିଲା ପରି ଲାଗୁଛି। ଦେଶର ଏକାଧିକ ରାଜ୍ୟ, ରାଜ୍ୟ ବିଧାନସଭା, ବିଶ୍ୱର କେତେକ ଦେଶର ସଂସଦକୁ ସମ୍ବୋଧନ କରିବାର ସୁଯୋଗ ଲାଭ କରିଛି। ମାତ୍ର ଓଡ଼ିଶା ବିଧାନସଭାକୁ ସମ୍ବୋଧନ କରିବା ମୋ ପାଇଁ ଖୁସିର ବିଷୟ। ମୁଁ ଗାଁରୁ ଏକ ସାଧାରଣ ଝିଅ ହୋଇ ଆସିଥିଲି। ଏହି ଗୃହ ମୋତେ କଥା କୁହା ଶିଖାଇଛି। ଆଜି ମୁଁ ଯେଉଁଠି ଅଛି ତାହାର ସମସ୍ତ ଶ୍ରେୟ ଏହି ଗୃହର। ଯଦି ଓଡ଼ିଶାର ଜନସାଧାରଣ, ଜଗନ୍ନାଥଙ୍କର ଆଶୀର୍ବାଦ ନଥାନ୍ତା, ତାହେଲେ ମୁଁ ଆଜି ଯେଉଁଠି ଅଛି ସେଇଠି ପହଞ୍ଚି ପାରିନଥାନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି। ସେ ପୁଣି କହିଛନ୍ତି ଯେ ଏହି ଗୃହରେ ମୁଁ ବିଧାୟକ ଭାବେ ପ୍ରଶ୍ନ ପଚାରିଛି। ମନ୍ତ୍ରୀ ଭାବେ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଦେଇଛି। ବିଭିନ୍ନ ସ୍ଥାୟୀ



କମିଟିର ଅଧ୍ୟକ୍ଷ ତଥା ସଦସ୍ୟ ଭାବେ ମୁଁ ମୋର ଚିନ୍ତା ପ୍ରକଟ କରିବାର ସୁଯୋଗ ପାଇଛି। ବିଧାୟକ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସେ ବିଧାନସଭାରେ ପ୍ରବେଶ କରିଥିଲି। ଓଡ଼ିଶା କେବଳ ଏକ ପ୍ରାଚୀନ ଭୂଖଣ୍ଡ କିମ୍ବା ଆଧୁନିକ ପ୍ରଦେଶ ▶ପୃଷ୍ଠା-୧୦

### ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳତାକୁ ନେଇ ସୁପ୍ରିମକୋର୍ଟ ଚିନ୍ତିତ

# ୪ ସପ୍ତାହ ମଧ୍ୟରେ କଠୋର ନିୟମ ଆଣିବାକୁ ନିର୍ଦ୍ଦେଶ

■ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ସାମାଜିକ ଗଣମାଧ୍ୟମରେ ଅଶ୍ଳୀଳ ବିଷୟବସ୍ତୁ (କଣ୍ଟେଣ୍ଟ)କୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ଏ ସମ୍ବନ୍ଧିତ ଦୁଇଟି ମାମଲାର ଶୁଣାଣି କରି ଗୁରୁବାର ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରାଯାଉଥିବା ଫଟୋ, ଭିଡିଓ ଏବଂ ଅନ୍ୟ ସବୁ ବିଷୟବସ୍ତୁ ପାଇଁ କାହାକୁ ନା କାହାକୁ ଉତ୍ତରଦାୟୀ କରିବାକୁ ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏ ସମ୍ବନ୍ଧରେ ୪ ସପ୍ତାହ ମଧ୍ୟରେ ନୂଆ ଆଇନ ଆଣିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ଏସ୍‌ସି/ଏସ୍‌ଟି



**ନିଜ ଦାୟିତ୍ୱ ପ୍ରତି ସଚେତନ ରୁହନ୍ତୁ ୟୁଟ୍ୟୁବର୍**

ଆଇନ ଭଳି କଠୋର କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି। ସେହିପରି ଦିବ୍ୟାଙ୍ଗଙ୍କୁ ଅପମାନିତ କରିବା ମାମଲାରେ 'ଇଣ୍ଡିଆଜ ଗଟ୍ ଲାଟେଣ୍ଟ'ର ଉପସ୍ଥାପକ ତଥା ୟୁଟ୍ୟୁବର ସମୟ ରୈନାଙ୍କୁ ନିଜ ଦାୟିତ୍ୱ ପ୍ରତି ସଚେତନ କରାଇଛନ୍ତି। ନିଜ ଶୋ'ରେ ଦିବ୍ୟାଙ୍ଗ ଲୋକଙ୍କ ସଫଳତାର କାହାଣୀ ଦେଖାଇବାକୁ ଏବଂ ଦିବ୍ୟାଙ୍ଗଙ୍କ ପାଇଁ ପାଣ୍ଠି ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରୈନାଙ୍କୁ ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ କହିଥିଲେ ଯେ ଆଗାମୀ ଶୁଣାଣି ପୂର୍ବରୁ କିଛି ଭଲ କାର୍ଯ୍ୟ କରି ଏଠାକୁ ଆସିବେ ବୋଲି ▶ପୃଷ୍ଠା-୧୦


## ରାଷ୍ଟ୍ରପତିଙ୍କ ସାମଗ୍ରିକ ଜୀବନ ଅନୁକରଣୀୟ



'ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆମ ବିଧାନସଭାରୁ ତାଙ୍କର ସକ୍ରିୟ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ସେ ନିଜର କଠୋର ଅଧ୍ୟବସାୟ ଓ ତ୍ୟାଗ ଫଳରେ ଦେଶର ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଛନ୍ତି। ବିଧାୟକ, ମନ୍ତ୍ରୀ, ରାଜ୍ୟପାଳ ଏବଂ ରାଷ୍ଟ୍ରପତି ଭାବେ ସେ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ତାଙ୍କ ସାର୍ବଜନୀନ ଏବଂ ରାଜନୈତିକ ଜୀବନ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ବିଧାନସଭାରେ ରାଷ୍ଟ୍ରପତିଙ୍କ ସମ୍ବୋଧନ ପ୍ରରିପେକ୍ଷୀରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ରଖି କହିଥିଲେ ଯେ ଦୀର୍ଘ ୭୫ ବର୍ଷର ଓଡ଼ିଶା ବିଧାନ ସଭା ଇତିହାସରେ ପ୍ରଥମ ଥର ପାଇଁ ଦେଶର ପ୍ରଥମ ନାଗରିକ ବିଧାନସଭାକୁ ସମ୍ବୋଧନ ଓ ମାର୍ଗଦର୍ଶନ ସମସ୍ତଙ୍କ ପାଇଁ ଶିକ୍ଷଣୀୟ। ପ୍ରାୟ ଏକ ଚତୁର୍ଥାଂଶ ଜନଜାତି ସଂପ୍ରଦାୟ ଥିବା ରାଜ୍ୟ ଓଡ଼ିଶାର ସେହି ସଂପ୍ରଦାୟରୁ ଦେଶର ରାଷ୍ଟ୍ରପତି ▶ପୃଷ୍ଠା-୧୦

## ରାଷ୍ଟ୍ରପତି ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି



'ଏ ମାଟିର ଝିଅ ଆଜି ଦେଶର ରାଷ୍ଟ୍ରପତି, ଏଥିପାଇଁ ଏ ମାଟି ଗୌରବାନ୍ୱିତ। ଆହୁରି ଗର୍ବର କଥା ଯେ ସେ ତାଙ୍କର ରାଜନୈତିକ ଜୀବନ ୨୫ ବର୍ଷ ତଳେ ଓଡ଼ିଶା ବିଧାନସଭାରୁ ଆରମ୍ଭ କରିଥିଲେ। ଆଜି ସେ ଦେଶର ରାଷ୍ଟ୍ରପତି ହୋଇ ଏ ମାଟିର ଗୌରବ ବୃଦ୍ଧି କରିଛନ୍ତି ବୋଲି କହିଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବିଧାନସଭାରେ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନ ପୂର୍ବରୁ ନିଜ ଅଭିଭାଷଣରେ କହିଛନ୍ତି ଯେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ। ଆମ ରାଜ୍ୟରୁ ଆସିଥିବା ଭାରତର ରାଷ୍ଟ୍ରପତି ଆଜି ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରୁଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ, ଆମ ଦେଶ ବର୍ତ୍ତମାନ ସମ୍ମୁଖୀନ ହେଉଥିବା ଆହ୍ୱାନ ପରିପ୍ରେକ୍ଷୀରେ ବିଶେଷ ଗୁରୁତ୍ୱ ବହନ କରୁଛି। ବିବିଧତା ମଧ୍ୟରେ ଏକତା ହେଉଛି ଆମ ରାଷ୍ଟ୍ରର ସୌନ୍ଦର୍ଯ୍ୟ। ଭାରତୀୟ ରାଜନୀତିକୁ ▶ପୃଷ୍ଠା-୧୦

# ରେକର୍ଡ ଭାଙ୍ଗିଲା ନଭେମ୍ବର ଶୀତ

**୭୧ ବର୍ଷ ପରେ ଝାରସୁଗୁଡ଼ାରେ ପାରଦ ସର୍ବନିମ୍ନ ସ୍ତରରେ**

**ଦୁଇ ଦିନ ମଧ୍ୟରେ ଆହୁରି ୩ ଡ଼ିଗ୍ରୀ ଖସିବ ତାପମାତ୍ରା**

**ବଙ୍ଗୋପସାଗରରେ ସୃଷ୍ଟି ହେଲା ଆଉ ଏକ ବାତ୍ୟା 'ଡିଟୱା'**

**ଓଡ଼ିଶା ଉପରେ ପ୍ରଭାବହୀନ, ରାଜ୍ୟକୁ ବହିବ ଥଣ୍ଡା ପବନ**

■ ଭୁବନେଶ୍ୱର, ୨୭ ।୧୧ (ସମିସ): ରାଜ୍ୟକୁ ପୁଣି ଫେରିଛି ଶୀତ। ଦୁଇ ତିନି ଦିନ ହେବ ତାପମାତ୍ରାରେ କ୍ରମାଗତ ହ୍ରାସ ଫଳରେ ଥଣ୍ଡାର ପ୍ରଭାବ ବୃଦ୍ଧି ପାଇଛି।ଅନେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଝାରସୁଗୁଡ଼ାରେ ତାପମାତ୍ରା ସର୍ବନିମ୍ନ ତାପମାତ୍ରା ୮.୧ ଡିଗ୍ରୀକୁ ହ୍ରାସ ହୋଇଛି। ଗତ ୭୧ ବର୍ଷ ପରେ ନଭେମ୍ବର ମାସରେ ଝାରସୁଗୁଡ଼ାରେ ଶୀତ ରେକର୍ଡ ସ୍ତରକୁ ଖସିଛି। ସେହିପରି ଜି. ଉଦୟଗିରିରେ ତାପମାତ୍ରା ୭.୪ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲା ୭.୭, ସେମିଳିଗୁଡ଼ା ୮.୬, କିରେଇ ୯.୩, ▶ପୃଷ୍ଠା-୧୦




10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | HDFC BANK | SHRIRAM Finance | IDFC FIRST Bank | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସଞ୍ଚୟ 25 ନଭେମ୍ବର 2025 ଠାରୁ 25 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉକ୍ତ ମୋଟ ସଞ୍ଚୟ ହେଉଛି 100% ଜିଏସ୍‌ଟି ବେନିଫିଟ୍ ରୁ ସଞ୍ଚୟ (ଏକ୍ସ ଶୋ-ରୁମ୍ ମୂଲ୍ୟ ଓ ତତ୍ସଂଲଗ୍ନ ଆର୍‌ଟିଓ ଟ୍ୟାକ୍ସ ରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 1 ବର୍ଷର ଓନ୍ ଡ୍ୟାମେଜ୍ ବୀମା (ଓଡି), ଶୂନ୍ୟ ପିଏଫ୍ ଏବଂ ଓଡି ରେ ସଞ୍ଚୟ ଫାଇନାନ୍ସର/ଇନ୍‌ସ୍ୟୋରର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଅଲଗା ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Bargarh UJJWAL BAJAJ 9124042012 • Keonjhar JR BAJAJ 9937697094 / 9439008692• Angul: JAMUNA BAJAJ 7682899351 Chendipada 9692646493 • Rourkela RM BAJAJ 9078083803 • Sundergarh RM BAJAJ 9078083500 • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356.

● ଦିଲ୍ଲୀ ପ୍ରଦୂଷଣକୁ ନେଇ ସୁପ୍ରିମକୋର୍ଟ ଅସହାୟ

## ବିଷବାୟୁରୁ ମୁକ୍ତି ଦେବା ପାଇଁ ଆମ ପାଖରେ ଯାଦୁର ଛଡ଼ି ନାହିଁ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ପ୍ରଦୂଷଣରୁ ଜନତାଙ୍କୁ ତ୍ରାହି ମିଳୁନାହିଁ। ଲୋକେ ପ୍ରଦୂଷଣରେ ଅତିଷ୍ଠ ହୋଇ ଚାଲିଥିବାବେଳେ ସୁପ୍ରିମକୋର୍ଟ ଗୁରୁବାର ଏହି ମାମଲା ଉପରେ ଶୁଣାଣି କରି ସ୍ଥିତିକୁ ନେଇ ଅସହାୟତା ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି ଯେ ଦିଲ୍ଲୀ-ଏନସିଆରକୁ ବିଷ ବାୟୁରୁ ମୁକ୍ତି ଦେବା ଭଳି କୌଣସି ଯାଦୁର ଛଡ଼ି ସୁପ୍ରିମକୋର୍ଟଙ୍କ ପାଖରେ ନାହିଁ। ଏହା ଦିଲ୍ଲୀ ବାସୀଙ୍କ ପାଇଁ ବିପଜ୍ଜନକ ବୋଲି ଆମେ ଜାଣିଛୁ। ଏପରି କି ନିର୍ଦ୍ଦେଶ ଦେଲେ ବାୟୁ ତୁରନ୍ତ ସଫା ହୋଇଯିବ ତାହା ଜଣାନ୍ତୁ ବୋଲି ବରିଷ୍ଠ ଓକିଲ ଅପରାଜିତା ସିଂହଙ୍କୁ ଖଣ୍ଡପୀଠ ପଚାରିଛନ୍ତି। ସିଜେଆଇ କହିଥିଲେ ଯେ ଆମେ ବି ଦିଲ୍ଲୀ-ଏନ୍‌ସିଆରର ବାସିନ୍ଦା। ବିଚାରପତି ମଧ୍ୟ ଏହି ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଦିଲ୍ଲୀର ବାୟୁ ମାନ ସୂଚକାଙ୍କ (ଏକ୍ୟୁଆଇ) ବିଗିଡ଼ିବା ପଛରେ ଅନେକ କାରଣ ରହିଛି। କେବଳ ଗୋଟିଏ କାରଣକୁ କାରକ ଧରିବା ବହୁତ ବଡ଼ ଭୁଲ ହେବ। ସମସ୍ୟା କ'ଣ ତାହା ସମସ୍ତେ ଜାଣନ୍ତି। ପ୍ରଦୂଷଣର ସବୁ କାରଣ ସନ୍ଧାନ କରି ଏହାର ସମାଧାନ ଖୋଜିବା ଜରୁରୀ। ଡିସେମ୍ବର ୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ବରିଷ୍ଠ ଓକିଲ ଅପରାଜିତା ସିଂହ କହିଥିଲେ ଯେ ଦିଲ୍ଲୀ ପ୍ରଦୂଷଣ ସ୍ୱାସ୍ଥ୍ୟ ଜନିତ ଜରୁରୀ ପରିସ୍ଥିତି ସୃଷ୍ଟି କରୁଛି। ଏହାର ସମାଧାନ କେବଳ କାଗଜପତ୍ରରେ ସୀମିତ ରହୁଛନ୍ତି। ତୃଣମୂଳସ୍ତରରେ କିଛି କାରାଯା ନାହିଁ।



ଖଣ୍ଡପୀଠ କହିଥିଲେ ଯେ ଏହି ମାମଲା ଉପରେ କ'ଣ କରାଯାଇପାରିବ ତାହା ସୋମବାର ଦେଖାଯିବ। କେବଳ ଦୀପାବଳି ଭଳି ସ୍ୱତନ୍ତ୍ର ଦିନରେ ଏହି ମାମଲା ଉଠାଇଲେ ସମାଧାନ ବାହାରି ପାରିବ ନାହିଁ। ଶୀତ ପରେ ଏହି ମାମଲା ଶୀଥିଳ ହୋଇଯାଏ। ତେଣୁ ଏହାର ନିୟମିତ ଶୁଣାଣି ହେବା ଉଚିତ।

● ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ

## କ୍ରିକେଟ ବେଟିଂରୁ ଲାଭ ଉପାର୍ଜନ ଅପରାଧ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ବେଟିଂ ର୍‌ୟାକେଟ ସମ୍ବନ୍ଧିତ ୬ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହି ନେଟୱର୍କ ଅପରାଧ ଉପରେ ଛିଡ଼ା ହୋଇଥିଲା। ତେଣୁ ଏଥିରୁ ଉପାର୍ଜିତ ପ୍ରତ୍ୟେକ ଲାଭ ଅପରାଧ ବୋଲି ହାଇକୋର୍ଟ କହିଛନ୍ତି। କ୍ରିକେଟ ବେଟିଂ ସହ ଜଡ଼ିତ ମୁକେଶ କୁମାର, ଉମେଶ ଚୌଟାଲିଆ, ନରେଶ ବଂଶଲ, ଘନଶ୍ୟାମ ଭାଇ ପଟେଲ ଏବଂ ଅନ୍ୟମାନେ ଏହି ଆବେଦନ ଉପରେ ଆସିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜାରି କରିଥିବା ଅସ୍ଥାୟୀ ସମ୍ପତ୍ତି ଜବତ ଏବଂ ନୋଟିସକୁ ରଦ୍ଦ କରିବାକୁ ଦାବି କରାଯାଇଥିଲା। କ୍ରିକେଟ ବେଟିଂ ପିଏମଏଲଏରେ ଅପରାଧ ନୁହେଁ। ତେଣୁ ସମ୍ପତ୍ତିକୁ ବେଆଇନ ଧରାଯାଇପାରିବ ନାହିଁ ବୋଲି କୁହାଯାଇଥିଲା। ରାୟ ଦେଇ ହାଇକୋର୍ଟ କହିଥିଲେ ଯେ ଆବେଦନକୁ ଖାରଜ କରାଯାଉଛି। ଏହି ର୍‌ୟାକେଟ ଅପରାଧ ଉପରେ



ତିଷ୍ଠି ଥିଲା। ଡିଜିଟାଲ ଠକେଇ, ଜାଲ୍ କେୱାଇସି, ହାୱାଲା ଚେନ୍ ଏବଂ ବିନା କାଗଜପତ୍ରରେ ସୁପର ମାଷ୍ଟର ଲଗ୍‌ଇନ ଆଇଡି ମୁଖ୍ୟ ଅପରାଧର ମୂଳଦୁଆ ଥିଲା। ଏହି ସବୁ ବିଷାକ୍ତ ଗଛ ଭଳି। ଗଛ ବିଷ ହୋଇଥିଲେ, ଫଳ କେମିତି ବୈଧ ହୋଇଯିବ। ତେବେ କୋର୍ଟ ବେଟିଂକୁ ବିଷାକ୍ତ ଗଛ କହିନାହାନ୍ତି। ପିଏମଏଲଏ ଅଧିନରେ ଏହା ଅପରାଧ ନୁହେଁ। ଠକେଇ, ଜାଲ୍ ପରିଚୟ ପତ୍ର, ହାୱାଲା, ଜାଲ୍ ସିମ ଆଧାରିତ ଡିଜିଟାଲ ନେଟୱର୍କ ବିଷାକ୍ତ ବିଷ ଭଳି। ଏହା ମାଧ୍ୟମରେ ସୁପର ମାଷ୍ଟର ଆଇଡି କ୍ରୟ ଏବଂ ର୍‌ୟାକେଟ ପରିଚାଳନା କରାଯାଉଥିଲା। ଏହା ମାଧ୍ୟମରେ ମାରୁତି ଅହମଦାବାଦ ନେଟୱର୍କ ୨୦୧୪ ଡିସେମ୍ବରରୁ ୨୦୧୫ ମାର୍ଚ୍ଚ ମଧ୍ୟରେ ୨୪୬୯ କୋଟି ଟଙ୍କା ଆୟ କରିଥିଲା। ଏଥିରୁ ୬୦ କୋଟି ଆବେଦନକାରୀଙ୍କ ପାଖରେ ପହଞ୍ଚି ଥିଲା। ତେଣୁ ଇଡି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ଏକରୁ ଅଧିକ ବିବାହ କଲେ ୧୦ ବର୍ଷ ଜେଲ୍

ଗୌହାଟୀ, ୨୭ ।୧୧(ଏଜେନ୍ସି): ଆସାମ ବିଧାନସଭାରେ ବହୁ ବିବାହକୁ ରୋକିବା ପାଇଁ 'ପଲିଗାମୀ ବିଲ୍' ପାସ୍ ହୋଇଛି। ଏହି 'ଆସାମ ପ୍ରୋହିବିସନ ଅଫ୍ ପଲିଗାମୀ ବିଲ୍' ଅନୁସାରେ ଜଣେ ବ୍ୟକ୍ତି ଏକରୁ ଅଧିକ ବିବାହ କରିପାରିବେ ନାହିଁ। ତେବେ ଏହି ଆଇନ୍ ଷଷ୍ଠ ସିଡ୍ୟୁଲ ଅଞ୍ଚଳ ଓ ସିଡ୍ୟୁଲ ଟ୍ରାଇବ୍ ବର୍ଗ ଉପରେ ଲାଗୁ ହେବ ନାହିଁ। ଏହି କ୍ଷେତ୍ରରେ ଆଞ୍ଚଳିକ ପ୍ରଥାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ଗୁରୁବାର ଏହି ବିଲ୍ ପାସ୍ ହୋଇଛି। ଏହା ଅନୁସାରେ ଯଦି ଜୀବନସାଥି ଜୀବିତ ଅଛନ୍ତି ଓ ତାଙ୍କଠାରୁ ଆଇନଗତ ଭାବେ ଛାଡ଼ପତ୍ର ନିଆଯାଇନାହିଁ, ତେବେ ଅନ୍ୟ କାହା ସହ ବିବାହ କଲେ ତାହକୁ ଅପରାଧ ବୋଲି ବିବେଚନା କରାଯିବ। ଏଭଳି କ୍ଷେତ୍ରରେ ଜଣେ ବ୍ୟକ୍ତିଙ୍କୁ ୭ ବର୍ଷ ଜେଲ ଓ ଜୋରିମାନାରେ ଦଣ୍ଡିତ କରାଯିବ। ଏଥିସହ ପୀଡିତାଙ୍କୁ ୧.୪୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଭାବେ ଦେବାକୁ ହେବ। ପୁଣି ଯଦି କୌଣସି ବ୍ୟକ୍ତି ନିଜର ପ୍ରଥମ ବିବାହକୁ ଲୁଚାଇ ଦ୍ୱିତୀୟ ବିବାହ କରିଛନ୍ତି, ତେବେ ତାଙ୍କୁ ୧୦ ବର୍ଷ ଜେଲ ଓ ଜୋରିମାନା ଦେବାକୁ ହେବ। ଏହି ଅପରାଧ ଦୋହରାଇଲେ ଦଣ୍ଡ ମଧ୍ୟ ସେହି ଅନୁସାରେ ବୃଦ୍ଧି ପାଇବ। ପୁଣି ଏହି ଅପରାଧ କରିଥିବା ବ୍ୟକ୍ତି ସ୍ଥାନୀୟ ସଂସ୍ଥାଗତ ନିର୍ବାଚନ ଲଢିପାରିବେ ନାହିଁ ଓ ସରକାରୀ ଚାକିରି କରିପାରିବେ ନାହିଁ ବୋଲି କୁହାଯାଇଛି।

## ୧୫ ବର୍ଷ ପରେ ଚୀନ୍‌ରେ ରେଳ ଦୁର୍ଘଟଣା; ୧୧ ମୃତ

ବେଜିଂ, ୨୭ ।୧୧(ଏଜେନ୍ସି): ଚୀନର ଦାକ୍ଷିଣାତ୍ୟ ରାଜ୍ୟ ୟୁନାନ୍‌ରେ ଗୁରୁବାର ସକାଳେ ଏକ ଟ୍ରେନ୍ ଦୁର୍ଘଟଣାରେ ୧୧ ଜଣ ରେଳବାଇ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏଥିରେ ୨ଜଣ ଆହତ ମଧ୍ୟ ହୋଇଛନ୍ତି। ଭୂକମ୍ପ ସହିତ ଜଡିତ କ୍ଷତିର ଯାଞ୍ଚ କରାଯାଉଥିବା ବେଳେ ଟ୍ରେନ୍ ରେଳ କର୍ମଚାରୀଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଦୁର୍ଘଟଣା କୁନମିଙ୍ଗ ସହରର ଲୁଓୟାଙ୍ଗଜେନ୍ ରେଳ ଷ୍ଟେସନରେ ଘଟିଥିଲା। ରେଳ କର୍ମଚାରୀମାନେ ଏକ ଟର୍ଣ୍ଣିଂ ଟ୍ରାକ୍‌ର ଅଂଶରେ କାର୍ଯ୍ୟ କରୁଥିଲେ। ଏତିକି ବେଳେ ଅଚାନକ ଟ୍ରେନ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ୧୫ ବର୍ଷ ପରେ ଏହାକୁ ଚୀନ୍‌ର ପ୍ରଥମ ରେଳ ଦୁର୍ଘଟଣା ବୋଲି କୁହାଯାଉଛି। ଏହାପୂର୍ବରୁ ୨୦୧୧ରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ୪୦ ଲୋକ ମୃତ୍ୟୁବରଣ କରିଥିଲେ।

## ହାସିନାଙ୍କୁ ପୁଣି ୨୧ ବର୍ଷ ଜେଲ୍

ଢାକା, ୨୭ ।୧୧(ଏଜେନ୍ସି): ବାଂଲାଦେଶର ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ବାଂଲାଦେଶର ଏକ କୋର୍ଟ ଗୁରୁବାର ତାଙ୍କୁ ୩ଟି ଦୁର୍ନୀତି ମାମଲାରେ ୨୧ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହାପୂର୍ବରୁ କୋର୍ଟ ତାଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ। କିନ୍ତୁ ଏଥର କୋର୍ଟ ତାଙ୍କୁ ସରକାରୀ ହାଉସିଂ ପ୍ରୋଜେକ୍ଟ ଓ ପୂର୍ବାଚଳ ପ୍ଲଟ୍ ଦୁର୍ନୀତିର ୩ଟି ମାମଲାରେ ଦଣ୍ଡିତ କରିଛନ୍ତି। ହସିନାଙ୍କ ପୁଅ ସଜିବ ୱାଜେଦ ଓ ଝିଅ ସାଇମା ୱାଜେଦଙ୍କୁ ମଧ୍ୟ ୫ ବର୍ଷ ଲେଖାଏ ଜେଲ ଦଣ୍ଡ ଶୁଣାଯାଇଛି। ଏହି ମାମଲାରେ ବାକି ଅନ୍ୟ ୨୦ ଅଭିଯୁକ୍ତଙ୍କ ମଧ୍ୟରୁ ୧୯ ଜଣଙ୍କୁ ଭିନ୍ନ ଭିନ୍ନ ଦଣ୍ଡାଦେଶ ହୋଇଛି। ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ ମଧ୍ୟ କରାଯାଇଛି।

ଚାପ ବଢ଼ାଉଛି ଏସ୍‌ଆଇଆର୍

## ୨୨ ଦିନରେ ୭ ରାଜ୍ୟରେ ୨୫ ବିଏଲ୍‌ଓଙ୍କ ମୃତ୍ୟୁ

■ ପଶ୍ଚିମବଙ୍ଗରେ ୩୪ ଜଣ ଜୀବନ ହାରିଥିବା ଟିଏମସିର ଦାବି
■ ମଧ୍ୟପ୍ରଦେଶରେ ୯, ୟୁପି-ଗୁଜରାଟରେ ୪ ଜଣ ଲେଖାଏଁ ମୃତ

ନୂଆଦିଲ୍ଲୀ, ୨୭।୧୧ (ଏଜେନ୍ସି): ଦେଶରେ ୧୨ଟି ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚ ତଥା ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବୁଥ୍ ଲେଭୁଲ ଅଫିସର (ବିଏଲଓ)ଙ୍କୁ ଦିନରାତି କାମ କରିବାକୁ ପଡୁଛି। ୧୨ ରାଜ୍ୟର ୫୧ କୋଟିରୁ ଅଧିକ ଭୋଟରଙ୍କ ପାଖରେ ପହଞ୍ଚୁଥିବା ବିଏଲଓଙ୍କ ଉପରେ ପ୍ରବଳ ଚାପର ସମ୍ମୁଖୀନ ହେଉଛନ୍ତି। ଦିନକୁ ୧୬ରୁ ୧୭ ଘଣ୍ଟା କାମ କରୁଛନ୍ତି। ଆଉ ଏହି କାର୍ଯ୍ୟଚାପ ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଉଛି ଏବଂ କେହି କେହି ଅବସାଦଗ୍ରସ୍ତ ହୋଇ ଜୀବନ ହାରୁଛନ୍ତି। ଏସ୍‌ଆଇଆର ପ୍ରକ୍ରିୟା ଆରମ୍ଭ ହେବାର ୨୨ ଦିନ ମଧ୍ୟରେ ୭ ରାଜ୍ୟରେ ୨୫ ବିଏଲଓ ପ୍ରାଣ ହରାଇଲେଣି। ତେବେ ପଶ୍ଚିମବଙ୍ଗରେ କେବଳ ୩୪ ବିଏଲଓଙ୍କ ମୃତ୍ୟୁ ହୋଇଥିବା କ୍ଷମତାସୀନ ଟିଏମ୍‌ସି ପକ୍ଷରୁ ଦାବି କରାଯାଇଛି। ଏହି ସବୁ ମୃତ୍ୟୁକୁ ନେଇ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଷ ରାଜସ୍ଥାନ, ଉତ୍ତର ପ୍ରଦେଶରେ ରାଜନୀତି ଜୋର୍ ଧରିଛି। ଏହି ପ୍ରକ୍ରିୟାକୁ ବନ୍ଦ କରିବା ପାଇଁ ବିରୋଧୀ ଦାବି କରୁଛନ୍ତି। ସେହିପରି ନିର୍ବାଚନ କମିଶନ (ଇସି)ଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ କାର୍ଯ୍ୟଚାପରେ କାହାର ମୃତ୍ୟୁ ହୋଇ ନ ଥିବା କୁହାଯାଇଛି।



ପଶ୍ଚିମବଙ୍ଗ ମନ୍ତ୍ରୀ ଅରୁପ ବିଶ୍ୱାସ କହିଛନ୍ତି ଯେ ଏସଆଇଆର ଯୋଗୁଁ ୩୪ ଲୋକ ଜୀବନ ହାରିଲେଣି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ ଗଳାବାଟ ଦେଇ ଏନ୍‌ଆରସି ଲାଗୁ କରିବାକୁ ଏବଂ ଭୟର ସ୍ଥିତି ସୃଷ୍ଟି ପାଇଁ ଏସଆଇଆର କରାଯାଉଛି। ସେହିପରି ଟିଏମସି ଚାପରେ ଜାଲ୍ ଏବଂ ସନ୍ଦେହଜନକ ବ୍ୟକ୍ତିଙ୍କ ନାମ ତାଲିକାରେ ସାମିଲ କରାଯାଉଛି ବୋଲି ବିଜେପି ଆଇଟି ସେଲ୍ ମୁଖ୍ୟ ଅମିଲ ମାଲବୀୟ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ମଧ୍ୟପ୍ରଦେଶରେ ସର୍ବାଧିକ ୯ ଜଣ, ଉତ୍ତର ପ୍ରଦେଶ ଓ ଗୁଜରାଟରେ ୪ ଜଣ ଲେଖାଏଁ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ୩ ଜଣ ଲେଖାଏଁ ଏବଂ ତାମିଲନାଡୁ, କେରଳରେ ଜଣେ ଲେଖାଏଁ ବିଏଲଓ ପ୍ରାଣ ହରାଇଲେଣି।

ଉତ୍ତରପ୍ରଦେଶ ଗୋଣ୍ଡାର ବିଏଲଓ ତଥା ଶିକ୍ଷକ ବିପିନ ଯାଦବ ସୋମବାର ବିଷ ଖାଇ ଆତ୍ମହତ୍ୟା କରିଥିଲେ। ତାଙ୍କ ବାପା ପ୍ରଶାସନ ବିରୋଧରେ ଗୁରୁତର ଅଭିଯୋଗ ଲଗାଇ କହିଛନ୍ତି ଯେ ଓବିସି ଭୋଟରଙ୍କ ନାମ ହଟାଇବା ଏବଂ ସାଧାରଣ ବର୍ଗର ନାମ ବଢ଼ାଇବାକୁ ବିଡିଓ ପୁଅ ଉପରେ ଚାପ ପକାଇ ଥିଲେ। ଏପରି ମନା କରିବାରୁ ନିଲମ୍ବନ ଏବଂ ଗିରଫ ଧମକ ଦିଆଯାଇଥିଲା। ସେହିପରି ବୁଧବାର ବରେଲିର ବିଏଲଓ ସର୍ବେଶ ଗଙ୍ଗୱାର ପ୍ରାଣ ହରାଇ ଥିଲେ। ତାଙ୍କ ଭାଇ ଯୋଗେଶ କହିଥିଲେ ଯେ ଏସଆଇଆର ଚାପ ଯୋଗୁ ବେଶୀ ରାତି ପର୍ଯ୍ୟନ୍ତ କାମ କରିବାକୁ ପଡୁଥିଲା। ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ସେ ଛିଡ଼ା ହୋଇଥିବାବେଳେ ଅଚାନକ ଖସି ପଡ଼ି ପ୍ରାଣ ହରାଇ ଥିଲେ।

## ଏସ୍‌ଆଇଆର୍ ଆଳରେ ଭଉଣୀଙ୍କ ଜମିକୁ ନିଜ ନାମରେ କରିନେଲେ

ଲକ୍ଷ୍ନୌ, ୨୭।୧୧ (ଏଜେନ୍ସି): ଉତ୍ତର ପ୍ରଦେଶ ଫିରୋଜାବାଦରେ ଏସ୍‌ଆଇଆରକୁ ନେଇ ବଡ଼ ଠକେଇ ମାମଲା ସାମ୍ନାକୁ ଆସିଛି। ଏସଆଇଆର ବାହାନାରେ ଭଉଣୀର ଜମିକୁ ଭାଇ ନିଜ ନାମରେ କରାଇ ନେଇଛି। ଅଭିଯୁକ୍ତର ଭଉଣୀ ପାଠ ପଢ଼ାଲେଖା ଜାଣିନାହାନ୍ତି। ତେଣୁ ଭାଇର ଏହାର ସୁଯୋଗ ଉଠାଇ ଥିଲା। ଭଉଣୀକୁ ହରିୟାଣାର ଗୁରୁଗ୍ରାମକୁ ଡାକି ଏସଆଇଆର କାମ ପାଇଁ ତହସିଲ ଯାଇ ଦସ୍ତଖତ କରିବାକୁ କହିଥିଲା। ଏପରି ନ କଲେ ସରକାର ଦେଶରୁ ବାହାର କରିଦେବେ ବୋଲି ଧମକ ଦେଇଥିଲା। ତହସିଲରେ କୋଠା ଏବଂ ଦୋକାନକୁ ଭାଇକୁ ଗିଫ୍ଟରେ ଦେଉଛନ୍ତି କି ବୋଲି ମହିଳାଙ୍କୁ ପଚରା ଯାଇଥିଲା। ଗିଫ୍ଟର ଅର୍ଥ ବୁଝି ନ ପାରି ମହିଳା ହଁ କରି ଦସ୍ତଖତ କରିଦେଇଥିଲେ। ଏବେ ପୀଡ଼ିତା ସରତାଜ ଖାନମ ଏସଏସପି ଏବଂ କୋର୍ଟରେ ଅଭିଯୋଗ ଦାଏର କରିଛନ୍ତି। ରେଜେଷ୍ଟ୍ରି ରଦ୍ଦ କରିବାକୁ ନିବେଦନ କରିଛନ୍ତି।

ଅନ୍ୟପଟେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଗୁରୁବାର ଏସଆଇଆର ଫର୍ମ ପୂରଣ କରିଛନ୍ତି। କିଛି ତ୍ରୁଟି ଥିଲେ ଜଣାଇବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି। ଏହା ମଧ୍ୟରେ ଗାଜିଆବାଦରେ ବିଏଲଓ ଡ୍ୟୁଟିରେ ମୁତୟନ ୨୧ ଜଣଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଏତଲା ରୁଜୁ କରିଛି। ଏମାନଙ୍କ ମଧ୍ୟରେ ୪ ଶିକ୍ଷକ ସାମିଲ ଅଛନ୍ତି। ଗୋଣ୍ଡାରେ ବିଏଲଓ ବିପିନ ଯାଦବଙ୍କ ଆତ୍ମହତ୍ୟାକୁ ନେଇ ରାହୁଲ ସରକାରଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ଏସଆଇଆର ନାମରେ ପଛୁଆ, ଦଳିତ, ବଞ୍ଚିତ ବର୍ଗଙ୍କୁ ଭୋଟର ତାଲିକାରୁ ହଟାଯାଇ ବିଜେପି ନିଜ ମନଇଛା ତାଲିକା ପ୍ରସ୍ତୁତ କରୁଛି। ଗଣତନ୍ତ୍ରର ହତ୍ୟା ପାଇଁ ନିର୍ବାଚନ କମିଶନ ଦାୟୀ।

ସାମାଜିକ ଗଣମାଧ୍ୟମକୁ ବ୍ୟାପିଲା କର୍ଣ୍ଣାଟକ କଂଗ୍ରେସ କଳି

## ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା-ଉପମୁଖ୍ୟମନ୍ତ୍ରୀ ଡିକେ ମୁହାଁମୁହିଁ

ବେଙ୍ଗାଲୁରୁ, ୨୭।୧୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ କଳି ତୁଟିବାର ନା ଧରୁନି। ମୁଖ୍ୟମନ୍ତ୍ରୀ ପଦକୁ ନେଇ ଜାରି ଶୀତଳ ଯୁଦ୍ଧ ଖୋଲାଖୋଲି ଭାବେ ସାମ୍ନାକୁ ଆସିଛି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏବଂ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଜାରି ଶୀତଳ ଯୁଦ୍ଧ ଆଜି ସର୍ବସମ୍ମୁଖକୁ ଆସିଯାଇଛି। ଦୁଇ ନେତାଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ଶିବକୁମାର ଗୁରୁବାର ସକାଳେ ପୋଷ୍ଟ କରି ଲେଖି ଥିଲେ ଯେ ଆମ ଶବ୍ଦ ଦୁନିଆର ସବୁଠାରୁ ବଡ଼ ଶକ୍ତି। ବିଚାରପତି ହୁଅନ୍ତୁ ଅବା ରାଷ୍ଟ୍ରପତି କିମ୍ବା ମୁଁ ସମସ୍ତେ ନିଜ ପ୍ରତିଶ୍ରୁତି ପାଳନ କରିବା ଉଚିତ। ଅନ୍ୟପଟେ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ପୋଷ୍ଟ କରି ଲେଖିଥିଲେ ଯେ ଶକ୍ତି କେବଳ ଶବ୍ଦରେ ନୁହେଁ, ବରଂ କାମ ଏବଂ ଜନତାଙ୍କ ପାଇଁ କରାଯାଇଥିବା ପ୍ରୟାସରେ ଥାଏ। ଲୋକଙ୍କ ପାଇଁ ବିଶ୍ୱକୁ ଉତ୍ତମ ବନାଇଲେ ଶବ୍ଦ ଶକ୍ତି ପାଲଟି ଯାଇଥାଏ।



କର୍ଣ୍ଣାଟକ ଲୋକ ଯେଉଁ ଜନାଦେଶ ଦେଇଛନ୍ତି ତାହା କିଛି କ୍ଷଣ ଲାଗି ନୁହେଁ, ବରଂ ସମ୍ପୂର୍ଣ୍ଣ ୫ ବର୍ଷର ଦାୟିତ୍ୱ। କର୍ଣ୍ଣାଟକ ପାଇଁ ଆମର ପ୍ରତିଶ୍ରୁତି କୌଣସି ସ୍ଲୋଗାନ ନୁହେଁ, ବରଂ ସାରା ବିଶ୍ୱ ବୋଲି ସିଦ୍ଧରମେୟା ଲେଖିଛନ୍ତି। ଏହାକୁ ଶିବକୁମାରଙ୍କ ପୋଷ୍ଟର ଜବାବ ଭାବେ ଦେଖାଯାଉଛି।

ଡିକେଙ୍କ ସମର୍ଥକ ବିଧାୟକଙ୍କ ଅନୁଯାୟୀ ୨୦୨୩ରେ ସରକାର ଗଠନ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଅଢେଇ ବର୍ଷର ଡିଲ୍ ହୋଇଥିଲା। କିନ୍ତୁ ସିଦ୍ଧରମେୟାଙ୍କ ସମର୍ଥକ ଏହାକୁ ମାନୁନାହାନ୍ତି। ଗତ ୨୦ ତାରିଖରେ ଅଢେଇ ବର୍ଷର ଅବଧି ଶେଷ ହେବା ପରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ଚର୍ଚ୍ଚା ଜୋର ଧରିଥିଲା। ଏବେ କ୍ଷମତା ସନ୍ତୁଳନ ପାଇଁ ବୟାନବାଜି ଜାରି ରହିଛି। ଡିକେଙ୍କ ସମର୍ଥନରେ କିଛି ବିଧାୟକ ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କୁ ଭେଟିଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ପଦ ଛାଡ଼ିବାକୁ ଚାହୁଁନାହାନ୍ତି। ସେ କ୍ୟାବିନେଟ ଅଦଳବଦଳ ଚାହୁଁଛନ୍ତି। କିନ୍ତୁ ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ବଦଳା ଯାଉ ବୋଲି ଡିକେ ଦାବି କରୁଛନ୍ତି। ଏହାକୁ ନେଇ ଡିକେ କଂଗ୍ରେସ ନେତୃତ୍ୱଙ୍କୁ ସଙ୍କେତ ଦେଇ ପ୍ରତିଶ୍ରୁତି ପାଳନ କରିବାକୁ କହିଥିଲେ।

## ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିମାଡ଼; ୨ ଆହତ

ୱାଶିଂଟନ, ୨୭ ।୧୧(ଏଜେନ୍ସି): ଆମେରିକାରେ ବୁଧବାର ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିକାଣ୍ଡ ଘଟିଛି। ଏଥିରେ ଦୁଇଜଣ ନ୍ୟାସନାଲ ଗାର୍ଡ ଆହତ ହୋଇଛନ୍ତି। ଏହି ଘଟଣାରେ ଆଫଗାନିସ୍ତାନର ଜଣେ ଶରଣାର୍ଥୀଙ୍କୁ ଗିରଫ କରାଯାଇଛି। ଏଫ୍‌ବିଆଇର ଅଧିକାରୀ ଦେଇଥିବା ସୂଚନା ଅନୁସାରେ ଆକ୍ରମଣରେ ସାମିଲ ସଂଦୀଗ୍ଧର ହେଉଛି ୨୯ ବର୍ଷୀୟ ରହମାନୁଲା ଲାକନବାଲ। ସେ ୨୦୨୧ ଅଗଷ୍ଟରେ ଆଫଗାନିସ୍ତାନରୁ ଆମେରିକା ଆସିଥିଲା। ୨୦୨୫ରେ ତାକୁ ନାଗରିକତା ମିଳିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଆତଙ୍କବାଦୀ ଆକ୍ରମଣ ବୋଲି କହିଛନ୍ତି। ଏହି ଘଟଣାରେ ଯିଏବି ସାମିଲ ଥାନ୍ତୁ ନା କାହିଁକି ତାଙ୍କୁ ଗମ୍ଭୀର ପରିଣାମ ଭୋଗିବାକୁ ହେବ ବୋଲି ଟ୍ରମ୍ପ କହିଛନ୍ତି। ଏଥିସହ ଆମେରିକାରେ ଆଫଗାନ ଶରଣାର୍ଥୀଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରିବାକୁ ଘୋଷଣା କରିଛନ୍ତି।

## ଦେଶର ପ୍ରଥମ ଘରୋଇ ଅର୍ବିଟାଲ ରକେଟ ଉନ୍ମୋଚନ କଲେ ମୋଦୀ

ନୂଆଦିଲ୍ଲୀ, ୨୭ ।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଦେଶର ପ୍ରଥମ ଘରୋଇ ଅର୍ବିଟାଲ ରକେଟ୍ ଉନ୍ମୋଚନ କରିଛନ୍ତି। ଏହି ରକେଟର ନାମ ବିକ୍ରମ-୧ ରଖାଯାଇଛି। ଏହାର ଉଚ୍ଚତା ୭ ମହଲା କୋଠା ସହିତ ସମାନ। ଅର୍ଥାତ ରକେଟର ଉଚ୍ଚତା ଅର୍ଥାତ ୨୬ମିଟର। ଏହି ରକେଟକୁ ଏକ ଘରୋଇ ସ୍ପେସ୍ କମ୍ପାନୀ 'ସ୍କାଏରୁଟ୍ ଏରୋସ୍ପେଶ୍' ନିର୍ମାଣ କରିଛି। ଏହାକୁ ୨୦୨୬ରେ ଲଞ୍ଚ୍ କରାଯିବ। ଏହି ରକେଟ ନିଜ ସହିତ ୩୦୦ କେଜି ଓଜନର ଉପଗ୍ରହ ଅନ୍ତରୀକ୍ଷ ନେବାକୁ ସକ୍ଷମ ବୋଲି କୁହାଯାଇଛି। ରକେଟକୁ ବାଦ୍ ଦେଲେ ପ୍ରଧାନମନ୍ତ୍ରୀ କମ୍ପାନୀର ଇନ୍‌ଫିନିଟି କ୍ୟାମ୍ପସର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହି କ୍ୟାମ୍ପସରେ ଏକାଧିକ ଲଞ୍ଚ୍ ଭେଇକଲର ଡିଜାଇନ୍, ଡେଭଲପମେଣ୍ଟ, ଇଣ୍ଟିଗ୍ରେସନ ଓ ଟେଷ୍ଟିଂର କାର୍ଯ୍ୟ କରାଯିବ। ଏହି କ୍ୟାମ୍ପସ ହାଇଦରାବାଦ୍‌ରେ ରହିଛି। ସ୍କାଇରୁଟ ଏରୋସ୍ପେଶ କମ୍ପାନୀକୁ ୨୦୧୮ରେ ପବନ ଚନ୍ଦନା ଓ ଭାରତ ଢାକ ସ୍ଥାପନ କରିଥିଲେ। ଏହି ଦୁଇଜଣ ଆଇଆଇଟି ପାସ୍‌ଆଉଟ୍ ଓ ପୂର୍ବତନ ଇସ୍ରୋ ବୈଜ୍ଞାନିକ।



## ଇଣ୍ଡୋନେସିଆରେ ୩୦ ଦିନରେ ୧, ୪୦୦ ଭୂକମ୍ପ

ଜାକର୍ତ୍ତା, ୨୭ ।୧୧(ଏଜେନ୍ସି): ଇଣ୍ଡୋନେସିଆରେ ଗୁରୁବାର ଆସେ ରାଜ୍ୟ ନିକଟରେ ସୁମାତ୍ରା ଦୀପରେ ୬.୩ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର କେନ୍ଦ୍ର ଭୂପୃଷ୍ଠର ୧୦ କିମି ତଳେ ଥିଲା। ଭୂକମ୍ପ ଦୃଷ୍ଟିକୋଣରୁ ସକ୍ରିୟ ଥିବା ଏହି ସମ୍ପୂର୍ଣ୍ଣ ଅଞ୍ଚଳ ଥରି ଉଠିଥିଲା। ସିନାବାଗର ପଶ୍ଚିମରୁ ୬୩ କିମି ଦୂରରେ ଭୂକମ୍ପର କେନ୍ଦ୍ର ଥିଲା। ଫଳରେ ଏହି ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ତେବେ ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ସୂଚନା ମିଳିନାହିଁ। ଏଥିସହ ଇଣ୍ଡୋନେସିଆରେ ଗତ ୩୦ ଦିନ ମଧ୍ୟରେ ୬.୪ ତୀବ୍ରତା ପର୍ଯ୍ୟନ୍ତ ୧, ୪୦୦ଟି ଭୂକମ୍ପର ରେକର୍ଡ ହୋଇଛି ବୋଲି ୟୁନାଇଟେଡ ଷ୍ଟେଟ୍ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ଓ ଭଲକାନୋ ଡିସ୍‌କଭରୀ ଡାଟା ତରଫରୁ କୁହାଯାଇଛି। ଇଣ୍ଡୋନେସିଆ ପ୍ରଶାନ୍ତ ମହାସାଗରର ଚାରିପଟେ ଥିବା 'ରିଙ୍ଗ ଅଫ୍ ଫାୟାର' ଉପରେ ଅବସ୍ଥିତ। ଏହା ବିଶ୍ୱର ସବୁଠାରୁ ବିପଜ୍ଜନକ ଭୂକମ୍ପ ହେଉଥିବା ସ୍ଥାନ ଉପରେ ସ୍ଥିତ। ଏହି ଅଞ୍ଚଳରେ ଥିବା ୧୫ଟି ବଡ଼-ବଡ଼ ଟେକ୍ଟୋନିକ ପ୍ଲେଟ ପରସ୍ପରକୁ ଧକ୍କା ଦେବା ସହ ଦୂରେଇ ମଧ୍ୟ ଯାଇଥାନ୍ତି। ବିଶ୍ୱର ୯୦ ପ୍ରତିଶତ ଭୂକମ୍ପ ଏହି ଅଞ୍ଚଳରେ ହିଁ ଆସିଥାଏ। ପ୍ରତିବର୍ଷ ଇଣ୍ଡୋନେସିଆରେ ଛୋଟବଡ଼ ଭୂକମ୍ପ ଆସିଥାଏ ଓ ଏହା କୌଣସି ବଡ଼ କଥା ନୁହେଁ। ସୁମାତ୍ରା ଦୀପ ତଳେ ଥିବା ଇଣ୍ଡୋ- ଅଷ୍ଟ୍ରେଲିଆନ ପ୍ଲେଟ ଧୀରେ-ଧୀରେ ଅର୍ଥାତ ପ୍ରତିବର୍ଷ ୫-୭ ସେଣ୍ଟିମିଟର ୟୁରେସିଆନ ପ୍ଲେଟ୍ ତଳକୁ ଧସିଯାଉଛି।



ଏହା ଦ୍ୱାରା ବହୁତ ଚାପ ସୃଷ୍ଟି ହୋଇଥାଏ। ଯେତେବେଳେ ଏହି ଚାପ ଏକଦମ ଆସିଛି ସେତେବେଳେ ଭୂକମ୍ପ ଆସିଥାଏ। ପୁଣି ସୁମାତ୍ରାରେ ଗ୍ରେଟ୍ ସୁମାତ୍ରା ଫଲ୍ଟ ନାମକ ଏକ ବଡ଼ ଫାଟ ମଧ୍ୟ ରହିଛି। ଏହା ଫଳରେ ପ୍ରାୟ ଭୂକମ୍ପର ଝଟ୍‌କା ଆସିଥାଏ। ଗତ କିଛିଦିନ ମଧ୍ୟରେ ଆସିଥିବା ୬.୬ ଓ ୬.୩ ତୀବ୍ରତାର ଭୂକମ୍ପ ଏହି କାରଣରୁ ହିଁ ଆସିଥିଲା। ପୂର୍ବରୁ ୨୦୦୪ରେ ସୁମାତ୍ରା ନିକଟରେ ୯.୧ ତୀବ୍ରତାର ଏକ ବଡ଼ ଭୂକମ୍ପ ଆସିଥିଲା ଓ ଏଥିରେ ୨ ଲକ୍ଷ ୩୦ ହଜାର ଲୋକ ମୃତ୍ୟୁବରଣ କରିଥିଲେ। ଏଥର କିନ୍ତୁ ୧୦ କିମି ଗଭୀରରେ ଭୂକମ୍ପର କେନ୍ଦ୍ର ଥିଲା। ଏଥିପାଇଁ ଭୂମି ଜୋରରେ ଥରି ଉଠିଥିଲା। କିନ୍ତୁ ସୁନାମୀର କୌଣସି ବିପଦ ନ ଥିଲା। କିଛିଦିନ ତଳେ ଆସିଥିବା ଘୂର୍ଣ୍ଣିବାତ୍ୟା ଓ ବନ୍ୟାରେ ଇଣ୍ଡୋନେସିଆରେ ବହୁତ କ୍ଷୟକ୍ଷତି ହୋଇଛି। ୮ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଭୂକମ୍ପର ଝଟ୍‌କା ବାରମ୍ବାର ଆସୁଥିବାରୁ ଲୋକେ ବହୁତ ଭୟଭୀତ ଅବସ୍ଥାରେ ଅଛନ୍ତି। ଆଗକୁ ଆହୁରି ମଧ୍ୟ ଭୂକମ୍ପ ଝଟ୍‌କାର ଆଶଙ୍କା ରହିଛି ବୋଲି ବୈଜ୍ଞାନିକମାନ କହିଛନ୍ତି। ଇଣ୍ଡୋନେସିଆରେ ଭୂକମ୍ପ ଓ ବନ୍ୟା ପ୍ରତିବର୍ଷ ଆସିଥାଏ। ଏବେ ଜଳବାୟୁ ପରିବର୍ତ୍ତନ କାରଣରୁ ଅଧିକ ବର୍ଷା ଓ ଭୂକମ୍ପର ପ୍ରଭାବ ବଢ଼ିବାରେ ଲାଗିଛି ବୋଲି କୁହାଯାଉଛି।

## ଇମ୍ରାନ୍‌ଙ୍କୁ ନେଇ ଥମୁନି ଚର୍ଚ୍ଚା

ଇସଲାମାବାଦ୍, ୨୭ ।୧୧(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ମୃତ୍ୟୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଥମୁନାହିଁ। ୨୦୨୩ ଅଗଷ୍ଟରେ ତାଙ୍କୁ ରାୱଲପିଣ୍ଡିର ଅଡିଆଲ ଜେଲ୍‌ରେ ରଖାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଅଛି ବୋଲି କେତେକ ଗଣମାଧ୍ୟମ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଗତ ୩ ସପ୍ତାହ ହେବ ଇମ୍ରାନଙ୍କ ୩ ଭଉଣୀ ତାଙ୍କୁ ଭେଟିବାକୁ ପ୍ରୟାସ କରୁଛନ୍ତି। କିନ୍ତୁ ଜେଲ ପ୍ରଶାସନ ସେମାନଙ୍କୁ ଅନୁମତି ଦେଉନାହିଁ। ଫଳରେ ଇମ୍ରାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନାହିଁ ବୋଲି ଅନୁମାନ କରାଯିବା ସହ ଗୁଜବ ପ୍ରସାରିତ ହୋଇଛି। ଇମ୍ରାନଙ୍କ ଭଉଣୀମାନେ ସତ କହିବାକୁ ଦାବି କରିଛନ୍ତି। ଏ ନେଇ ଦ୍ୱନ୍ଦ୍ୱ ବୃଦ୍ଧି ପାଇବା ଫଳରେ ଜେଲ ପ୍ରଶାସନ ତାଙ୍କ ସ୍ୱାସ୍ଥ୍ୟ ନେଇ ସ୍ୱଷ୍ଟୀକରଣ ଦେଇଛନ୍ତି। ଇମ୍ରାନ ପୂରା ଠିକ୍ ଅଛନ୍ତି ବୋଲି ଜେଲ ପ୍ରଶାସନ କହିଛି। ଇମ୍ରାନଙ୍କ ପାର୍ଟି ପାକିସ୍ତାନ ତେହେରିକ-ଇ-ଇନ୍‌ସାଫ୍ (ପିଟିଆଇ) ତାଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ପ୍ରଚାରିତ ହେଉଥିବା ଗୁଜବ ବିଷୟରେ ସ୍ୱଷ୍ଟୀକରଣ ମାଗିଛି। ସେହିପରି ପରିବାରର ଲୋକଙ୍କ ସହ ଇମ୍ରାନଙ୍କୁ ସକ୍ଷାତ କରାଇବାର ବ୍ୟବସ୍ଥା କରିବାକୁ ମଧ୍ୟ ପାର୍ଟି ଦାବି କରିଛି। ଯଦି ଇମ୍ରାନଙ୍କର କିଛି ହୁଏ ତେବେ ତାକୁ ବରଦାସ୍ତ କରାଯିବ ନାହିଁ ବୋଲି ପାର୍ଟି ତରଫରୁ କୁହାଯାଇଛି। ପୂର୍ବରୁ ଜେଲ୍ ବାହାରେ ଧାରଣାରେ ବସିଥିବା ଇମ୍ରାନଙ୍କ ଭଉଣୀମାନଙ୍କ ଉପରେ ଲାଠିଚାର୍ଜ କରାଯାଇଥିଲା। ଗତ ଦୁଇବର୍ଷ ହେବ ସେ ଜେଲ୍‌ରେ ବନ୍ଦ ଅଛନ୍ତି। ଇସଲାମାବାଦ ହାଇକୋର୍ଟ ମଧ୍ୟ ଇମ୍ରାନଙ୍କୁ ତାଙ୍କ ପରିବାର ସହ ସାକ୍ଷାତ କରିବାକୁ ଅନୁମତି ଦେଇଛନ୍ତି। ଏହା ସତ୍ତ୍ୱେ ଜେଲ ପ୍ରଶାସନ ଅନୁମତି ଦେଉନାହିଁ ବୋଲି ଅଭିଯୋଗ ହେଉଛି।





ବିଧାନସଭାରେ ଅଭିଭାଷଣ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ କରୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ



ଏକ ବିଶେଷ ମୁହୂର୍ତ୍ତରେ ନବୀନ ପଟ୍ଟନାୟକଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

### ଆଜିଠୁ ଖୋଲିବ ମଣ୍ଡି

## ଏଯାଏ ମିଳିନି ଟୋକନ୍

ଭୁବନେଶ୍ୱର/ବରଗଡ଼, ୨୭ ।୧୧(ସମିସ): ଚଳିତ ଖରିଫ୍ ଋତୁର ଧାନକିଣା ପ୍ରକ୍ରିୟା ଆସନ୍ତାକାଲି ଅର୍ଥାତ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ପ୍ରଥମ ଦିନରେ ବରଗଡ଼ ସମେତ ସମ୍ବଲପୁର ଜିଲ୍ଲାରୁ ଧାନ କିଣା ହେବ। ମାତ୍ର, ଏଯାଏ ଚାଷୀଙ୍କୁ ଟୋକନ୍ ମିଳିନାହିଁ। ତେଣୁ, ଆସନ୍ତାକାଲିଠାରୁ ଧାନକିଣା ଆରମ୍ଭ ହେବ ନା ନାହିଁ, ସେ ସମ୍ପର୍କରେ କୌଣସି ସ୍ୱଷ୍ଟତା ନ ଥିବାରୁ ସରକାରଙ୍କଠାରୁ ସ୍ୱଷ୍ଟୀକରଣ ଦାବି କରି ସଂଯୁକ୍ତ କୃଷକ ସଂଗଠନ ବରଗଡ଼ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି।

ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାରୁ ଶୁକ୍ରବାରଠାରୁ ଧାନ କିଣା ପାଇଁ ଡିଏଲ୍‌ପିସି ବୈଠକରେ ନିଷ୍ପତ୍ତି ହୋଇଛି। ହେଲେ ଧାନ ବିକିବା ପାଇଁ ଚାଷୀଙ୍କୁ ଟୋକନ୍ ଦିଆଯାଇନାହିଁ। ଚାଷୀମାନେ ବିଭିନ୍ନ ମଣ୍ଡିରେ ହଜାରହଜାର କ୍ୱିଣ୍ଟାଲ୍ ଧାନ ଗଦା କଲେଣି। ମାତ୍ର କେବେ ସୁଦ୍ଧା ଚାଷୀଙ୍କୁ ଟୋକନ୍ ଦେଇ ଧାନ କିଣା ଆରମ୍ଭ କରିବେ, ସେନେଇ ସରକାର କୌଣସି ସ୍ୱଷ୍ଟ ସୂଚନା ଦେଉନାହାନ୍ତି। ଯାହାର ସୁଯୋଗ ନେଇ ଜିଲ୍ଲାରେ ଧାନ ମାଫିଆ ମାତିଲେଣି। ଚାଷୀଙ୍କ



ବରଗଡ଼ ଜିଲ୍ଲାପାଳଙ୍କୁ ଚାଷୀଙ୍କ ଦାବିପତ୍ର

ଆବଶ୍ୟକତା ଥିବାରୁ ସେମାନେ ବାଧ ହୋଇ ଦଲାଲମାନଙ୍କୁ କ୍ୱିଣ୍ଟାଲ ପିଛା ମାତ୍ର ୧୫ରୁ ୧୬ଶହ ମଧ୍ୟରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଅନୁରୂପ ଭାବେ ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣ ନୀତି ପାଇଁ ବହୁ ଚାଷୀ ପଞ୍ଜୀକରଣ କରିପାରିନାହାନ୍ତି। ସାର ଏବଂ ଉନ୍ନତ ବିହନ ଏବଂ ଆଧୁନିକ ଜ୍ଞାନକୌଶଳ ଉପଯୋଗ କରି ଅଧିକ ଅମଳ ହେଉଥିଲେ ମଧ୍ୟ ବଳକା ଧାନ କିଣିବାକୁ ସରକାର ବ୍ୟବସ୍ଥା କରି ନଥିବାରୁ ଚାଷୀମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏଣୁ, ବଳକା ଧାନକିଣା ବ୍ୟବସ୍ଥା କରିବା ସହ ଧାନକିଣା ସମ୍ପର୍କରେ ସ୍ୱଷ୍ଟୀକରଣ ରଖିବାକୁ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟଥା ବଡ଼ଧରଣର ଚାଷୀ ଆନ୍ଦୋଳନ କରିବା ପାଇଁ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ଅନୁରୂପ ଭାବେ ସମ୍ବଲପୁର ଜିଲ୍ଲାରେ ମଧ୍ୟ ସମାନ ଅବ୍ୟବସ୍ଥା ଲାଗି ରହିଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆସନ୍ତାକାଲିଠାରୁ ଧାନକିଣା ସ୍ୱାଭାବିକ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଭିନ୍ନ କୃଷକ ସଂଗଠନ ଚେତାବନୀ ଦେଇଛନ୍ତି।

### ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଝଟ୍‌କା

## ବିଧାୟକ, ସାଂସଦଙ୍କ ସୁପାରିସରେ ଶିକ୍ଷକ ବଦଳି ନିଷ୍ପତ୍ତି ରଦ୍ଦ

କଟକ, ୨୭।୧୧(ସମିସ): ବିଧାୟକ ଓ ସାଂସଦମାନଙ୍କ ସୁପାରିସ ଭିତ୍ତିରେ ଶିକ୍ଷକ ବଦଳି ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଲାଗିଛି ହାଇକୋର୍ଟଙ୍କ ଝଟ୍‌କା। ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ଶିକ୍ଷକଙ୍କ ବଦଳି ପାଇଁ ବିଧାୟକ ଓ ସାଂସଦ ସୁପାରିସ୍ କରିବା ସମ୍ପର୍କିତ ନିଷ୍ପତ୍ତି ତଥା ଗତ ମେ' ୧୩ରେ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ଜାରି ହୋଇଥିବା ଚିଠିକୁ ହାଇକୋର୍ଟ ଆଜି ରଦ୍ଦ କରିଦେଇଛନ୍ତି। ଫକିର ମହାନନ୍ଦ, ରାହୁଲ ତ୍ରିପାଠୀ ଓ ଅନ୍ୟ ଶିକ୍ଷକମାନଙ୍କ ତରଫରୁ ରୁଜୁ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ରାୟ ପ୍ରକାଶ କରିଛନ୍ତି। ରାଷ୍ଟ୍ର ଗଠନ କ୍ଷେତ୍ରରେ ଶିକ୍ଷକମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଣୁ, ସେମାନଙ୍କ ବଦଳି କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପକୁ ହାଇକୋର୍ଟ ନାପସନ୍ଦ କରିଛନ୍ତି। ବିଶେଷକରି ବିଧାୟକ ଓ ସାଂସଦଙ୍କ ସୁପାରିସ କ୍ଷମତା ଦ୍ୱାରା ଶିକ୍ଷକ ଗୋଷ୍ଠୀ ସହ ରାଜନୈତିକ ଦଳ ଓ ବ୍ୟକ୍ତିଙ୍କ ମଧ୍ୟରେ ଏକ ମେଣ୍ଟ ସୃଷ୍ଟି ହେବ, ଯାହା ବ୍ୟବସ୍ଥା ପାଇଁ ଶୁଭଙ୍କର ନୁହେଁ ବୋଲି ହାଇକୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି।

ଯେଉଁ ଆବେଦନକାରୀ ଶିକ୍ଷକମାନେ ଅନ୍ତରୀଣ ରହିତାଦେଶ ବଳରେ ପୂର୍ବ ସ୍ଥାନରେ କାର୍ଯ୍ୟ କରୁଛନ୍ତି, ସେମାନେ ଏବେ ସେହିଠାରେ କାର୍ଯ୍ୟ କରିବେ। ତେବେ ଉକ୍ତ ସୁପାରିସ ଆଧାରରେ ଯେଉଁମାନଙ୍କ ବଦଳି ହୋଇଛି ଓ ସେମାନେ ନୂତନ ସ୍ଥାନରେ ଯୋଗ ଦେଇସାରିଛନ୍ତି, ସେମାନେ ୨୦୨୫-୨୬ ଶିକ୍ଷା ବର୍ଷ ଶେଷ ପର୍ଯ୍ୟନ୍ତ ସେଠାରେ କାର୍ଯ୍ୟ କରିବେ। ଏହାର ଏକ ସପ୍ତାହ ମଧ୍ୟରେ ସେହି ଶିକ୍ଷକମାନଙ୍କୁ ମୂଳ ସ୍ଥାନକୁ ଫେରାଇ ଅଣାଯିବ ବୋଲି ହାଇକୋର୍ଟ ସ୍ୱଷ୍ଟ କରିଛନ୍ତି। ମାମଲାର ଶୁଣାଣି ବେଳେ ଆବେଦନକାରୀଙ୍କ ପକ୍ଷରୁ ସୁପ୍ରିମକୋର୍ଟଙ୍କ ଟି. ସୁବ୍ରମଣ୍ୟମ ବନାମ କର୍ଣ୍ଣାଟକ ସରକାରଙ୍କ ରାୟକୁ ଉପସ୍ଥାପନ କରାଯାଇଥିଲା। ଏହି ରାୟଅନୁସାରେ, କେବଳ ମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ିଲେ ମନ୍ତ୍ରୀମାନେ ମଧ୍ୟ ଏଭଳି ବଦଳି କରିବାର କ୍ଷମତା ଧାରଣ କରିନାହାନ୍ତି ବୋଲି ସ୍ୱଷ୍ଟ ହୋଇଥିଲା।

ମାମଲାରୁ ପ୍ରକାଶ, ବିଧାୟକ ଓ ସାଂସଦମାନେ ନିଜ ନିର୍ବାଚନମଣ୍ଡଳୀର ୧୫ଜଣ ପର୍ଯ୍ୟନ୍ତ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିପାରିବେ ବୋଲି ସରକାର ନେଇଥିବା ନିଷ୍ପତ୍ତିକୁ ବିଭାଗୀୟ ଯୁଗ୍ମ ସଚିବଙ୍କ ପକ୍ଷରୁ ଗତ ମେ' ୧୩ ତାରିଖରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ଦିଆଯାଇଥିଲା। ବଦଳି ସୁପାରିସ ଜିଲ୍ଲା ସ୍ତରୀୟ ବଦଳି କମିଟି (ଡିଏଲଟିସି)କୁ ମେ' ୧୫ରୁ ଜୁନ୍ ୫ମଧ୍ୟରେ ପଠାଯିବା ପରେ କମିଟି କାର୍ଯ୍ୟକାରୀ କରିବ ବୋଲି ଉଲ୍ଲେଖ ଥିଲା। ଆବେଦନକାରୀ ଶିକ୍ଷକମାନଙ୍କୁ ମଧ୍ୟ ଅନୁରୂପ ଭାବ ସ୍ଥାନୀୟ ବିଧାୟକ ଓ ସାଂସଦଙ୍କ ସୁପାରିସକ୍ରମେ ବଦଳି କରାଯାଇଥିଲା। ଏପରିକି, ଆବେଦନକାରୀଙ୍କୁ ୧୦୦କି.ମି ଦୂରକୁ ବଦଳି ପାଇଁ ଆଦେଶ ଜାରି ହୋଇଥିଲା। ଏଭଳି ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବଦଳି ନିଷ୍ପତ୍ତି ପାଇଁ କୌଣସି କ୍ଷମତା କିମ୍ବା ଯଥାର୍ଥତା ନଥିବା ବେଳେ ବଦଳି ଆଦେଶକୁ ବେଆଇନ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପୁରୁଷୋତ୍ତମ ଚୁଳି, ରାମଦାସ ଆଚାରି, ସୁକାନ୍ତ ଦଳାଇ ଓ ଅନ୍ୟମାନେ ମାମଲା ପରିଚାଳନା କରୁଥିଲେ।

### ମାଧ୍ୟମିକ ଶିକ୍ଷକ ଦମ୍ପତି ବଦଳିରେ ବିଳମ୍ବ

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ ଧମକ

ଭୁବନେଶ୍ୱର, ୨୭ ।୧୧(ସମିସ): ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦମ୍ପତିଙ୍କ ବଦଳିରେ ଚଳିତ ବର୍ଷ ଅହେତୁକ ବିଳମ୍ବ ହୋଇଛି। ପ୍ରାୟ ୬ ମାସରୁ ଅଧିକ ସମୟ ହେଲା ଆଶାୟୀମାନେ ଆବେଦନ କରିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଜାଣିଶୁଣି ବିଳମ୍ବ କରାଯାଉଥିବା ଅଭିଯୋଗ କରିଛନ୍ତି। ଆସନ୍ତା ୧୦ ଦିନ ମଧ୍ୟରେ ବଦଳି ନିର୍ଦ୍ଦେଶନାମା ପ୍ରକାଶ କରା ନ ଗଲେ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିବେ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ମାଧ୍ୟମିକ ଶିକ୍ଷକଙ୍କ ବଦଳି କ୍ଷେତ୍ରରେ ଦମ୍ପତି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପ୍ରାଥମିକତା ଭିତ୍ତିରେ ବଦଳି ପ୍ରକ୍ରିୟା କରିବାର ପ୍ରାବଧାନ ରହିଛି। ହେଲେ, ଚଳିତବର୍ଷ ସେମାନଙ୍କୁ ଅଣଦେଖା କରି ଅନ୍ୟ ଶିକ୍ଷକଙ୍କର ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏପରିକି, ଆବେଦନକୁ ଦୀର୍ଘ ୬ମାସ ଅତିକ୍ରମ କରିଥିଲେ ମଧ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବଦଳି ନିୟମର ଏହା ଖୋଲା ଉଲ୍ଲଂଘନ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭିନ୍ନ ଆଳ ଦେଖାଇ ସେମାନଙ୍କର ବଦଳି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁ ନଥିବା ସଂଘ ଅଭିଯୋଗ କରିଛି। ବାରମ୍ବାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ସଚିବଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପ୍ରାଥମିକ ଦମ୍ପତି ଶିକ୍ଷକଙ୍କ ବଦଳି ହୋଇସାରିଥିବା ବେଳେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ କାହିଁକି ବିଳମ୍ବ କରାଯାଉଛି ବୋଲି ଶିକ୍ଷକମାନେ ପ୍ରଶ୍ନ କରିବା ସହ ୧୦ ଦିନ ମଧ୍ୟରେ ବଦଳି ପ୍ରକ୍ରିୟା ସାରିବାକୁ ଦାବି କରିଛନ୍ତି। ଅନ୍ୟଥା ଆବେଦନ କରିଥିବା ପ୍ରାୟ ୨ଶହରୁ ଅଧିକ ଦମ୍ପତି ଶିକ୍ଷକ ଶିକ୍ଷୟିତ୍ରୀ ସପରିବାର ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଦିବାରାତ୍ର ଧାରଣାରେ ବସିବେ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି।

### ଏସ୍‌ଆଇ ଚାକିରି ବିକ୍ରି ମାମଲା

## ୩ ଦିନିଆ ସିବିଆଇ ରିମାଣ୍ଡରେ ୪ ମଧ୍ୟସ୍ଥ

ଭୁବନେଶ୍ୱର,୨୭।୧୧(ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ୪ଜଣ ମଧ୍ୟସ୍ଥଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ୩ଦିନିଆ ରିମାଣ୍ଡରେ ନେଇଛି। ଏହି ମଧ୍ୟସ୍ଥମାନେ ହେଲେ, ବିଶ୍ୱରଞ୍ଜନ ବେହେରା, ଲୋକନାଥ ସାହୁ, ଫଲିମ୍ ଅହମ୍ମଦ ଖାନ୍ ଏବଂ ବିଶ୍ୱରଞ୍ଜନ ହରିଶ୍ଚନ୍ଦନ। ଏମାନଙ୍କୁ ରିମାଣ୍ଡରେ ନେବା ପାଇଁ ସକାଳୁ ସିବିଆଇ ଟିମ୍ ଝାରପଡ଼ା ଜେଲରେ ପହଞ୍ଚିଥିଲା। ସବୁ ଔପଚାରିକତା ଶେଷ କରିବା ପରେ ୪ ଜଣଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ସିବିଆଇ କାର୍ଯ୍ୟାଳୟକୁ ନିଆଯାଇଥିଲା। ଏମାନଙ୍କୁ ସିବିଆଇର ସ୍ୱତନ୍ତ୍ର ଟିମ୍ ଦିନତମାମ ଜେରା କରିଥିଲା। ଚାକିରି ବିକ୍ରି ସିଣ୍ଡିକେଟ୍ ସମ୍ପର୍କରେ ଏମାନଙ୍କଠାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାଯାଇଛି।

ମିଳିଥିବା ସୂଚନା ମୁତାବକ, ସିବିଆଇ ପରୀକ୍ଷା ଚାକିରି ବିକ୍ରି କରୁଥିବା କ୍ରାଇମ୍ ସିଣ୍ଡିକେଟ୍‌ର ପ୍ରତ୍ୟେକ ସଦସ୍ୟମାନଙ୍କୁ ଧରିବାକୁ ଏକ ଫୁଲପ୍ରୁଫ୍ ଯୋଜନା ପ୍ରସ୍ତୁତ କରିଛି। ଅଭିଯୁକ୍ତମାନଙ୍କୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ପ୍ରଥମ ଶ୍ରେଣୀରେ ରହିଛନ୍ତି ଚାକିରି ଆଶାୟୀ, ଯେଉଁମାନେ ଟଙ୍କା ଖର୍ଚ୍ଚ କରି ଚାକିରି ପାଇବାକୁ ଯୋଜନା କରିଥିଲେ। ୬ଦିନ ଧରି ଏମାନଙ୍କୁ ଜେରା କରାଗଲା। ଏହାପରେ ଏମାନଙ୍କଠାରୁ ଯାହା କିଛି ତଥ୍ୟ ମିଳିଲା, ତାହାକୁ ଆଧାର କରି ଦ୍ୱିତୀୟ ଶ୍ରେଣୀରେ ଥିବା ମଧ୍ୟସ୍ଥଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯାଉଛି। ଏମାନଙ୍କଠାରୁ କ୍ରାଇମ୍ ସିଣ୍ଡିକେଟ୍ ସଦସ୍ୟଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ। ଏହାପରେ ସିବିଆଇ କାର୍ଯ୍ୟାଳୟରେ ହାଜର ହେବେ ସିଣ୍ଡିକେଟ୍ ଜଣେ ଜଣେ ସଦସ୍ୟ। ଏଣୁ ସିବିଆଇ ତଦନ୍ତ ପ୍ରକ୍ରିୟା ତଳୁ ଉପର ଆଡ଼କୁ ଯାଉଛି ବୋଲି ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ, ରିମାଣ୍ଡରେ ଆସିଥିବା ଅଭିଯୁକ୍ତମାନେ ସିବିଆଇ କାର୍ଯ୍ୟାଳୟରେ ହାଜର ହେବା ପରେ ସେମାନଙ୍କୁ ଜେରା ପାଇଁ ସ୍ୱତନ୍ତ୍ର ଗୃହକୁ ନିଆଯାଇଥିଲା। ହେଲେ ଏହି ଗୃହରେ ୬ଘଣ୍ଟା ପର୍ଯ୍ୟନ୍ତ ସେମାନଙ୍କୁ ସମ୍ପୂର୍ଣ୍ଣ ଏକଲା ଛାଡ଼ି ଦିଆଯାଇଥିଲା। ଗୋଟିଏ ବି ପ୍ରଶ୍ନ ନ ପଚାରି ଦୂରରୁ ସେମାନଙ୍କ ହାବଭାବକୁ ଯାଞ୍ଚ କରୁଥିଲେ ସିବିଆଇ ଅଧିକାରୀ। ଏକୁଟିଆ ଘଣ୍ଟାଘଣ୍ଟା ଧରି ବସିବା ପରେ ଅଭିଯୁକ୍ତମାନେ ଛାନିଆ ହୋଇଯାଇଥିଲେ। ଯିଏ ମାନସିକସ୍ତରରେ ଭାଙ୍ଗି ପଡୁଥିଲା ଏବଂ ସିବିଆଇ ଆଗରେ ସବୁ କିଛି ମାନିଯିବ ବୋଲି ବିଶ୍ୱାସ ହୋଇଥିଲା, ସେମାନଙ୍କୁ ହିଁ ଜେରା ଆରମ୍ଭ କରାଯାଉଥିଲା। ସେମାନଙ୍କୁ ଆରମ୍ଭ ହେଉଥିଲା ପ୍ରକୃତ ଜେରା। ଗୋଟିଏ ପରେ ଗୋଟିଏ ପଶ୍ନ ପଚରାଯାଉଥିଲା।

ସିବିଆଇର ପ୍ରଶ୍ନବାଣରେ ଘାଇଲା ହୋଇଯାଇଥିଲେ ରିମାଣ୍ଡରେ ଥିବା ଅଭିଯୁକ୍ତମାନେ। କେତେବେଳେ କାହାକୁ ଏକୁଟିଆ ଜେରା କରାଯାଉଥିଲା ତ ପୁଣି କେତେବେଳେ କଥା ନମିଶିବାରୁ କେତେବେଳେ ଏମାନଙ୍କୁ ଏକତ୍ର ଜେରା କରାଯାଉଥିଲା। ସିବିଆଇର ଗୋଟିଏ ଉଦ୍ଦେଶ୍ୟ ଥିଲା କ୍ରାଇମ୍ ସିଣ୍ଡିକେଟ୍ ସଦସ୍ୟଙ୍କ ନାଁ ସାମ୍ନାକୁ ଆଣିବା ଏବଂ ଏମାନଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିବା।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିଶ୍ୱରଞ୍ଜନ ବେହେରା ଏବଂ ଲୋକନାଥ ସାହୁଙ୍କୁ ଜେରା କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହି ରାକେଟ୍‌ର ଟଙ୍କା କାରବାର ଉପରୁ ପରଦା ହଟାଇବା। ନିଲମ୍ବିତ କନ୍‌ଷ୍ଟେବଲ ବିଶ୍ୱରଞ୍ଜନ ଜେରା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ସିବିଆଇକୁ କହିଛନ୍ତି ବୋଲି ଜଣାପଡ଼ିଛି। ସେ ସିବିଆଇ ଆଗରେ ବହୁ ଗୁମର ଖୋଲିଛନ୍ତି। ତାଙ୍କ ଘର ବାରଙ୍ଗ ଥାନା ଅଞ୍ଚଳରେ। ଚାକିରି କରିବାର କିଛି ବର୍ଷ ପରେ ସେ ଚାକିରି ବିକ୍ରି କ୍ରାଇମ୍ ସିଣ୍ଡିକେଟ୍ ସଂସ୍ପର୍ଶରେ ଆସିଥିଲେ। ବିଶ୍ୱରଞ୍ଜନ ବହୁ ମଧ୍ୟସ୍ଥଙ୍କ ସହ ଯୋଗାଯୋଗରେ ଥିଲେ। ସେ ୧୧୪ ଆଶାୟୀଙ୍କଠାରୁ ସାର୍ଟିଫିକେଟ୍ ଏବଂ ଚେକ୍ ସଂଗ୍ରହ କରିଥିଲେ। ଏହା ବଦଳରେ ସେ ପ୍ରଶ୍ନପତ୍ର ପ୍ରଦାନ କରିଥିଲେ।

## ଟ୍ରେଡିଂ ଆଳରେ ୫୦ କୋଟି ଠକେଇ

ସମ୍ବଲପୁର, ୨୭।୧୧(ସମିସ): 'ମୁଁ ଆଇଟି ଏକ୍ସପର୍ଟ। ଟ୍ରେଡିଂ କ୍ଷେତ୍ରରେ ବହୁବର୍ଷ ହେଲାଣି କାମ କରୁଛି। ମୋତେ ଟଙ୍କା ଦିଅ, ପ୍ରଥମ ମାସରେ ମୂଳଧନର ୧୦ ପ୍ରତିଶତ ଦେଇଦେବି। ୬ମାସ ପରେ ବଡ଼ ଆକାରରେ ଟଙ୍କା ଫେରାଇଦେବି। ବ୍ୟାଙ୍କ କିମ୍ବା ଅନ୍ୟ କୌଣସି କ୍ଷେତ୍ରରେ ବିନିଯୋଗ କଲେ, ଏତେ ଲାଭ ପାଇବେନି। ମୋତେ ଟଙ୍କା ଦେଲେ କୋଟିପତି ହେବେ।' ଏପରି ଲୋଭ ଦେଖାଇ ୫୦ କୋଟି ଟଙ୍କା ଠକି ନେଇଥିବା ଜଣେ ଧୂର୍ତ୍ତକୁ ସମ୍ବଲପୁର ସଦର ଥାନା ପୁଲିସ ଗିରଫ କରିଛି। ସେ ହେଲା, କ୍ଷେତରାଜପୁର ଥାନା ଚନ୍ଦନ ନଗରର ମଧୁସୂଦନ ବରାଇ(୩୬)କୁ ଗିରଫ କରିଛି। ମଧୁସୂଦନ ସଦର ଥାନା ଏନ୍‌ଏସ୍‌ସିବି କଲେଜ ଛକରେ 'ଏ ଆଣ୍ଡ ଏ' ଇଣ୍ଟରପ୍ରାଇଜେସ୍ ଇନ୍‌ଭେଷ୍ଟମେଣ୍ଟ ରିଟର୍ନ୍ସ ନାମକ ଏକ ସଂସ୍ଥା ଖୋଲି ଏପରି କାରବାର ଚଳାଇଥିଲା ବୋଲି ସମ୍ବଲପୁର ଏସପି ମୁକେଶ ଭାମୁ ସୂଚନା ଦେଇଛନ୍ତି। ପ୍ରାୟ ୪୭ଜଣ ଲୋକଙ୍କ ପାଖରୁ ଲକ୍ଷାଧିକ ମୋଟ ୫୦କୋଟି ଟଙ୍କା ଠକେଇ ହୋଇଥିବା ପୁଲିସ ଅନୁମାନ କରିଛି। ପୁଲିସ ତା' ନିକଟରୁ ଗୋଟିଏ ମୋବାଇଲ, ୬ଟି ସିପିୟୁ, ୬ଟି ମନିଟର୍, ଗୋଟିଏ ପ୍ରିଣ୍ଟର୍, ୫ଟି କି-ବୋର୍ଡ ସହ ୫ଟି ମାଉସ ଜବତ କରିଛି।

ଏସ୍‌ପି ଶ୍ରୀ ଭାମୁ କହିଛନ୍ତି ଯେ ଏ ପର୍ଯ୍ୟନ୍ତ ୨୦କୋଟିର ବ୍ୟାଙ୍କ ଟ୍ରାଞ୍ଜାକ୍ସନ୍ ବାବଦରେ ପୁଲିସ ସୂଚନା ପାଇଛି। ଅଭିଯୁକ୍ତ ପୂର୍ବରୁ ଓଡ଼ିଶା ବାହାରେ ଏକ କମ୍ପାନୀର ଆଇଟି ସେକ୍ଟରରେ କାମ କରୁଥିଲା। ପରେ ଚାକିରି ଛାଡ଼ି ଟ୍ରେଡିଂ କ୍ଷେତ୍ରରେ ପ୍ରବେଶ କରିଥିଲା। ନିଜର ଡିମାଟ୍ ଆକାଉଣ୍ଟରେ ଲୋକଙ୍କ ଟଙ୍କା ଆଣି ବିନିଯୋଗ କରୁଥିଲା। ଗ୍ରାହକ ଦେଉଥିବା ଟଙ୍କାକୁ ରଖିବା ପରେ ସେମାନଙ୍କୁ ବଣ୍ଡ ପେପର୍ ମଧ୍ୟ ଦେଉଥିଲା। କିଛି ଲୋକଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ଟଙ୍କା ଫେରାଇଥିବା ମଧ୍ୟ ସୂଚନା ରହିଛି। ଏଥିରେ ତାକୁ ଆଉ କିଛି ଯୁବକ ସହଯୋଗ କରୁଥିଲେ। ସେମାନଙ୍କୁ ଧରିବା ପାଇଁ ତନାଘନା ଚାଲିଛି। ସେହିଭଳି, କେଉଁ ପରିସ୍ଥିତିରେ ଲୋକମାନେ ଲକ୍ଷାଧିକ ଟଙ୍କା ବିନିଯୋଗ କରିବା ପାଇଁ ଦେଉଥିଲେ, ତାହା ଅଭିଯୁକ୍ତ ମଧୁସୂଦନକୁ ରିମାଣ୍ଡରେ ଆଣିଲେ ଜଣାପଡ଼ିବ ବୋଲି ଏସ୍‌ପି ଶ୍ରୀ ଭାମୁ କହିଛନ୍ତି।

### ପ୍ରେମ ପାଇଁ ସାତଦରିଆ ପାରି

## ଓଡ଼ିଆ ବୋହୂ ହେଲେ ସ୍ଲୋଭାକିଆ ଯୁବତୀ

ପାରଳାଖେମୁଣ୍ଡି, ୨୭ ।୧୧ (ସମିସ): ପ୍ରେମ ମାନେନାହିଁ ସୀମା ସରହଦ, ବନ୍ଧବାଡ଼। ଏହି ଉକ୍ତିକୁ ପ୍ରମାଣିତ କରି ଦେଖାଇଛନ୍ତି ସ୍ଲୋଭାକିଆର ଜଣେ ଯୁବତୀ। ପ୍ରେମ ପାଇଁ ସେ ସାତଦରିଆ ପାର ହୋଇ ଓଡ଼ିଶାରେ ପାଦ ଥାପିଛନ୍ତି। ହିନ୍ଦୁ ରୀତିନୀତିରେ ଜଣେ ଓଡ଼ିଆ ଯୁବକଙ୍କୁ ବିବାହ କରି ଓଡ଼ିଶାର ବୋହୂ ହୋଇଛନ୍ତି। ସେ ହେଲେ, ୟୁରୋପୀୟ ଦେଶ ସ୍ଲୋଭାକିଆର ଯୁବତୀ ଏନା। ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହର ଉପକଣ୍ଠ ରାମଲିଙ୍ଗେଶ୍ୱର ମନ୍ଦିରରେ ସେ ପାରଳାଖେମୁଣ୍ଡିର ରାଜୀବ ମିଶାଲଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

ରାଜୀବ ସିଙ୍ଗାପୁରରେ କାମ କରନ୍ତି। ଏକ ହସ୍ପିଟାଲରେ ଏନାଙ୍କ ସହ ତାଙ୍କର ଦେଖା ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୀର୍ଘ ବର୍ଷ ଧରି ରାଜୀବଙ୍କ ସଂସ୍ପର୍ଶରେ ରହିବା ପରେ ଏନା ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ମଧ୍ୟ ଭଲ ପାଇ ବସିଥିଲେ। ଏ ସଂପର୍କରେ ଉଭୟ ନିଜ ନିଜ ପରିବାରଲୋକଙ୍କ ସହ ଆଲୋଚନା କରିବା ପରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ନିଷ୍ପତ୍ତି ଅନୁଯାୟୀ ବୁଧବାର ରାତିରେ ରାମଲିଙ୍ଗେଶ୍ୱର ମନ୍ଦିରରେ ହିନ୍ଦୁ ରୀତିନୀତିରେ ଦୁହିଁଙ୍କ ବିବାହ ସଂପନ୍ନ ହୋଇଥିଲା। ରାଜୀବଙ୍କ ପରିବାରଲୋକ ଏନାଙ୍କ ନାମକୁ ଭାରତୀୟ ନାମ ଅନୁସାରେ ଅନନ୍ୟା ଦେଇଛନ୍ତି। ଏହି ବିବାହ ଉତ୍ସବରେ ଉଭୟ ପକ୍ଷର ସମସ୍ତ ବନ୍ଧୁବାନ୍ଧବ ଓ ପ୍ରିୟଜନ ଉପସ୍ଥିତ ଥିଲେ।



### ପାଟଣାରେ ମେଗା ଷ୍ଟିଲ୍ ପ୍ଲାଣ୍ଟକୁ ବିରୋଧ ଜାରି

## ରାତିଅଧରେ ପୁଲିସ-ଗ୍ରାମବାସୀ ହାତାହାତି

କେନ୍ଦୁଝର, ୨୭।୧୧ (ସମିସ): କେନ୍ଦୁଝର ଜିଲ୍ଲାର ପାଟଣା ଅଞ୍ଚଳରେ ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନକୁ ସ୍ଥାନୀୟ ଲୋକ ବିରୋଧ କରିଆସୁଛନ୍ତି। ଏହାକୁ ନେଇ ସ୍ଥିତି ଏବେ ଦିନକୁ ଦିନ ଉଗ୍ର ହେବାରେ ଲାଗିଛି। ଗତ ରାତିରେ କାରଖାନା ବିରୋଧୀ ମଞ୍ଚର ୬ନେତାଙ୍କୁ ଗିରଫ କରିବାକୁ ଯାଇଥିବା ପୁଲିସକୁ ଗ୍ରାମବାସୀଙ୍କ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡ଼ିଛି। ଉତ୍ୟକ୍ତ ଗ୍ରାମବାସୀମାନେ ଏହି ଗିରଫଦାରୀକୁ ବେଆଇନ ଦର୍ଶାଇ ପୁଲିସ୍‌କୁ ଗାଁ ଦାଣ୍ଡରେ ଅଟକ ରଖିଥିଲେ। ପୁଲିସ-ଗ୍ରାମବାସୀଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ତେବେ ସ୍ଥିତି ଜଟିଳ ହେବାରୁ ପୁଲିସ ମୃଦୁ ଲାଠିଚାଳନା କରି ଗ୍ରାମବାସୀଙ୍କୁ ଘଉଡ଼ାଇଥିଲା। ଏଥିରେ ଜଣେ ମହିଳା ପୁଲିସ ଓ କିଛି ଗ୍ରାମବାସୀ ଆହତ ହୋଇଥିବା ଜଣାପଡ଼ିଛି। ପରେ ପୁଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ନେଇଥିଲା। ତୁରୁମୁଙ୍ଗା ଥାନା ଯମୁନାପଶି ଗ୍ରାମରେ ଏହି ଘଟଣା ଘଟିଛି। ଗିରଫ ଅଭିଯୁକ୍ତମାନେ ହେଲେ, କାରଖାନା ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର, ତାଙ୍କ ଭାଇ ଭୁବନାନନ୍ଦ ସର୍ଦ୍ଦାର, ମଞ୍ଚର





ଉପସଭାପତି ସରୋଜ କୁମାର ସିଂ, ରବୀନ୍ଦ୍ର ମାହାନ୍ତ, ବରିଷ୍ଠ କର୍ମୀ ଅନାମ ନାୟକ, ବୀରେନ୍ଦ୍ର ମହାକୁଡ଼। ଆଜି ପୁଲିସ ସେମାନଙ୍କୁ କୋର୍ଟଚାଲାଣ କରିଛି।

ଅପରପକ୍ଷେ, ଏହି ୬ ଜଣଙ୍କ ଗିରଫଦାରୀ ପ୍ରତିବାଦରେ ଆଜି ସକାଳ ପ୍ରାୟ ୧୦ଟାରେ ପ୍ଲାଣ୍ଟ ପ୍ରଭାବିତ ୧୨ଟି ଗାଁର ପ୍ରାୟ ୨ ହଜାର ମହିଳା ପୁରୁଷ ଏକାଠି ହୋଇ ହାତୀବାରି ଛକ ନିକଟରୁ ଏକ ରାଲିରେ ବାହାରିଥିଲେ। ତୁରୁମୁଙ୍ଗା ଥାନାଠାରୁ ୫ଶହ ମିଟର ଦୂରରେ ପୁଲିସ ସେମାନଙ୍କୁ ଅଟକାଇବାରୁ ସେମାନେ ତୁରୁମୁଙ୍ଗା ସର୍ଭିସ୍ ରୋଡ୍‌ରେ ଧାରଣା ଦେଇଥିଲେ। ଚାଷଜମିରେ ପ୍ଲାଣ୍ଟ ନିର୍ମାଣ ବନ୍ଦ, ପୋସ୍କୋ ସହ ଏମଓୟୁ ବାତିଲ, ରକ୍ତ ଦେବୁ ପଛେ ଭିଟା ମାଟି ଛାଡ଼ିବୁ ନାହିଁ ଆଦି ଲେଖାଥିବା ପ୍ଲା'-କାର୍ଡ ଧରି ଧାରଣାରେ ବସିଥିଲେ। ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ଆନ୍ଦୋଳନକାରୀମାନେ ଧାରଣରୁ ଉଠିଥିଲେ।

ସୂଚନାନୁଯାୟୀ, ପାଟଣା ବ୍ଲକ୍ ଚେମେଣା ଓ ଯମୁନାପଶି ପଞ୍ଚାୟତ ଅଞ୍ଚଳରେ ଦୁଇଟି କମ୍ପାନୀ ମିଳିତ ଭାବେ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବାକୁ ଯାଉଛନ୍ତି। ଏହାକୁ କାରଖାନା ପ୍ରତିରୋଧ ମଞ୍ଚ ବିରୋଧ କରିଆସୁଛି। ବେଣୁଧର ମଞ୍ଚର ସଂପାଦକ। କିଛି ଦିନ ତଳେ ଚେମଣା ଗ୍ରାମର ପ୍ରତାପ ଦାସ ସହ ୨ଜଣଙ୍କୁ ଅତର୍କିତ ଆକ୍ରମଣ ସହ ତାଙ୍କଠାରୁ ଜୋରଜବରଦସ୍ତ ଟଙ୍କା ଛଡ଼ାଇ ନେଇଯିବା, ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏନେଇ ନମ୍ବର ୨୬୫/୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ଗତ ରାତିରେ ଯମୁନାପଶି ଗାଁକୁ ଯାଇଥିଲା। କିନ୍ତୁ, କାରଖାନା ପ୍ରତିରୋଧ ମଞ୍ଚର ସ୍ୱରକୁ ଦବାଇବା ପାଇଁ ପୁଲିସ ଏଭଳି ମିଛ ମାମଲା କରି ଏହାର ସଦସ୍ୟଙ୍କୁ ଗିରଫ କରୁଥିବା ଅଭିଯୋଗ କରି ଗ୍ରାମବାସୀମାନେ ପୁଲିସର ବାଟ ଓଗାରିଥିଲେ। ଏହାକୁ ନେଇ ପୁଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ହାତାହାତି ହୋଇଥିଲା।

- ଲାଠିଚାର୍ଜ କରି ମୁକୁଳିଲା ପୁଲିସ
- ଗିରଫଦାରୀ ପ୍ରତିବାଦରେ ରାସ୍ତାରେ ଧାରଣା
- ପ୍ଲାଣ୍ଟ ବିରୋଧୀ ନେତାଙ୍କୁ ନିସର୍ତ୍ତ ଖଲାସ ଦାବି

ଅପରପକ୍ଷେ, ମଞ୍ଚର ଉପଦେଷ୍ଟା ତଥା ଏଆଇକେକେଏମଏସ୍ ରାଜ୍ୟ ସମ୍ପାଦକ କମ୍ରେଡ ରଘୁନାଥ ଦାସ ଓ ପ୍ରତିରୋଧ ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ ପୁଲିସର ଏଭଳି ଦମନକାରୀ ନୀତିକୁ ତୀବ୍ର ନିନ୍ଦା କରିଛନ୍ତି। ଅବିଳମ୍ବେ ବିନା ସର୍ତ୍ତରେ ପ୍ରତିରୋଧ ମଞ୍ଚର ସଦସ୍ୟମାନଙ୍କୁ ଖଲାସ କରିବାକୁ ସେମାନେ ଦାବି କରିନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଘଟଣାକୁ ନେଇ କାରଖାନା ପ୍ରସ୍ତାବିତ ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବାରୁ ପୁଲିସ୍ ତୀକ୍ଷ୍ଣ ନଜର ରଖିଛି।

### ପ୍ରସ୍ତୁତ ଡିପିଆରକୁ ମଞ୍ଜୁରୀ ଦେଲେ ଓଡ଼ିଶା ସରକାର

# ନୂଆ ରୂପ ନେବ ଦେବ୍ରିଗଡ଼ ଅଭୟାରଣ୍ୟ

**ଅନ୍ତର୍ଜାତୀୟ ଇକୋଟୁରିଜିମ୍ ପାଇଁ ଖର୍ଚ୍ଚ ହେବ ୭୧ କୋଟି**

**ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ଜଙ୍ଗଲମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଧନ୍ୟବାଦ**

**ସମ୍ବଲପୁର, ୨୭।୧୧(ସମିସ)**

ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଏକ ଆନ୍ତର୍ଜାତୀୟ ଇକୋଟୁରିଜିମ୍ ଡେଷ୍ଟିନେସନ୍ ଭାବରେ ବିକଶିତ କରାଯିବ। ଏଥିପାଇଁ ରାଜ୍ୟ ଜଙ୍ଗଲ ବିଭାଗ ପ୍ରାୟ ୭୧.୧୯ କୋଟି ଟଙ୍କା ମୂଲ୍ୟର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍)କୁ ମଞ୍ଜୁରୀ ଦେଇଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ'ରେ ସୂଚନା ଦେଇଛନ୍ତି। ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଏହି ନିଷ୍ପତ୍ତି ଦେବ୍ରିଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପରିଚୟ ଦେବା ସହିତ ବନ୍ୟଜନ୍ତୁ ସଂରକ୍ଷଣରେ ସହାୟକ ହେବ। ଏହି ଇକୋଟୁରିଜିମ୍ ପ୍ରକଳ୍ପ ସ୍ଥାନୀୟ ନିଯୁକ୍ତି ଏବଂ ପର୍ଯ୍ୟଟନକୁ ବଡ଼ ଗତି ଦେବ। ଅପରପକ୍ଷରେ ଅଭୟାରଣ୍ୟର ପ୍ରାୟ ୧୦୦ କିଲୋମିଟର ପରିସୀମା ଚାରିପାଖରେ ବାଡ଼ ନିର୍ମାଣ ପାଇଁ ସ୍ୱତନ୍ତ୍ର ଭାବରେ ଅତିରିକ୍ତ ପ୍ରାୟ ୧୪.୧୮ କୋଟି ଟଙ୍କା ପାଣ୍ଠି ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରାଶିକୁ କାମ୍ପା କିମ୍ବା ଅନ୍ୟାନ୍ୟ ରାଜ୍ୟ ସରକାରୀ ପାଣ୍ଠି ମାଧ୍ୟମରେ ଯୋଗାଇବା ପାଇଁ ପରାମର୍ଶ ଦିଆଯାଇଛି। ଏହି ବାଡ଼ ନିର୍ମାଣ ଦ୍ୱାରା ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ସଂଘର୍ଷ ହ୍ରାସ ହୋଇପାରିବ। ସମ୍ପୃକ୍ତ ବିଭାଗକୁ ତୁରନ୍ତ ଏହି ଡିପିଆର ଅନୁଯାୟୀ ଆଗାମୀ ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକଳ୍ପ ଦେବ୍ରିଗଡ଼ରେ ଇକୋଟୁରିଜିମ୍ ଭିତ୍ତିଭୂମିର ବିକାଶ କରିବା ସହିତ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷାକୁ ବଳିଷ୍ଠ କରିବ ବୋଲି ଆଶା ରହିଛି।

# ଜିଏମ୍ୟୁ ପାଇଲା ନାକ୍ 'ଏ'ଗ୍ରେଡ ମାନ୍ୟତା

**ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଆଉ ଏକ ଉପଲବ୍ଧି**

**ସମ୍ବଲପୁର, ୨୭।୧୧(ସମିସ):** ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ସମ୍ବଲପୁର ପାଇଁ ଆଉ ଏକ ଉପଲବ୍ଧି। ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ନାକ-ଏ ଗ୍ରେଡ ମାନ୍ୟତା ମିଳିଛି। ୨୦୧୫ରେ ଗଙ୍ଗାଧର ମେହେର ଅଟୋନୋମସ କଲେଜକୁ ନାକ ଏ'ଗ୍ରେଡ ମାନ୍ୟତା ମିଳିଥିଲା। ପରେ ଗଙ୍ଗାଧର ମେହେର ଅଟୋନୋମସ କଲେଜ ୟୁନାଟାରୀ ୟୁନିଭର୍ସିଟି ହୋଇଥିଲା। ନାକ୍ ଟିମ୍ ଜାନୁଆରୀ (୨୩-୨୫) ୨୦୨୫ରେ କଲେଜ ପରିଦର୍ଶନ କରିଥିଲେ।ପୁଣି ଦ୍ୱିତୀୟ ଥର ପାଇଁ ମେ ମାସ ୨୮-




୩୦ ତାରିଖରେ ଆସିଥିଲେ। ସେତେବେଳେ ବି++ ଗ୍ରେଡ ଦେଇଥିଲେ। ଜୁନ ରେ ୨.୮୭ ସ୍କୋର ରହିଥିଲା। ଏହି ମାନ୍ୟତା ମିଳିବା ପରେ ସମ୍ବଲପୁବାସୀ କଥା କଲେଜ ଛାତ୍ରଛାତ୍ରୀ ନିରାଶ ହୋଇଥିଲେ। ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଜର ସମସ୍ତ ତଥ୍ୟା ଅଗଷ୍ଟ ମାସରେ ଦେଇଥିଲେ। ଏଥିପାଇଁ ଆଜି ନାକ ଟିମ୍ ୪ରୁ ୩.୦୬ ସ୍କୋର ପ୍ରଦାନ କରିବା ସହ ଏ'ଗ୍ରେଡ ମାନ୍ୟତା ଦେଇଛନ୍ତି। ଏହି ଖବର ଅନୁଷ୍ଠାନର ଛାତ୍ରଛାତ୍ରୀ, କର୍ତ୍ତୃପକ୍ଷ ଓ ସମ୍ବଲପୁବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

# ମହିଳା ମହାବିଦ୍ୟାଳୟରେ ସଡ଼କ ନିରାପତ୍ତା ସପ୍ତାହ




**ସମ୍ବଲପୁର, ୨୭।୧୧(ସମିସ):** ସଡକ ନିରାପତ୍ତା ସପ୍ତାହ ଉପଲକ୍ଷେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏବଂ ହୋପ ସ୍କୋପ ଡ୍ରାଇଭିଂ ତାଲିମ କେନ୍ଦ୍ରର ସହଭାଗିତାରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ଜାତୀୟ ସେବା ସଂସ୍ଥାର କାର୍ଯ୍ୟକ୍ରମ ଅଧିକାରୀ ପ୍ରଫେସର ସନ୍ଧ୍ୟାମୟୀ ସାହୁ, ସମ୍ବଲପୁର ଟ୍ରାଫିକ୍ ଅଧିକାରୀ ସତୀଶ କୁମାର ପାଢ଼ୀ, ହୋପ ସ୍କୋପର ସହ ପ୍ରବନ୍ଧକ ମନୋରଞ୍ଜନ ପ୍ରଧାନ ଏବଂ ସମ୍ପାଦିକା ଅର୍ଚ୍ଚନା ବେହେରା ଶିବିରରେ ଯୋଗଦାନ କରିଥିଲେ। ପ୍ରଫେସର ଭୋଇ ଦୁର୍ଘଟଣା ଜନିତ ମୃତ୍ୟୁର ପରିସଂଖ୍ୟାନ ଉପସ୍ଥାପନ କରି ଉଦବେଗ ପ୍ରକାଶ କରି କହିଥିଲେ ଯେ କିଶୋର ତଥା ଯୁବକମାନେ ସଚେତନ ନ ହେଲେ ଦୁର୍ଘଟଣାହାର ହ୍ରାସ ସମ୍ଭବ ନୁହେଁ। ଶ୍ରୀ ପାଢ଼ୀ ଟ୍ରାଫିକ୍ ନିୟମର ବିଭିନ୍ନ ଦିଗ ଉପରେ ଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲା। ସୁଶ୍ରୀ ବେହେରା ଛାତ୍ରୀଙ୍କ ଡ୍ରାଇଭିଂ ତାଲିମ୍ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ସଭାର ପ୍ରାରମ୍ଭରେ ସମସ୍ତେ ସଡ଼କ ସୁରକ୍ଷା ଶପଥ ପାଠ କରିଥିଲେ। ଜାତୀୟ ସେବା ଯୋଜନାର ଅନ୍ୟତମ କର୍ମକର୍ତ୍ତା ପ୍ରଫେସର ଶ୍ୱେତଲାନା ତିର୍କୀ, ସୂର୍ଯ୍ୟକାନ୍ତ ଦେହୁରୀ, ସୁଷମା ସୁଇ ଏବଂ ମିହିର କୁମାର ଥାଟି ଶିବିର ପରିଚାଳନାରେ ସହାୟତା କରିଥିଲେ।

### କୁଚିଣ୍ଡା ବିଡିଓଙ୍କ ବ୍ଲକ୍ ଅଧ୍ୟକ୍ଷଙ୍କ ପ୍ରତି ଅସମ୍ମାନ ଘଟଣା

# ତୀବ୍ର ନିନ୍ଦା କଲେ ଜିଲ୍ଲା ବିଜେଡି ସଭାପତି ରୋହିତ

**ସମ୍ବଲପୁର, ୨୭।୧୧(ସମିସ):** ଗତକାଲି କୁଚିଣ୍ଡା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଆମନ୍ତ୍ରଣ ପତ୍ରରେ ବିଜୁ ଜନତା ଦଳର ନିର୍ବାଚିତ ଜନ ପ୍ରତିନିଧି ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଶାନଙ୍କ ନାମ ନ ରହିବା ତାଙ୍କ ପ୍ରତି ଅସମ୍ମାନ।ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ। ତାଙ୍କ ନାମ ନ ରହିବା ଅତ୍ୟନ୍ତ ନିନ୍ଦନୀୟ ଏବଂ ଘୃଣ୍ୟ ମାନସିକତାକୁ ଦର୍ଶାଉଛି ଏବଂ ବିଜେପି ଦଳ ସୁଶାସନର ଡିଣ୍ଡିମ ପିଟୁଥିବା ବେଳେ ଏହି ଘଟଣା ସରକାରଙ୍କ ଅସତ୍ୟତାକୁ ପଦାରେ ପକାଇଛି। ଶ୍ରୀ ପୂଜାରୀ କହିଛନ୍ତି ଏହା କେବଳ ଏକ ତ୍ରୁଟି ନୁହେଁ, ଏହା ଯୋଜନାବଦ୍ଧ ଅବମାନନା, ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କ ଗୌରବକୁ ଚାପି ଦେବାର ଅପରାଧିକ ଚେଷ୍ଟା। ସରକାରୀ କାର୍ଯ୍ୟକ୍ରମରେ ତାଙ୍କର ନାମ ଉପସ୍ଥାପନା ନ କରିବା କିମ୍ବା ତାଙ୍କୁ ମଞ୍ଚ ଉପରକୁ ଆମନ୍ତ୍ରଣ ନ କରିବା ଲୋକତନ୍ତ୍ରର ଅପମାନ ଏବଂ ସଂସ୍ଥାଗତ ଶିଷ୍ଟାଚାର ଭଙ୍ଗ। ଅପରପକ୍ଷରେ ଦେଖିବାକୁ ମିଳିଥିଲା ଯେ ଶାସକ ଦଳର ମଣ୍ଡଳ ସଭାପତିଙ୍କୁ ମଞ୍ଚାସିନ କରାଯାଇ ସମ୍ମାନିତ କରାଯାଇଥିଲା, ଏହି ଘଟଣାରେ ପ୍ରଶାସନ ସରକାରୀ ଦଳର ଏଜେଣ୍ଟ ସାଜିଥିବା କଥା ସ୍ପଷ୍ଟ ବାରି ହେଉଛି। ଆଗରୁ ମଧ୍ୟ ସମ୍ବଲପୁର ଜିଲ୍ଲାରେ ସରକାର ବଦଳିବା ପରେ ବିଧାୟକ ଏବଂ ଅନେକ ଜନପ୍ରତିନିଧିଙ୍କୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଅଣଦେଖା କରି ଅସମ୍ମାନ କରାଯାଇଛି। ଯଦି କୌଣସି ବିଭାଗ କିମ୍ବା ଅଧିକାରୀ ଭାବୁଛନ୍ତି ଯେ ଲୋକ ପ୍ରତିନିଧିଙ୍କ ନାଁ କାଟିଦେଇ ସେମାନେ ଅଧିକାରୀଶାହୀର ଉଦାହରଣ ବନିବାକୁ ଚାହୁଁଛନ୍ତି, ତାହେଲେ ଅଞ୍ଚଳର ଜନସାଧାରଣ ସେମାନଙ୍କୁ ସଠିକ୍ ଉତ୍ତର ଦେବେ। ଏପରି ଅପମାନକୁ କେବେ ବରଦାସ୍ତ କରାଯିବ ନାହିଁ। ଜିଲ୍ଲାପ୍ରଶାସନ ଏହି ଘଟଣାର ତତ୍କାଳ ସ୍ପଷ୍ଟୀକରଣ ଦେବା ଆବଶ୍ୟକ।ଲୋକ ପ୍ରତିନିଧିଙ୍କ ସମ୍ମାନ ରକ୍ଷା କରିବା ହେଉଛି ପ୍ରତ୍ୟେକ ବିଭାଗର ଦାୟିତ୍ୱ। ଆଗାମୀଦିନରେ ଏପରି ଘଟଣା ପୁନରାବୃତ୍ତି ହେଲେ ବିଜୁ ଜନତା ଦଳ ଜନସାଧାରଣଙ୍କ ସହ ମିଶି ସମ୍ପୃକ୍ତ କାର୍ଯ୍ୟାଳୟ ଏବଂ ବିଭାଗକୁ ଘେରାଉ କରିବା ପାଇଁ ପଛଘୁଞ୍ଚା ଦେବ ନାହିଁ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

## 'ସରକାରୀ ବ୍ୟବସ୍ଥା ଶାସକ ଦଳର ହସ୍ତମୁଦି ନୁହେ'

**ସମ୍ବଲପୁର, ୨୭।୧୧ (ସମିସ):** ସରକାର ବଦଳିବା ସହ ପ୍ରଶାସନିକ ସଂହିତା ବଦଳିବା ଆଶ୍ଚର୍ଯ୍ୟଜନକ। ସରକାରୀ ବ୍ୟବସ୍ଥା ଶାସକ ଦଳର ହସ୍ତମୁଦି ବାହାଲ ନୁହେଁ। ଅଘୋଷିତ ବ୍ୟବସ୍ଥା ମଧ୍ୟରେ ଶାସକ ଦଳ କିଛିଟା ପତିଆରା ସ୍ଥଳ ବିଶେଷରେ ଦେଖାଇ ଥାଏ, ଅବଶ୍ୟ ଏହା ଉଚିତ ନୁହ। କିନ୍ତୁ ଶାସନ ବ୍ୟବସ୍ଥାର ରଙ୍ଗ ପରିବର୍ତ୍ତନ ପରେ, ଓଡ଼ିଶା, ବିଶେଷ କରି ସମ୍ବଲପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଶାସକ ବିଜେପି ଦଳର ସାଂଜୁଆ ବାହିନୀ ବନିଛନ୍ତି ବୋଲି ବିଜେଡିର ପୂର୍ବତନ ଜିଲ୍ଲା ସଭାପତି ଇଂ ସିଦ୍ଧାର୍ଥ ଦାସ କହିଛନ୍ତି। ଇଂ ଦାସ କହିଛନ୍ତି ବିଭିନ୍ନ ସମୟରେ ବିଜେଡି ଦଳର ବିଧାୟକ, ଜିଲ୍ଲା ପରିଷଦ ଅଧ୍ୟକ, ବ୍ଲକ ଅଧ୍ୟକ୍ଷମାନଙ୍କୁ ସରକାରୀ କାର୍ଯ୍ୟକ୍ରମରେ ଅବହେଳା, ଅସମ୍ମାନ କରାଯାଉଛି। ଫଳକ ତ ଦୂରର କଥା, ଆମନ୍ତ୍ରଣ ପତ୍ର ମଧ୍ୟ ଦିଆ ଯାଉନି। କୁଚିଣ୍ଡା ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ତଥା କୁଚିଣ୍ଡା ଅଞ୍ଚଳର ଅନ୍ୟତମ ଲୋକପ୍ରିୟ ନେତା ଭୁବନେଶ୍ୱର କିଷାନଙ୍କୁ ଅସମ୍ମାନ କରାଯାଇଛି। କିଛି ବାବୁଙ୍କର ହାକିମାତି ସୀମା ବାହାର ହୋଇ ଯାଇଛି। ଏହା ଅତ୍ୟନ୍ତ ଅଗଣତାନ୍ତ୍ରିକ। ଆଜି ଦେଶ ସମ୍ବିଧାନ ଦିବସ ପାଳନ କରୁଥିବା ସମୟରେ ଏଭଳି ଆଚରଣ ନିନ୍ଦନୀୟ ବୋଲି ଶ୍ରୀ ଦାସ ଉଲ୍ଲେଖ କରିବ ସହ କୁଚିଣ୍ଡା ବିଡ଼ିଓ ତୁରନ୍ତ ଲିଖିତ କ୍ଷମା ପାର୍ଥନା କରିବାକୁ ଦାବି କରିଛନ୍ତି।

## କଂଗ୍ରେସ କାର୍ଯ୍ୟାଳୟରେ ସମ୍ବିଧାନ ବଞ୍ଚାଅ ଦିବସ



**ସମ୍ବଲପୁର, ୨୭।୧୧(ସମିସ):** ସମ୍ବଲପୁର କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତି ଅମିତ କୁମାର ଗୁରୁଙ୍କ ନେତୃତ୍ୱରେ ସମ୍ବିଧାନ ବଞ୍ଚାଅ ଦିବସ ପାଳିତ ହୋଇଛି।କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ଜୟଶଙ୍କର ମିଶ୍ର, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ତ୍ରିପାଠୀ, ପ୍ରେମ ପ୍ରକାଶ ସାହାନୀ, ହୀରାକୁଦ ନଗର କଂଗ୍ରେସ ସଭାପତି ଗିରିଜା ନାଏକ, ରେଙ୍ଗାଲି ବିଧାୟକ ପାର୍ଥୀ ଦିଲ୍ଲୀପ ଦୁରିଆ, ରେଙ୍ଗାଲି ବ୍ଲକ ସଭାପତି ଚତୁର୍ଭୁଜ ଝାଙ୍କର, ଅନିଲ ବେହେରା, ବିଜୟ ଲକ୍ଷ୍ମୀ ବେହେରା, ଜିତେନ୍ଦ୍ର ପ୍ରଧାନ, ପିସିସି ସେଲ ସମ୍ପାଦକ ଗଣେଶ ସୋହେଲା, ସଞ୍ଜୟ ଛୁରିଆ, ତାପସ କୁମ୍ଭାର, ଜିତେନ୍ଦ୍ର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବିଧାନ ଦିବସରେ ବିଶାଳ ସମାବେଶ

**ସମ୍ବଲପୁର, ୨୭।୧୧(ସମିସ):** ସମ୍ବଲପୁର କଚେରୀ ଛକ ଓ ଜେଲ ଛକସ୍ଥିତ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ବିର୍ସା ଆମ୍ବେଦକର ଫୁଲେ ଚାରିଟେବୁଲ ଫାଉଣ୍ଡେସନ ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପ୍ରଦୀପକୁ ନାଏକ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଭୀମସାର ରକ୍ତ ଭଣ୍ଡାରରୁ ପିଆରଓ ଦେବାଶିଷ ମିଶ୍ର, ଶ୍ରୀହରି ନାଗ, ଚାଷୀ ନେତା ରାମ ସାହୁ ଉପସ୍ଥିତ ଥିଲେ। ଅନେକ ସଂଗଠନର କର୍ମକର୍ତ୍ତା ମଧ୍ୟ ଯୋଗ ଦେଇଥିଲେ। ଆଗାମୀ ସମ୍ବିଧାନ ଦିବସ ଯାଏଁ ପ୍ରତି ଘରକୁ ସମ୍ବିଧାନ ପହଞ୍ଚାଇବା ସହ ଲୋକଙ୍କୁ ସମ୍ବିଧାନର ମୌଳିକ ଅଧିକାରକୁ ବଜାୟ ରଖିବା ପାଇଁ ସଂକଳ୍ପ ନିଆଯାଇଥିଲା। ଲଙ୍କେଶ୍ ରାବଣ, ବିକାଶ ବୌଦ୍ଧ, ଭୁବନ ବାଗ, ରୋସନ ଆଜାଦ, ଫିରୋଜ ବୁଢ଼ା, ଟିଙ୍କୁ ଜଗତ, ଉମେଶ ଉଗର, ଗୋପୀନାଥ ରୋହିଦାସ, ସୁଦାମ ଭୁସାଗର ସାହିଲ ପ୍ରମୁଖ ଉପସ୍ଥିତ ଥିଲେ।



# ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଲା କାର୍



**କୁଚିଣ୍ଡା, ୨୭ ।୧୧ (ସମିସ):** ବାମରା କୁଚିଣ୍ଡା ମୁଖ୍ୟରାସ୍ତା କେଶାଇବାହାଲସ୍ଥିତ ବିଜିଡି କଲେଜ୍ ନିକଟରେ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ କାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ କାର ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୂଚନା ଅନୁସାରେ ବାମରାସ୍ଥିତ ୟାମାହା ସୋରୁମ୍‌ର ମାଲିକ ସୌରଭ ଶର୍ମା ଓରଫ ଟିନୁ କାର୍ ଯୋଗେ କୁଚିଣ୍ଡା ପଟକୁ ଯାଉଥିବା ବେଳେ କେଶାଇବାହାଲସ୍ଥିତ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ନିକଟରେ ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବା ସହ ଗଛରେ ପିଟି ହୋଇଥିଲେ। ଫଳରେ ଉକ୍ତ କାର ଦୁର୍ଘଟଣାଗ୍ରସ୍ତ ହୋଇ ଚୁରମାର୍ ହୋଇଥିବା ବେଳେ କାର୍ ଚାଳକ ଟିନୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରିଥିଲେ। ସୂଚନା ପାଇ ମହୁଲପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

**ରେଢ଼ାଖୋଲ, ୨୭ ।୧୧ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ କେରାଣ୍ଡି କେନାଲ ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ବାଇକ୍ ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣଙ୍କ ରେଢ଼ାଖୋଲ ଥାନା ଅଧୀନ ଦଳଖମଣ ଗ୍ରାମର ବାସିନ୍ଦା ସୁନନ୍ଦ କିରେଇ ବୋଲି ଜଣାପଡ଼ିଛି। ସୂଚନା ଯୋଗ୍ୟ ଯେ ଦଳଖମଣ ଗ୍ରାମର ସୁନନ୍ଦ ବାଇକ୍ ଯୋଗେ ରେଢ଼ାଖୋଲ ଅଭିମୁଖେ ଆସୁଥିଲେ। କେନାଲ ଛକ ନିକଟରେ ଭାରସାମ୍ୟ ହରାଇ ପିକଅପ ଭ୍ୟାନ୍ ସହିତ ଧକ୍କା ହୋଇଥିଲା। ଫଳରେ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ଆମ୍ବେଦକର କୋ-ଅର୍ଡିନେଶନ କମିଟି ପକ୍ଷରୁ ସମ୍ବିଧାନ ଦିବସ

**ରେଢ଼ାଖୋଲ, ୨୭ ।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଆମ୍ବେଦକର ନଗରର ଆମ୍ବେଦକର କୋଡିନେଶନ କମିଟୀ ପକ୍ଷରୁ କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ସମ୍ବିଧାନ ଦିବସ ପାଳନ ହୋଇଯାଇଛି।ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ସ୍ଲୋଗାନ ଦେଇ ଦିବସକୁ ଉତ୍ସାହ ସହିତ ପାଳନ କରିଥିଲେ।ମୁଖ୍ୟଅତିଥି ଭାବରେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଉପସ୍ଥିତ ରହି ଆମ୍ବେଦକରଙ୍କ ଆଦର୍ଶ ସ୍ୱାଭିମାନ ବ୍ୟକ୍ତିତ୍ୱକୁ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ।ଅତିଥି ଭାବେ ଜୟନ୍ତ ଖଡିରତ୍ନ, ସୁଶାନ୍ତ ନାଗ, ରଶ୍ମି ରଞ୍ଜନ ଖଡିରତ୍ନ, ନବ ରଞ୍ଜନ ମିରୀ ପ୍ରମୁଖ ଯୋଗ ଦେଇଥିଲେ।ଉପସଭାପତି ସୁଦର୍ଶନ ନାଏକ, ସହ ସମ୍ପାଦକ ଜିତେନ୍ଦ୍ର ବେହେରା, ପୂର୍ବତନ ସଭାପତି ପ୍ରକାଶ ମୁଖି, ପୂର୍ବତନସହ ସମ୍ପାଦକ ରାଜୁ ମୁଖୀ, ବିକାଶ ବେହେରା, ଦିଲ୍ଲୀପ ମୁଖୀ, ମିଥୁନ ବେହେରା, ଲିପୁନ ବେହେରା, ଟିକୁନ ମୁଖୀ, ଶରତ ସୁନା, ଅଶୋକ ବେହେରା, ବବୁଲୁ ମୁଖୀ ପ୍ରମୁଖ ସମେତ ବହୁ ସଂଖ୍ୟାରେ ଅନ୍ୟସଦସ୍ୟ ଉପସ୍ଥିତ ଥିଲେ।



# ବେଆଇନ ମଦ ବିକ୍ରି ବନ୍ଦ ପାଇଁ ଦାବି

**କୁଚିଣ୍ଡା, ୨୭ ।୧୧(ସମିସ):** ସମ୍ବଲପୁର ଜିଲ୍ଲା ବାମରା ନିକଟ ଗୁର୍ଲା ଗ୍ରାମରୁ ବେଆଇନ ମଦ ବିକ୍ରି ବନ୍ଦ କରିବା ପାଇଁ ଗୋବିନ୍ଦପୁର ଥାନା ଓ ଅବକାରୀ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ଗୁର୍ଲାଗ୍ରାମରେ ବେଆଇନ ମଦ ବିକ୍ରୟ ହୋଇ ଆସୁଥିବା ବେଳେ କେତେକ ଲୋକ ମଦପିଇ ଗଣ୍ଡଗୋଳ କରୁଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଥିବା ଅଭିଯୋଗ ରହିଛି। ଅନ୍ୟପଟେ ସ୍କୁଲ ନିକଟରେ ମଧ୍ୟ ଖୋଲମଖୋଲା ମଦ ବିକ୍ରି ହେଉଥିବା ଯୋଗୁଁ କେତେକ ସ୍କୁଲ ଛାତ୍ର ମଧ୍ୟ ନିଶାର ବଶବର୍ତ୍ତୀ ହେଉଛନ୍ତି।ଗୁର୍ଲା ଗ୍ରାମ ଅଞ୍ଚଳରେ ବିକ୍ରି ହେଉଥିବା ବେଆଇନ ମଦ ବ୍ୟବସାୟକୁ ବନ୍ଦ କରିବା ଦାବି ନେଇ ଗ୍ରାମର ମହିଳାମାନେ ଗୋବିନ୍ଦପୁର ଥାନା ଓ ଅବକାରୀ କାର୍ଯ୍ୟାଳୟରେ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଜିଏମ୍ ଯୁକ୍ତ ଦୁଇ କଲେଜରେ ବାର୍ଷିକ କ୍ରୀଡ଼ା



**ସମ୍ବଲପୁର, ୨୭।୧୧ (ସମିସ):** ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର କୁଲଦୀପଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ କୁଲଦୀପ କ୍ରୀଡ଼ା ପତାକା ଉତ୍ତୋଳନ ଓ ଶପଥ ପାଠ କରି ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ସମ୍ବଲପୁରର ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ମାନବର ଜୀବନରେ କ୍ରୀଡ଼ାର ମହତ୍ତ୍ୱ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ଚାରିଜଣ କ୍ରୀଡ଼ା ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ସୂଚାରୁ ରୂପେ ଅନୁଷ୍ଠିତ ହୋଇଥିଲା।ଅଧ୍ୟାପିକା ବନଶ୍ରୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ କ୍ରୀଡ଼ା ସଂଘର ଉପାଧ୍ୟକ୍ଷ ସତ୍ୟ ପ୍ରକାଶ ପ୍ରଧାନ ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀ ଅଧ୍ୟକ୍ଷ ଓ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଏବଂ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

### ଆୟୁଷ ଛାତ୍ରଛାତ୍ରୀଙ୍କ ଦାବି ଶୁଣିଲେନି ସରକାର

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ସମ୍ବଲପୁର, ୨୭।୧୧(ସମିସ)**

**୨୨ ଦିନରେ କଳାବ୍ୟାଜ୍ ପ୍ରତିବାଦ**

ଆୟୁଷ ସଂଘର କଥା ଶୁଣିଲେନି ରାଜ୍ୟ ସରକାର। ନିଜର ଦାବି ପାଇଁ ପ୍ରଥମେ ଶାନ୍ତିପୂର୍ଣ୍ଣ ଭାବେ କଳାବ୍ୟାଜ୍ ପିନ୍ଧି କଲେଜ ପରିସରରେ ରହିଲେ। କ୍ଲାସ କରି ରୋଗୀଙ୍କୁ ସେବା ମଧ୍ୟ ଦେଲେ। ୧୫ ଦିନ ପରେ ମଧ୍ୟ ସରକାର ଶୁଣିଲେନି। ପରେ କଲେଜ ଗେଟରେ ୪ ଦିନ ତାଲା ପକାଇ ସରକାରଙ୍କୁ ଚେତାଇବାକୁ ଚେଷ୍ଟା କଲେ। ସଂଘର ୮ଦଫା ଦାବି ପୂରଣ ନେଇ ପ୍ରତିବାଦ କରିଥିଲେ। ଏତେ ମାତ୍ରାରେ ପ୍ରତିବାଦ ସତ୍ତ୍ୱେ ସରକାର କିଛି କର୍ଣ୍ଣପାତ କଲେ ନାହି। ତେଣୁ ଛାତ୍ର ସଂଗଠନର ନିର୍ଦ୍ଦେଶ କ୍ରମେ ଆଜି ସମ୍ବଲପୁର ସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଆଣ୍ଡ ରିସର୍ଚ୍ଚର ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବି ପତ୍ର ଦେଇଛନ୍ତି। ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଂଗଠନର ନିର୍ଦ୍ଦେଶକ୍ରମେ ଗତ ୬ ତାରିଖରୁ ଏହି ଆନ୍ଦୋଳନ ରାଜ୍ୟର ୭ଟି ସରକାରୀ କଲେଜରେ ଦେଖାଯାଇଥିଲା। ବର୍ତ୍ତମାନ ପରିସ୍ଥିତିରେ ଓଡ଼ିଶାର ସାଢେ ଚାରି କୋଟି ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ପାଇଁ ମାତ୍ର ୬୧୯ ଏଏମଓ ଏବଂ ୫୯୫ଏଚ୍ଏମଓ ରହିଛନ୍ତି। ତେଣୁ ସଂଘ ଉଚ୍ଚଶିକ୍ଷା ସୁବିଧାକୁ ଗୁରୁତ୍ୱ ଦିଆଯାଉ। ହାଉସସର୍ଜନଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରାଯାଉ। ରାଜ୍ୟ ସ୍ୱାସ୍ଥ୍ୟସେବା ଯୋଜନାରେ ଆୟୁଷ ଡାକ୍ତରଙ୍କୁ ଅନ୍ତର୍ଭୁକ୍ତ କରାଯାଉ। ଲୋକଙ୍କ ମଧ୍ୟ ଆୟୁଷ ଚିକିତ୍ସା ଉପରେ ସଚେତନ କରାଯାଉ। ଏପରି ଅନେକ ଦାବି ପୂରଣ ନେଇ ପ୍ରତିବାଦ କରିଥିଲା।




BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଆନ୍ଦୋଳନରୁ ଓହରିଲା ଆର୍‌ଏସ୍‌ପି କଣ୍ଟ୍ରାକ୍ଟର ଆସୋସିଏସନ୍

**ରାଉରକେଲା, ୨୭।୧୧(ସମିସ)**



ରାଉରକେଲା ଇସ୍ପାତ କାରଖାନା କଣ୍ଟ୍ରାକ୍ଟର ଆସୋସିଏସନ୍ ପକ୍ଷରୁ ୧୩ ଦଫା ଦାବି ନେଇ ଆସନ୍ତାକାଲି ଠାରୁ କରାଯିବାକୁ ଥିବା ଦୁଇଦିନିଆ ଧର୍ମଘଟରୁ ଦାବିପୂରଣ ପାଇଁ ଆରଏସପି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆରଏସପିର ବରିଷ୍ଠ ପଦାଧିକାରୀଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ସ୍ଥଗିତ ରଖାଯାଇଛି। ଆୟୋଜିତ ଏକ ମିଳିତ ବୈଠକରେ ଆରଏସପି କଣ୍ଟ୍ରାକ୍ଟର ଆସୋସିଏସନ ପକ୍ଷରୁ ସଭାପତି ଅଶୋକ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ପାଣିଗ୍ରାହୀ, ଉପସଭାପତି କେ.ସି ପାତ୍ର, ଉପଦେଷ୍ଟା ବିଜୟ କୁମାର ପ୍ରଧାନ ଉପସ୍ଥିତ ଥିବାବେଳେ ଆରଏସପି ପକ୍ଷରୁ ଇଡି. ତରୁଣ କୁମାର ମିଶ୍ର, ଇଡି. ବିଶ୍ୱରଞ୍ଜନ ପଲେଇ, ସିଜିଏମ ଇନଚାର୍ଜ ଅତିଶ ଚନ୍ଦ୍ର ଶେଖର, ସିଜିଏମ ରାଜେଶ ଦାସଗୁପ୍ତା, ସିଜିଏମ୍ ମାନସ ରଞ୍ଜନ ରଥ, ସିଜିଏମ୍ ଆଲୋକ କୁମାର ବେହେରା, ସଙ୍ଗୀତା ଏମ୍ ସିନ୍ଧୁର ପ୍ରମୁଖ ଉପସ୍ଥିତ ଥିଲେ। ଦୀର୍ଘ ସମୟ ଧରି ଆୟୋଜିତ ଏହି ଆଲୋଚନାରେ କଣ୍ଟ୍ରାକ୍ଟର ଆସୋସିଏସନ ପକ୍ଷରୁ ଆଗତ ୧୩ ଦଫା ଦାବି ନେଇ ଉପସ୍ଥାପନ କରାଯାଇଥିଲା। ବିଶେଷ କରି ବାହାର ରାଜ୍ୟର ଠିକାଦାରମାନଙ୍କୁ କାର୍ଯ୍ୟ ବଣ୍ଟନରେ ଅଗ୍ରାଧିକାର ଦିଆଯାଇ ସ୍ଥାନୀୟ ଠିକାଦାରମାନଙ୍କୁ ଉପେକ୍ଷା କରାଯାଉଥିବା ନେଇ କରାଯାଇଥିବା ଅଭିଯୋଗ ଉପରେ ବିଚାର କରାଯାଇ ଏହାକୁ ଗୁରୁତର ଭାବେ ବିଚାର କରାଯିବ ବୋଲି ଇଡି(କାର୍ମିକ) ଶ୍ରୀ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଏତଦ୍‌ବ୍ୟତୀତ ପୂର୍ବରୁ ଠିକାଦାରମାନଙ୍କୁ ଠିକା ଶ୍ରମିକଙ୍କ ପାଇଁ ୧୫ ପ୍ରତିଶତ ଗେଟପାସ୍ ଦିଆଯାଉଥିବା ବେଳେ ଏବେ ଏହା ୨୦ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ସେହିଭଳି ପେଣ୍ଡିଂ ଗେଟ୍ ପାସ୍ ସରେଣ୍ଡର ନିୟମକୁ କୋହଳ କରାଯାଇ ଫାଇନକୁ କମ୍ କରାଯିବା, କାମ ନଥିଲେ ବି ପୂର୍ବରୁ ୱାର୍କଅର୍ଡର ଅନୁସାରେ ନିୟୋଜିତ ସମସ୍ତ ଠିକା ଶ୍ରମିକଙ୍କୁ ପେମେଣ୍ଟ ପ୍ରଦାନ କରାଯିବା, କୌଣସି ଜରୁରୀକାରଣ ପାଇଁ ଠିକା ଶ୍ରମିକ ଅନୁପସ୍ଥିତ ରହିଲେ କଟାଯାଉଥିବା ପେନାଲ୍ଟି ଉପରେ କୋହଳ, କେନ୍ଦ୍ରସରକାରର ବିଭିନ୍ନ ସମୟରେ ବୃଦ୍ଧି ପାଉଥିବା ଶ୍ରମ ମଜୁରୀକୁ ୱାର୍କ ଅର୍ଡରରେ ଉଲ୍ଲେଖ ନଥିଲେ ବି ଆରଏସପି ପକ୍ଷରୁ ଦିଆଯିବା, ବର୍ଷ ବର୍ଷ ଧରି ପଞ୍ଜୀକରଣ କରିଥିବା ଡି.କ୍ଲାସ୍ ଠିକାଦାରମାନଙ୍କୁ ଏଣିକି ଅତି କମ୍‌ରେ ୫ ଲକ୍ଷ ଟଙ୍କାର କାର୍ଯ୍ୟ ପ୍ରଦାନ କରାଯିବା, ଗ୍ୟାରେଣ୍ଟି ନ ଥିବା କାର୍ଯ୍ୟରେ କଟାଯାଉଥିବା ୧୦ ପ୍ରତିଶତ ସିକ୍ୟୁରିଟି ଜମାକୁ ଅତିକମରେ ୭ ମାସ ଭିତରେ ଆରଏସପି ଠିକାଦାରମାନଙ୍କୁ ଫେରସ୍ତ କରିବା, କାର୍ଯ୍ୟ କରୁ ନ ଥିବା ଠିକା ଶ୍ରମିକଙ୍କ ବାୟୋମେଟ୍ରିକ ଉପସ୍ଥାନ ରିପୋର୍ଟ ପରିବର୍ତ୍ତନ କରିବାକୁ ଅନୁମତି, ସମାନ ସମାନ କାର୍ଯ୍ୟକୁ ମର୍ଜ କରି ସ୍ଥାନୀୟ କଣ୍ଟ୍ରାକ୍ଟରଙ୍କୁ ବଣ୍ଟନ କରାଯିବା, ସିଆଇଏସଏଫ୍ ପକ୍ଷରୁ ବିଳମ୍ବ ନ କରି ଶୀଘ୍ର ଗେଟପାସ ପ୍ରଦାନ ଆଦି ଉପରେ ଆରଏସପି କର୍ତ୍ତୃପକ୍ଷ ସମ୍ମତି ପ୍ରକାଶ କରି ପ୍ରତିଶ୍ରୁତି ଦେଇଥିଲେ। ତେବେ ବିଡ଼ିଂବେଳେ ପୂର୍ବରୁ ଆବେଦନ କରି ନ ଥିବା ହାୟରବିଡ଼ର ଅଂଶଗ୍ରହଣ କରିପାରିବା ଦାବିକୁ ଆରଏସପି କର୍ତ୍ତୃପକ୍ଷ ଅଗ୍ରାହ୍ୟ କରି ଦେଇଥିଲେ।

# ଆର୍‌ଏସ୍‌ପି ଷ୍ଟିଲ୍ ମେଲ୍ଟିଂ ସପ୍-୨ରେ ସଫଳ ରିଲାଇନିଂ ସଟ୍‌ଡାଉନ



**ରାଉରକେଲା, ୨୭।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନାର ଷ୍ଟିଲ୍ ମେଲ୍ଟିଂ ସପ-୨ (ଏସଏମଏସ-୨) ର ବିଭାଗୀୟ ଦଳ ନିର୍ଦ୍ଧାରିତ ସମୟ ପୂର୍ବରୁ କନଭର୍ଟର-୩ର ମୁଖ୍ୟ ମରାମତି ଏବଂ ରିଲାଇନିଂ ସଟଡାଉନକୁ ସଫଳତାର ସହ ସମାପ୍ତ କରିଛନ୍ତି। ଏହି ସଟଡାଉନରେ ଏକ ଅତ୍ୟନ୍ତ ଜଟିଳ ଏବଂ ମହତ୍ତ୍ୱପୂର୍ଣ୍ଣ ଜଟିଳ ବୈଷୟିକ ପଦକ୍ଷେପ ପ୍ରଥମ ଥର ପାଇଁ ସମ୍ପାଦନ କରାଯାଇଥିଲା। ଏଥିମଧ୍ୟରେ ମୁଭେବୁଲ ହୁଡ୍ ଏବଂ ଫିନ୍ ଟ୍ୟୁବ୍ ବଣ୍ଡଲ୍ ସହିତ ଉପର କୋନ୍‌କୁ ପରିବର୍ତ୍ତନ କରାଯାଇଥିଲା। କନଭର୍ଟର-ସିର ସମ୍ପୂର୍ଣ୍ଣ ରିଲାଇନିଂ ସହିତ ଜିସିପି, ସ୍କ୍ରବିଂ ଟାୱାର, କନଭର୍ଟର ସେଲ୍‌ଫ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଉପକରଣରେ ବ୍ୟାପକ ମରାମତି ସମ୍ପାଦିତ କରାଯାଇଥିଲା। ସଟଡାଉନ ଅବଧି ମଧ୍ୟରେ ରକ୍ଷଣାବେକ୍ଷଣ ଦଳଗୁଡ଼ିକ ଦକ୍ଷତାର ସହିତ କାଷ୍ଟର-୧, ଏଲଏଚଏଫ-୨ଏ ଏବଂ ଆରଏଚଓବି ଉପକରଣଗୁଡ଼ିକର ମଧ୍ୟ ମୁଖ୍ୟ ମରାମତି କାର୍ଯ୍ୟ ସମ୍ପାଦନ କରିଥିଲେ, ଯେଉଁଥିରେ ଭେଶେଲ ରୋପ ପ୍ରତିରୋପଣ, କ୍ୟୁସି ୱାଟର ଜ୍ୟାକେଟ୍ ଏବଂ ଫ୍ରେମ୍ ପରିବର୍ତ୍ତନ ଏବଂ ଏଥିସମେତ ଷ୍ଟିମ୍ ଡକ୍ଟ ମଧ୍ୟ ବଦଳାଯାଇଥିଲା। ଶୂନ୍ୟ ହାନି ଉପରେ ଦୃଢ଼ ଗୁରୁତ୍ୱ ଦେଇ ଡିଏସଓଙ୍କ ନେତୃତ୍ୱରେ ବିଭାଗୀୟ ସୁରକ୍ଷା ଦଳର ବଳିଷ୍ଠ ତଦାରଖ ଅଧୀନରେ ସମସ୍ତ କାର୍ଯ୍ୟକଳାପ ଘଟଣାମୁକ୍ତ ଭାବରେ ସମାପ୍ତ ହୋଇଥିଲା। ଏହି ପ୍ରକଳ୍ପରେ ରିଫ୍ରାକ୍ଟୋରିଜ୍ ଇଞ୍ଜିନିୟରିଂ ସର୍ଭିସେସ୍, ଇଞ୍ଜିନିୟରିଂ ସପ୍ସ, ଏଫଏମଏମ ଏବଂ ଅନେକ କେନ୍ଦ୍ରୀୟ ସହାୟକ ଏଜେନ୍ସିରୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ମିଳିଥିଲା। ଏସଏମଏସ-୨ ବିଭାଗର ସିଜିଏମଏମ ଜି. ଶ୍ରୀକାନ୍ତଙ୍କ ନେତୃତ୍ୱରେ ସୁନିର୍ଦ୍ଦିଷ୍ଟ ଯୋଜନା, ସମ୍ପୂର୍ଣ୍ଣ ପ୍ରସ୍ତୁତି, ସର୍ବୋତ୍ତମ ସମ୍ବଳ ଉପଯୋଗ ଏବଂ ନିର୍ବିଘ୍ନ ସମନ୍ୱୟ ଓ ବିଭାଗୀୟ ମୁଖ୍ୟ ତଥା ସେମାନଙ୍କ ଦଳଗୁଡ଼ିକର ଉତ୍ସର୍ଗୀକୃତ ପ୍ରୟାସ ଯୋଗୁଁ ସଟଡାଉନ କାର୍ଯ୍ୟ ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ତିନି ସିଫ୍ଟ ପୂର୍ବରୁ ସମାପ୍ତ ହୋଇଥିଲା। ଏସଏମଏସ-୨ ବିଭାଗ ବର୍ତ୍ତମାନ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ଏବଂ ଆଗାମୀ ଦିନରେ ଅଧିକ ଉତ୍ପାଦନ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରସ୍ତୁତ ରହିଛି।

### ପାନପୋଷ ରୋଡ୍‌ରେ ସିରିଜ୍ ଦୁର୍ଘଟଣା

# ରାସ୍ତା କଡ଼ ଗାଡ଼ି ଉପରେ ମାଡ଼ିଗଲା ବସ୍

**ରାଉରକେଲା, ୨୭।୧୧(ସମିସ):** ରାଉରକେଲା ପାନପୋଷ ରୋଡରେ ଗୁରୁବାର ସକାଳୁ ଏକ ସିରିଜ ଦୁର୍ଘଟଣା ଘଟିଯାଇଛି। ଏକ ଦ୍ରୁତଗାମୀ ଯାତ୍ରୀବାହୀ ବସ୍ ରାସ୍ତା କଡ଼ରେ ଠିଆ ହୋଇଥିବା ଗାଡ଼ିଗୁଡ଼ିକ ଉପରେ ମାଡ଼ି ଯିବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଦୁର୍ଘଟଣାରେ ଗୋଟିଏ ପଜେରୋ, ଗୋଟିଏ ପିକଅପ୍ ଭ୍ୟାନ ଏବଂ ୩ ଟି ସ୍କୁଟି କ୍ଷତିଗ୍ରସ୍ତ ହୋଇଛି। ସୌଭାଗ୍ୟ ବଶତଃ କୌଣସି ଜୀବନହାନି ହୋଇ ନଥିବା ବେଳେ ୪ ଜଣ ସାମାନ୍ୟ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ବସ୍ ଛାଡ଼ି ଫେରାର ହୋଇଯାଇଛି। ଦୁର୍ଘଟଣାଟି ପାନପୋଷ ରୋଡ ସ୍ଥିତ ସିଭିଲ ଟାଉନସିପର ସୁରୁଚି ବାକେରି ନିକଟରେ ଘଟିଥିଲା। ରାସ୍ତା ତିଆରି ବେଳେ ସ୍ୱେରେଜ୍ ବୋର୍ଡ ପକ୍ଷରୁ ପକା ଯାଇଥିବା ମାନ୍ ହୋଲ୍ ତ୍ରୁଟି ଜନକ ଥିବାରୁ ଏପରି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ବୁଧବାର ରାତିରେ ଟିସିଆଇ ଛକ ନିକଟରେ ଏକ ବସ୍ କାର୍‌କୁ ଧକ୍କା ଦେବା ଫଳରେ ଗାଡ଼ିଟି କ୍ଷତିଗ୍ରସ୍ତ ହୋଇଛି। ଏବେ ରାଜ୍ୟ ସଡ଼କ ପରିବହନ ବିଭାଗ ପକ୍ଷରୁ ଜିରୋ ଫାଟାଲିଟି ପକ୍ଷ ପାଳନ କରାଯାଉଛି। ଦୁର୍ଘଟଣା ରୋକିବାକୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ମାତ୍ର ଡ୍ରାଇଭରଙ୍କ ଦାୟିତ୍ୱ ହୀନତା ଯୋଗୁଁ ଦୁର୍ଘଟଣା ବଢ଼ି ଚାଲିଛି।

# ବିଭିନ୍ନ ଦାବିନେଇ କଳାବ୍ୟାଜ୍ ପ୍ରତିବାଦ ଓ କଲେଜରେ ତାଲା



**ରାଉରକେଲା, ୨୭।୧୧(ସମିସ):** ଗତ ୩ ଦିନ ହେବ ରାଜ୍ୟର ୭ଟି ସରକାରୀ ଆୟୁଷ କଲେଜରେ ପଡ଼ିଛି ତାଲା। ରାଜ୍ୟରେ ଥିବା ସାତୋଟି ସରକାରୀ ଆୟୁର୍ବେଦ ଓ ହୋମିଓପ୍ୟାଥିକ(ଆୟୁଷ) ଛାତ୍ର ଛାତ୍ରୀ ଓ ହାଉସ ସର୍ଜନଙ୍କ ରାଜ୍ୟ ସରକାରଙ୍କ ଉପରେ କ୍ଷୋଭ ଓ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘଦିନର ଦାବିପୂରଣ ନେଇ ବାରମ୍ବାର ପ୍ରତିଶ୍ରୁତି ଦେଇ କୌଣସି ପ୍ରକାର ପଦକ୍ଷେପ ନ ନେବା ଦ୍ୱାରା ଗତ ୬ ତାରିଖଠାରୁ ରାଜ୍ୟର ଭୁବନେଶ୍ୱର, ବ୍ରହ୍ମପୁର, ବଲାଙ୍ଗିର, ପୁରୀ, ଅଙ୍କୁଶପୁର, ରାଉରକେଲା ଓ ସମ୍ବଲପୁରରେ ଥିବା ସମସ୍ତ ସରକାରୀ ଆୟୁଷ କଲେଜ ଛାତ୍ରଛାତ୍ରୀ କଳା ବ୍ୟାଜ୍ ପିନ୍ଧି ରାଜ୍ୟ ସରକାରଙ୍କ ଆୟୁଷ ପ୍ରତି ଥିବା ଅପାରଗତା ନେଇ ପ୍ରତିବାଦ କରିଆସୁଥିଲେ। ଏନେଇ ରାଜ୍ୟ ଆୟୁଷ ଛାତ୍ର ସଂସଦ ପକ୍ଷରୁ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ସମେତ ରାଜ୍ୟ ଆୟୁଷ ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ରାଜ୍ୟ ସରକାର ଏଲୋପାଠୀକ ଭଳି ଆୟୁଷ ଚିକିତ୍ସା ସେବା ଓ ଶିକ୍ଷା ବ୍ୟବସ୍ଥା ପାଇଁ କୌଣସି ପ୍ରକାର ତତ୍ପରତା ଦେଖାଉନାହାନ୍ତି ବୋଲି ଅଭିଯୋଗ କରିଥିଲେ। ରାଜ୍ୟରେ ନୂତନ ଆୟୁଷ ମେଡିକାଲ ଅଧିକାରୀ ପଦବୀ ସୃଷ୍ଟି, ଆୟୁଷ ପିଜି ଓ ପିଏଚଡି ପାଠ୍ୟକ୍ରମ ସିଟ ବୃଦ୍ଧି, ହାଉସ ସର୍ଜନଙ୍କ ବାହୁଦିନର ଦାବି ଡାଇନାମିକ ଭତ୍ତା ବୃଦ୍ଧି, ସମସ୍ତ ଆୟୁଷ କଲେଜରେ ପରିଚାଳନା କମିଟିର ପୂର୍ଣ୍ଣ ଗଠନ, ଆୟୁଷ ପ୍ରଗତି ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ନୀତିରେ ଆୟୁଷ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବଜେଟ, ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ସହିତ ଜନସାଧାରଣଙ୍କୁ ଆୟୁଷ ସ୍ୱାସ୍ଥ୍ୟ ପାଇଁ ସଚେତନତା ଅଭିଯାନ ସୃଷ୍ଟି ଓ ସ୍ୱତନ୍ତ୍ର ସ୍ୱତନ୍ତ୍ର ଆୟୁଷ ବିଭାଗ ପ୍ରତିଷ୍ଠା ଆଦି ୮ ଦଫା ଦାବି ପାଇଁ ଦୀର୍ଘଦିନ ଧରି ରାଜ୍ୟ ଆୟୁଷ ଛାତ୍ର ସଂସଦ ଓ ଆୟୁଷର ବିଭିନ୍ନ ରାଜ୍ୟ ସ୍ତରୀୟ ସଂଗଠନ ଦାବିକରି ସରକାରଙ୍କ ସହିତ ଆଲୋଚନା କରି ଆସୁଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ସକରାତ୍ମକ ପଦକ୍ଷେପ ନ ନିଆଯିବା ଦ୍ୱାରା ଗତ ସୋମବାର ଦିନ ଠାରୁ ସମସ୍ତ ଆୟୁଷ କଲେଜ ବନ୍ଦ ସହିତ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଛି ବୋଲି ସଭାପତି ଗିରିଧର ବିଶ୍ୱାଳ, ସାଧାରଣ ସମ୍ପାଦକ ବିଭୁନନ୍ଦ କର୍ମୀ କହିଛନ୍ତି।

# ଡେଙ୍ଗୁ ଓ ମେଲେରିଆ ରୋକିବା ଲାଗି 'ଫଗିଂ' ଅଭିଯାନ

**ରାଉରକେଲା, ୨୭।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନାର ସହର ଇଞ୍ଜିନିୟରିଂ ବିଭାଗର ଜନସ୍ୱାସ୍ଥ୍ୟ ୟୁନିଟ୍ ବର୍ଷାଦିନ ପରେ ସହରରେ ଡେଙ୍ଗୁ ଏବଂ ଅନ୍ୟାନ୍ୟ ମଶା ବାହିତ ରୋଗର ଭୟାବହତାକୁ ରୋକିବା ପାଇଁ ବ୍ୟାପକ ଥର୍ମାଲ୍ ଫଗିଂ ଅଭିଯାନ ଆରମ୍ଭ କରିଛି। ସହର ଇଞ୍ଜିନିୟରିଂ ବିଭାଗର ଜିଏମ ହରପ୍ରସାଦ ପଟ୍ଟନାୟକ ସେକ୍ଟର-୫ ସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଫଗିଂ ଯାନଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂ ବିଭାଗର ଡେପୁଟି ସିଏମଓ ଡ. ଦୀପା ଲାଭାଙ୍ଗରେ ଏବଂ ଜନସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅଭିଯାନ ଅଧୀନ ଚାରୋଟି ଗାଡ଼ି ପ୍ରତିଦିନ ଟାଉନସିପ୍‌ର ବିଭିନ୍ନ ସେକ୍ଟର ଗସ୍ତ କରିବ ଏବଂ ସମୟସୂଚୀ ଅନୁସାରେ ସେହି ସେକ୍ଟର ମଧ୍ୟରେ ବିଭିନ୍ନ ବ୍ଲକରେ ଫଗିଂ ସମ୍ପନ୍ନ କରିବ। ଏଥିମଧ୍ୟରୁ, ଗୋଟିଏ ନିର୍ଦ୍ଦିଷ୍ଟ ଗାଡ଼ି ଦିଆଯାଇଥିବା ଅଞ୍ଚଳର ବସ୍ତି ଅଞ୍ଚଳକୁ କଭର କରିବ। ଉଲ୍ଲେଖନୀୟ ଯେ ଜନସ୍ୱାସ୍ଥ୍ୟ ୟୁନିଟ୍ ପ୍ରତିବର୍ଷ ମଶାବଂଶ ନିୟନ୍ତ୍ରଣ କରିବା ପାଇଁ ଇସ୍ପାତ ଟାଉନସିପ୍‌ରେ ଫଗିଂ ଅଭିଯାନ କରିଥାଏ। ଏହି ପ୍ରତିଷେଧକ ପଦକ୍ଷେପର ଲକ୍ଷ୍ୟ ଡେଙ୍ଗୁ, ଚିକୁନଗୁନିଆ ଏବଂ ମେଲେରିଆ ଭଳି ମଶା ବାହିତ ରୋଗକୁ ଦୂର କରିବା ରହିଛି। ଏଥିପାଇଁ ଚାରୋଟି ଗାଡ଼ି ନିୟୋଜିତ କରାଯାଇଛି ଯାହା ସୂଚୀ ଅନୁଯାୟୀ ବସ୍ତି ସମେତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକ୍ଷମ ହେବ। ଡ. ଦୀପା ଲାଭାଙ୍ଗରେ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ଏନ୍‌ଆଇଟିରେ ଜାତୀୟ ସମ୍ବିଧାନ ଦିବସ



**ରାଉରକେଲା, ୨୭।୧୧(ସମିସ):** ଭାରତର ସମ୍ବିଧାନ ଗ୍ରହଣର ୭୬ ତମ ବାର୍ଷିକୀ ପାଳନ ଅବସରରେ ରାଉରକେଲା ଏନଆଇଟି ପକ୍ଷରୁ ଆଜି ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏନଆଇଟିର ମୁଖ୍ୟ ପ୍ରଶାସନିକ ଭବନ ସମ୍ମୁଖରେ ଆଜି ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ନେତୃତ୍ୱରେ ଏହି ଅବସରରେ ସମ୍ବିଧାନକୁ ନେଇ ଶପଥ ପାଠ କରାଯାଇଥିଲା। ଏଥିରେ ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରମାନେ ଉପସ୍ଥିତ ଥିଲେ, ଯେଉଁମାନେ ସାମୂହିକ ଭାବରେ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରିଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷର ସମ୍ବିଧାନ ଦିବସ କାର୍ଯ୍ୟକ୍ରମଗୁଡ଼ିକ ଜନଜାତୀୟ ଗୌରବ ବର୍ଷ (୧୫ ନଭେମ୍ବର ୨୦୨୪ - ୧୫ ନଭେମ୍ବର ୨୦୨୫) ର ସମାପନୀ କାର୍ଯ୍ୟକ୍ରମ ମଧ୍ୟ ମହାଡମ୍ବର ସହ ପାଳନ ହୋଇଥିଲା। ଉଭୟ ଦିବସର ଆୟୋଜିତ ସମାପନୀ ଉଦ୍‌ଯାପନୀ ସନ୍ଧ୍ୟାରେ ଜନଜାତୀୟ ଗୌରବ ବର୍ଷ ଏବଂ ସମ୍ବିଧାନ ଗ୍ରହଣ କାର୍ଯ୍ୟକ୍ରମର ୭୫ ବର୍ଷ ଏନଆଇଟି ରାଉରକେଲାର ନୋଡାଲ ଅଧିକାରୀ ପ୍ରଫେସର ଆର. କେ. ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଏହା ପରେ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ବକ୍ତବ୍ୟ ରଖି କହିଲେ ସମ୍ବିଧାନ ଆମକୁ ଆମ ଗଣତନ୍ତ୍ରକୁ ଗଠନ କରୁଥିବା ଆଦର୍ଶକୁ ମନେ ପକାଇ ଦିଏ। ଏହିପରି ଦିନଗୁଡ଼ିକ ବଜାୟ ରଖିବା ପାଇଁ ଆମର ସାମୂହିକ ସଂକଳ୍ପକୁ ଦୃଢ଼ କରେ। ଆମେ ଆମର ଦୈନନ୍ଦିନ କାର୍ଯ୍ୟରେ ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱକୁ ସୁରକ୍ଷା ଦେବା ପାଇଁ ଆମର କର୍ତ୍ତବ୍ୟକୁ ପୁନଃନିର୍ଦ୍ଦେଶ କରୁ। ଯେତେବେଳେ ଆମେ ଜନଜାତି ଗୌରବ ବର୍ଷ ପାଳନ ମଧ୍ୟ ଶେଷ କରୁ, ମୁଁ ଭାବୁଛି ଯେ ଆମ ସମସ୍ତଙ୍କ ପାଇଁ ଭଗବାନ ବିର୍ସାମୁଣ୍ଡାଙ୍କ ସାହସ ଏବଂ ଅବଦାନକୁ ମନେ ରଖିବା ଗୁରୁତ୍ୱପୂର୍ଣ୍ଣ, ଯାହାଙ୍କ ଐତିହ୍ୟ ଆଦିବାସୀ ପରିଚୟ ଏବଂ ଅନ୍ତର୍ଭୁକ୍ତିକରଣ ପ୍ରତି ସମ୍ମାନକୁ ପ୍ରେରଣା ଦେଇ ଆସୁଛି। ଏନ୍‌ଆଇଟି କୁଳସଚିବ ପ୍ରଫେସର ରୋହନ ଧିମାନ, ଏନଆଇଟିର କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷା ପି. ନୀରଜା ମଧ୍ୟ ସମାବେଶକୁ ସମ୍ବୋଧିତ କରିଥିଲେ। ଏନଆଇଟିଆର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରମାନେ ସାଂସ୍କୃତିକ ମୂଲ୍ୟବୋଧ ଏବଂ ଜନଜାତି ପରିଚୟ ଉପରେ କେନ୍ଦ୍ରିତ ଏକ ସ୍କିଟ୍ ଏବଂ ନୃତ୍ୟ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସଂଯୋଜକ ପ୍ରଫେସର ବି. କେ. ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ଫାଇଲେରିଆ ନିରାକରଣ ଅଭିଯାନ

# ଦର୍ଲିପାଲି ନିରାମୟ ହସ୍ପିଟାଲରେ ହାଇଡ୍ରୋସିଲ ଅସ୍ତ୍ରୋପଚାର ଶିବିର



**ରାଉରକେଲା, ୨୭।୧୧(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୁନ୍ଦରଗଡ଼ ଓ ଏନ୍‌ଟିପିସି ଦର୍ଲିପାଲି ସ୍ଥିତ ନିରାମୟ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ହାଇଡ୍ରୋସିଲ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଫାଇଲେରିଆମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଅଧୀନ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ହାଇଡ୍ରୋସିଲ ଅପରେସନ୍ ଏକ ମୁଖ୍ୟ କାର୍ଯ୍ୟକ୍ରମ ଅଟେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସୁନ୍ଦରଗଡ଼ ଓ ନିରାମୟ ହସ୍ପିଟାଲ, ଦର୍ଲିପାଲିର ମିଳିତ ଉଦ୍ୟମ କ୍ରମେ ଅନୁଷ୍ଠିତ ହୋଇଥିବା ଏହି ଶିବିରରେ ମୋଟ ୨୧ ଜଣ ବ୍ୟକ୍ତିଙ୍କର ହାଇଡ୍ରୋସିଲ ଅସ୍ତ୍ରୋପଚାର ହୋଇଯାଇଛି। ଲେଫ୍ରିପଡ଼ା ବ୍ଲକ ଓ ହେମଗିର ବ୍ଲକର ରୋଗୀମାନଙ୍କୁ ଏହି ଶିବିରକୁ ଅଣାଯାଇଥିଲା। ନିରାମୟ ହସ୍ପିଟାଲ ଦର୍ଲିପାଲିର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅପରାଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏନଟିପିସି ଦର୍ଲିପାଲି ତରଫରୁ ରୋଗୀ ମାନଙ୍କୁ ଖାଇବା, ପିଇବା, ଔଷଧ, ମଶାରୀ ଓ ବେଡସିଟ୍ ମାଗଣାରେ ପ୍ରଦାନ କରାଯାଇଥିଲା। ଏନଟିପିସି ଦର୍ଲିପାଲି ତରଫରୁ ଏଚ୍‌ଓପି. ଫାଇଜ ତୟବ, ଏଚଓଏଚ୍ ଆର ପ୍ରଭାତୀ ସିଂହ, ନବୀନ ଅମିତାଭ ବକ୍ସଲା ଓ ଅନ୍ୟାନ୍ୟ ଅଧିକାରୀଗଣ ଯୋଗଦାନ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଡା. ସୁରେଶ ଚନ୍ଦ୍ର ମହାନ୍ତି, ଡା. ପ୍ରଦୀପ ଭୋଇ, ଡା. ମହାନ୍ତି ତାଙ୍କର ଅଭିଭାଷଣରେ ଏହା କହିଥିଲେ ଯେ କ୍ୟୁଲେକ୍ସ ମଶା କାମୁଡିବା ଦ୍ୱାରା ଫାଇଲେରିଆ ତଥା ହାଇଡ୍ରୋସିଲ ସାଧାରଣତଃ ହୋଇଥାଏ। ଏହି ମଶା କାମୁଡ଼ିବାର ୫ ରୁ ୧୫ ବର୍ଷ ମଧ୍ୟରେ ଗୋଦର ଗୋଡ଼ ଏବଂ ଅଣ୍ଡକୋଷ ବୃଦ୍ଧି ହେବାର ସମ୍ଭାବନା ଥାଏ। ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବସନ୍ତ କୁମାର ପଣ୍ଡା, ଭେକ୍ଟର ବାହିତ ରୋଗ ବୈଷୟିକ ପର୍ଯ୍ୟବେକ୍ଷକ ଜ୍ୟୋତ୍ସ୍ନା ନାଏକ ଓ ସୁବାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଆର୍‌ଏସ୍‌ପି ନୂତନ ପ୍ଲେଟ୍ ମିଲ୍ ଦ୍ୱାରା ମାଇଲଖୁଣ୍ଟ ସ୍ଥାପନ



**ରାଉରକେଲା, ୨୭।୧୧(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ନୂତନ ପ୍ଲେଟ୍ ମିଲ୍ ବିଭଗ ଏହାର ରିହିଟିଂ ଫର୍ଣ୍ଣେସ୍‌ରେ ଏକ ଅଭିନବ ଏମିସିଭିଟି ଆବରଣର ସଫଳ କାର୍ଯ୍ୟାନ୍ୱୟନ ସହିତ ସ୍ଥାୟୀ ଇସ୍ପାତ ଉତ୍ପାଦନରେ ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। କେଏଫ୍‌ଡବ୍ଲ୍ୟୁ ପରିବେଶଗତ ଉନ୍ନୟନ କାର୍ଯ୍ୟକ୍ରମ ଅଧୀନରେ ନିବେଶିତ ଆର୍‌ଏସ୍‌ପିରେ ଏହି ଅଗ୍ରଣୀ ତଥା ପ୍ରଥମ ପଦକ୍ଷେପ ଏନ୍‌ପିଏମରେ ନିର୍ଦ୍ଧାରିତ ପ୍ରମୁଖ ମରାମତି ଅବଧିରେ ସୂଚାରୁ ରୂପେ କାର୍ଯ୍ୟକାରୀ ହୋଇଥିଲା। ଏହି ଉନ୍ନତ ଏମିସିଭିଟି ଆବରଣ ପ୍ରତିରୋଧକ ପୃଷ୍ଠରୁ ତାପ ଅବଶୋଷଣ ଏବଂ ପୁନଃ ବିକିରଣକୁ ଉନ୍ନତ କରି ଫର୍ଣ୍ଣେସ୍‌ର ତାପଜ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିଥାଏ। ଏହି ପଦକ୍ଷେପ ନିର୍ଦ୍ଦିଷ୍ଟ ଉତ୍ତାପ ବ୍ୟବହାରରେ ୫% ହ୍ରାସ ଆଣିବାର ଆଶା କରାଯାଉଛି, ଯାହା ମୂଲ୍ୟ ସଞ୍ଚୟ ସାଧନ ସଙ୍ଗେସଙ୍ଗେ ଅଙ୍ଗାରକାମ୍ଳ ଭଳି ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନରେ ଅଧିକ ହ୍ରାସ ଆଣିବାରେ ସହାୟକ ହେବ। ୨୩.୫୦ ଲକ୍ଷ ଟଙ୍କା ମୂଲ୍ୟ ବ୍ୟୟରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପ, କାର୍ବନ ଫୁଟପ୍ରିଣ୍ଟକୁ କମ୍ କରିବା ସହିତ ସ୍ୱଚ୍ଛ ଉତ୍ପାଦନ ଅଭ୍ୟାସ ଗ୍ରହଣ କରିବା ପାଇଁ ଆର୍‌ଏସ୍‌ପିର ଜାରି ରହିଥିବା ପ୍ରୟାସକୁ ଆହୁରି ସୁଦୃଢ଼ କରିବ। ଆଉ ଏକ ପ୍ରମୁଖ ଲାଭ ମଧ୍ୟରେ ଥର୍ମାଲ୍ ଚାପ ପରିପ୍ରେକ୍ଷୀରେ ଫର୍ଣ୍ଣେସ୍ ରିଫ୍ରାକ୍ଟୋରୀଗୁଡ଼ିକର ବର୍ଦ୍ଧିତ ଜୀବନ ଅବଧି ରହିଛି, ଯାହା ଫଳରେ ସାମଗ୍ରିକ ଉପକରଣ ଉପଲବ୍ଧତା ବୃଦ୍ଧି ପାଇବା ସହିତ ରକ୍ଷଣାବେକ୍ଷଣ ଆବଶ୍ୟକତାକୁ ମଧ୍ୟ ହ୍ରାସ କରିବ। ଏହି ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନରେ ଏନ୍‌ପିଏମ୍, ଏସ୍‌ପିପି, ଡିଜିଟାଲାଇଜେସନ ବିଭାଗର ସିଜିଏମ୍ ଆର.କେ. ମୁଦୁଲିଙ୍କ ମାର୍ଗଦର୍ଶନ ତଥା ଏନପିଏମ୍ ଅପରେସନ ବିଭାଗ ମୁଖ୍ୟ ନୀଳମଣି ମହାପାତ୍ରଙ୍କ ନିରନ୍ତର ତଦାରଖ ଦ୍ୱାରା ସମ୍ଭବ ହୋଇଥିଲା।

# 'ବନ୍ଦେ ମାତରମ୍' ୧୫୦ ବର୍ଷ ପୂର୍ତ୍ତି ଅବସରରେ କାର୍ଯ୍ୟକ୍ରମ



**ରାଉରକେଲା, ୨୭।୧୧(ସମିସ):** ବନ୍ଦେ ମାତରମ୍ ଜାତୀୟ ଗୀତର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ସେକ୍ଟର-୮ ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା ପୂର୍ଣ୍ଣିମା କେରକେଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ଧୀରେ ସେନାପତି, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ, ଦିଲ୍ଲୀପ ଦାଶ, ସୁବ୍ରତ ପଟ୍ଟନାୟକ, ଭ୍ରମରବର ବେହେରା, କୃଷ୍ଣ ପାଢ଼ୀ, ମଧୁବାବୁ ମଣ୍ଡଳ ସଭାନେତ୍ରୀ ପ୍ରତିମା ରାଉତ ତାଙ୍କ ବକ୍ତବ୍ୟରେ ବନ୍ଦେ ମାତରଂ ଜାତୀୟ ଗୀତ ଦେଶ ଭକ୍ତି, ରାଷ୍ଟ୍ରପ୍ରେମ, ସାହସ, ଏକତା ଓ ପ୍ରତିବାଦର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ପରେଶ୍ ମିଶ୍ର ସମସ୍ତେ ସ୍ୱଦେଶୀ ବ୍ୟବହାର କରିବା ପାଇଁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମର ରଘୁନାଥପଲ୍ଲୀର ସଂଯୋଜକ ଆଲୋକ ନାୟକ ପରିଚାଳନା କରିଥିବାବେଳେ ପ୍ରାକ୍ତନ ମଣ୍ଡଳ ସଭାପତି ସନ୍ତୋଷ ବିରାଟ ଧନ୍ୟବାଦ ଅର୍ପଣ କରିଥିଲେ। ମଳୟ ମହାପାତ୍ର, ବରିଷ୍ଠନେତା ଅଶୋକ ଲେଙ୍କା, ମନୋରଞ୍ଜନ ମୁନି, ଦେବେନ୍ଦ୍ର ବୀର୍ ଗଣ୍ଡିଆ, ମନୋଜ ସେନାପତି, ଆମ୍ବେଦକର ମଣ୍ଡଳ ସଭାପତି ମନୋଜ ସ୍ୱାଇଁ, ଜଗନ୍ନାଥ ମଣ୍ଡଳ ସଭାପତି ମମତା ମହାନ୍ତି, ନର୍ମଦା ବାଗ, ରାମ ଏକବାଲ ବର୍ମା, ରବୀନ୍ଦ୍ରନାଥ ବାରିକ, ଶ୍ରୀକାନ୍ତ ପାଢ଼ୀ, ବ୍ୟାସଦେବ ନାଥ, ସ୍ୱାତୀ ମହାନ୍ତ, ସଂଯୁକ୍ତା ପାତ୍ର, ପ୍ରତାପ ଦେଓ, ଖୁସୁବ ବଡାଇକ, ପ୍ରବାଳ ରଞ୍ଜନ ସାମଲ, ଫୁଲମଣୀ ତିର୍କୀ, ଅଜୟ କୁମାର ରାଉତ, କବିତା ବିନ୍ଧାଣି, ବାବୁଲି ବାରିକ, କେ.ପି ରାଜେଶ୍, ଦୀପକ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

**ମାସିକ ସାହିତ୍ୟ ଆସର**


# ସାମାଜିକ ସମରସତା ଓ ନାରୀ ଉତ୍ଥାନର ପ୍ରେରଣା ଉତ୍ସ 'ଲକ୍ଷ୍ମୀ ପୁରାଣ'

**ରାଉରକେଲା, ୨୭।୧୧(ସମିସ)**



ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲାର ବିର୍ସାମୁଣ୍ଡା ନଗରଶାଖା ପକ୍ଷରୁ ରାଉରକେଲା ସଂଘ କାର୍ଯ୍ୟାଳୟଠାରେ ଆୟୋଜିତ ମାସିକ ସାରସ୍ୱତ ସମାବେଶରେ 'ନାରୀ ଉତ୍ଥାନ ଓ ସାମାଜିକ ସମରସତାର ବୈପ୍ଳବିକ ସ୍ୱର: ଲକ୍ଷ୍ମୀ ପୁରାଣ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଧରିତ୍ରୀ ପାଇକରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ପରିଷଦର ନଗର କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଏବଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପଶ୍ଚିମ ପ୍ରାନ୍ତର ବରିଷ୍ଠ ପ୍ରଚାରକ ବିଷ୍ଣୁ ପାତ୍ର। ନଗର ସମ୍ପାଦକ ଅଧ୍ୟାପକ ଆଭାସ କୁମାର ହୋତା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ନ୍ୟାସା ଅଗ୍ରୱାଲ ପ୍ରାରମ୍ଭରେ ଲକ୍ଷ୍ମୀ ପୁରାଣ ଗାନ କରି ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ। ଏହି ଅବସରରେ ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପିକା ଡ. ସୁଷମା ମୋଦୀ ଏବଂ ରାଉରକେଲା କଲେଜର ଓଡ଼ିଆ ଅଧ୍ୟାପିକା ପ୍ରିୟଙ୍କା ପଲାଇ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ଉପରେ ବିଶେଷ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପାତ୍ର ଏବଂ ଆଲୋଚିକାମାନେ ନିଜ ନିଜ ବକ୍ତବ୍ୟରେ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ'କୁ ସାମାଜିକ ସମରସତା ତଥା ଓଡ଼ିଆ ନାରୀ ସଶକ୍ତିକରଣ ପାଇଁ ଏକ ବୈପ୍ଳବିକ ସ୍ୱର ବୋଲି ଅଭିହିତ କରିଥିଲେ। ଗାଳ୍ପିକ ବ୍ରଜେନ୍ଦ୍ର କୁମାର ଦାଶ ଅଧ୍ୟକ୍ଷତା କରିଥିଲା ବେଳେ କବିତା ସଂଯୋଜନା କରିଥିଲେ ଯୁବ ଗବେଷିକା, କବି ମୋନାଲିସା ବେହେରା ଏବଂ ତରୁଣ କବି, ଛାତ୍ର ଦୀପକ କୁମାର ସାହୁ। ହରିହର ଶତପଥୀ, ସୁଭାଷିନୀ ସାହୁ, ଅମୀୟ ମହାନ୍ତି, ରଞ୍ଜିତା ପାଣିଗ୍ରାହୀ, କରୁଣାକର ପାଟ୍ଟଶାଣୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ରଞ୍ଜିତା ପାଣିଗ୍ରାହୀଙ୍କୁ ନଗର ସମ୍ପର୍କ ପ୍ରମୁଖ ଭାବେ ନୂତନ ଦାୟିତ୍ୱ ଘୋଷଣା ସହ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ନିର୍ମଳମୁଣ୍ଡା ନଗର ସଭାପତି ଗିରିଜା ଶଙ୍କର ଗୋସ୍ୱାମୀ, ରମେଶଚନ୍ଦ୍ର ସିଂହ, ବିଭୁଦତ୍ତ ବେହେରା, ଗୌତମ ଦାସ, ଗୀତାଞ୍ଜଳି ମହାରଣା, ପ୍ରଭାସିନୀ ସାହୁ, ନିରୁପମା ଚାନ୍ଦ, ରମେଶ ଚନ୍ଦ୍ର ସାହୁ, ପ୍ରିୟା ପାତ୍ର, ସ୍ୱର୍ଣ୍ଣଲତା ଘଡେଇ, ପୁତୁଲ ଡୋଗରା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଯଦି ଜନତାଙ୍କୁ ମତାଧିକାର ସାବ୍ୟସ୍ତ କରିବାର ପୂର୍ଣ୍ଣ କ୍ଷମତା ଦିଆଯାଏ, ତେବେ ଶାସନ ବ୍ୟବସ୍ଥା ଏକ ଉଚ୍ଚତର ସୋପାନରେ ପହଞ୍ଚିବ।
-ମାର୍କ ଜୁକରବର୍ଗ

ସକାଳ
THE SAKALA

## ପ୍ରଭାବହୀନ କୋପ୍ ୩୦

ବ୍ରାଜିଲ୍‌ର ବେଲମ୍‌ଠାରେ ଗତସପ୍ତାହରେ ସମାପ୍ତ ଜଳବାୟୁ ଶିଖର ସମ୍ମିଳନୀର ୩୦ତମ ଅଧିବେଶନ(କୋପ୍୩୦) ପୁଣି ଥରେ ଚଷୁକୁଟା ପ୍ରହସନରେ ପରିଣତ ହୋଇଛି। ଜୀବାଶ୍ମ ଇନ୍ଧନର ବ୍ୟବହାର ହ୍ରାସ, କ୍ରମବର୍ଦ୍ଧିଷ୍ଣୁ ବିଶ୍ୱ ତାପମାନ ନିୟନ୍ତ୍ରଣ ଲକ୍ଷ୍ୟ ପ୍ରାୟତଃ ଗୁରୁତ୍ୱ ହରାଇଥିବା ବେଳେ କେବଳ ଉପରଦେଖାଣିଆ ଭାବରେ ଜଳବାୟୁ ପାଣ୍ଠି ପରିମାଣ ବୃଦ୍ଧି ଉପରେ ସକାରାତ୍ମକ ମତୈକ ପ୍ରକାଶ ପାଇଛି। ପରିବେଶ ପ୍ରଦୂଷଣରେ ସର୍ବାଧିକ ପ୍ରଭାବିତ ବିକାଶଶୀଳ ଓ ଅନୁନ୍ନତ ଦେଶମାନଙ୍କ ପ୍ରତି ସର୍ବାଧିକ ପ୍ରଦୂଷଣ ସୃଷ୍ଟିକାରୀ ବିକଶିତ ଦେଶମାନଙ୍କର ଉତ୍ତରଦାୟିତ୍ୱ ବୃଦ୍ଧି ନେଇ କୋପ୍୩୦ରେ ଘୋଷଣା ହୋଇପାରେ ବୋଲି ଆଶା କରାଯାଉଥିବା ବେଳେ ସେଥିରେ ମଧ୍ୟ ନିରାଶ ହେବାକୁ ପଡ଼ିଛି। ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ମୁଖ୍ୟକାରଣ ଉପରେ ଧ୍ୟାନ କେନ୍ଦ୍ରିତ ନ କରି ସବୁଜ ଗୃହ ବାଷ୍ପ ସୃଷ୍ଟିକାରୀ ସାମଗ୍ରୀର ଆମଦାନୀ ଉପରେ ଅଧିକ ଶୁଳ୍କ ଲାଗୁ କରିବା ପାଇଁ କୋପ୍ ୩୦ରେ ସଂକଳ୍ପ ଆଗତ କରିବାକୁ ଯୋଜନା ଚୂଡ଼ାନ୍ତ ହୋଇଥିଲା। କିନ୍ତୁ ଭାରତ ଓ ଚୀନ୍ ସମେତ କେତେକ ବିକାଶଶୀଳ ରାଷ୍ଟ୍ର ଏଭଳି ପାତରଅନ୍ତର ନୀତିର ଘୋର ବିରୋଧ କରିବା ପରେ ତାହା ସ୍ଥଗିତ ରହିଲା। ଏଥିରୁ କୋପ୍୩୦ ଯେ ତାର ମୂଳ ଓ ମୌଳିକ ଲକ୍ଷ୍ୟରୁ ଦୂରେଇ ଯାଉଛି ଏହି ଅଭିଯୋଗ ନିରାଧାର ନୁହେଁ।

କୋପ୍ ୩୦ର ଏକମାତ୍ର ସକାରାତ୍ମକ ବାର୍ତ୍ତା ହେଲା ବ୍ୟାପକ ଶିଳ୍ପାୟନ ଓ ଜଳବାୟୁ ପରିବର୍ତ୍ତନରେ ପ୍ରଭାବିତ ବିକାଶଶୀଳ ଦେଶମାନଙ୍କର କ୍ଷତିଭରଣା ପାଇଁ ୨୦୩୫ ମସିହା ପର୍ଯ୍ୟନ୍ତ ବାର୍ଷିକ ୧.୩ ଲକ୍ଷ କୋଟି ଡଲାରର ଅନୁଦାନ ଦେବା ପାଇଁ ସଦସ୍ୟ ଦେଶମାନେ ସହମତ ହୋଇଛନ୍ତି। ସେହିପରି କୋପ୍୨୮ ରେ ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ଭରଣା ପାଇଁ ପ୍ରସ୍ତାବିତ 'ଲସ୍ ଆଣ୍ଡ ଡ୍ୟାମେଜ୍ ଫଣ୍ଡ' ଆରମ୍ଭ କରିବା ଏବଂ ପ୍ରସ୍ତାବିତ ପାଣ୍ଠି ରାଶିକୁ ତିନିଗୁଣା ବୃଦ୍ଧି କରିବା ଲାଗି ମଧ୍ୟ ସଂକଳ୍ପ ପାରିତ ହୋଇଛି। କିନ୍ତୁ ୨୦୧୯ ରୁ ଜଳବାୟୁ ପାଣ୍ଠି ପ୍ରତି ବିକଶିତ ଦେଶମାନଙ୍କର ପ୍ରତିଶ୍ରୁତି ଓ ଅଙ୍ଗୀକାରବଦ୍ଧତାରେ ଥିବା ଆକାଶପାତାଳ ତଫାତ୍‌ର ଅନୁଭବ ଦୃଷ୍ଟିରୁ ଉପରୋକ୍ତ ସଂକଳ୍ପର ରୂପାୟନରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ସେହିପରି ଆମେରିକା ଜଳବାୟୁ ଶିଖର ସମ୍ମିଳନୀରୁ ଓହରି ଆସିଥିବାରୁ ଜଳବାୟୁ ପାଣ୍ଠିର ଆକାର ଓ କାର୍ଯ୍ୟାନ୍ୱୟନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ଅପ୍ରିୟ ସତ୍ୟ ହେଉଛି, ବିକଶିତ ଦେଶମାନେ ଉତ୍ତରଦାୟିତ୍ୱ ନ ନେବା ପର୍ଯ୍ୟନ୍ତ ଜଳବାୟୁ ଶିଖର ସମ୍ମିଳନୀମାନ ଏଭଳି ଚଷୁକୁଟା ପ୍ରହସନ ହୋଇଚାଲିଥିବ। କିନ୍ତୁ ଚେଇଁ ଶୋଇଥିବା ଲୋକକୁ ଉଠେଇବ କିଏ? ସାମ୍ପ୍ରତିକ ବିଶ୍ୱର ସର୍ବବୃହତ୍ ଆହ୍ୱାନ ହେଉଛି ଜନତାଙ୍କୁ ଜଳବାୟୁ ନ୍ୟାୟ ପ୍ରଦାନ। ସ୍ୱାର୍ଥସର୍ବସ୍ୱ ମାନସିକତାରେ ଏହି ଲକ୍ଷ୍ୟ ହାସଲ ସମ୍ଭବ ନୁହେଁ। ବୋଧହୁଏ ନିଜେ ପ୍ରଭାବିତ ଓ କ୍ଷତିଗ୍ରସ୍ତ ନ ହେବା ଯାଏଁ ବିକଶିତ ରାଷ୍ଟ୍ରମାନଙ୍କର ଚେତନା ଉଦୟ ହେବ ନାହିଁ। ସେପର୍ଯ୍ୟନ୍ତ ଅବଶିଷ୍ଟ ବିଶ୍ୱ ଜଳବାୟୁ ପରିବର୍ତ୍ତନର ବିଷ ପିଇବାକୁ ବାଧ୍ୟ। ବିଶେଷକରି ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ତଥା ଜଳବାୟୁ ପରିବର୍ତ୍ତନ ଜନିତ ସଙ୍କଟ ପ୍ରଭାବିତ ତାଲିକାରେ ନବମ ସ୍ଥାନରେ ଥିବା ଭାରତ ପାଇଁ ଏହି ଆହ୍ୱାନର ମୁକାବିଲା କରିବା ଆହୁରି ଅଧିକ କଠିନ।

ଏବେ ସମୟ ଆସିଛି ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବକୁ ହ୍ରାସ କରିବା ପାଇଁ ଜାତୀୟ ନୀତି ପ୍ରଣୟନ କରିବାର। ଭାରତକୁ ଖାଦ୍ୟାଭାବ, ବାତ୍ୟା, ବନ୍ୟା, ମରୁଡ଼ି, ସମୁଦ୍ର ପତ୍ତନ ବୃଦ୍ଧି, ଜଳାଭାବ, ଶସ୍ୟ ହାନି, ସ୍ୱାସ୍ଥ୍ୟସଙ୍କଟ, ଜୈବବିବିଧତା ହ୍ରାସ, ଅଂଶୁଘାତ, ଆଦି ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଜନିତ ଦୁଷ୍ପ୍ରଭାବରୁ ସୁରକ୍ଷା ଦେବାକୁ ହେଲେ ସଂକଳ୍ପ ନୁହେଁ, ଯୁଦ୍ଧକାଳୀନ ପଦକ୍ଷେପ ଆବଶ୍ୟକ। ଏଥିପାଇଁ ସରକାରୀ ଓ ରାଜନୈତିକ ନିଷ୍ଠା, ଗୋଷ୍ଠୀ ସହଭାଗିତା ଓ ପ୍ରଶାସନିକ ଆନ୍ତରିକତା ଅପରିହାର୍ଯ୍ୟ। ସେହିପରି ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ସମାଧାନରେ ବୈଷୟିକ ଜ୍ଞାନକୌଶଳ ସହ ପାରମ୍ପରିକ ମୌଳିକ ଜ୍ଞାନକୁ ସମ୍ମିଳିତ ଭାବେ ପ୍ରୟୋଗ କରିବା ପାଇଁ ମାନସିକତାରେ ସକାରାତ୍ମକ ପରିବର୍ତ୍ତନ ମଧ୍ୟ ଜରୁରୀ। ●

## ଆପଣା ହସ୍ତେ ଜିହ୍ୱା ଛେଦି

ଯାନବାହନ ଓ ସେଗୁଡ଼ିକର ଚାଳିତ ଶକ୍ତି ଜୀବାଶ୍ମ ଇନ୍ଧନର ଉତ୍ପାଦନ ଓ ବିକ୍ରି ଉପରେ କଟକଣା ଜାରି କରିବା ଲାଗି ସରକାରଙ୍କୁ ଆବେଦନ କରିଛନ୍ତି କାରନିର୍ମାଣକାରୀ ସଂସ୍ଥାର ଜନୈକ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ। ଆବେଦନର କାରଣରେ ସେ ଦର୍ଶାଇଛନ୍ତି ଯେ କାର ମୋ ଜୀବିକାର୍ଜନର ମୁଖ୍ୟ ସହାୟକ ଏହା ନିଃସନ୍ଦେହ; କିନ୍ତୁ ତା'ଠାରୁ ଗୁରୁତ୍ୱପୂର୍ଣ୍ଣ ମୋ ପୂର୍ବ ଓ ଉତ୍ତର ପିଢ଼ିର ସ୍ୱାସ୍ଥ୍ୟ ଓ ଭବିଷ୍ୟତ। ଯାନବାହନ ଚଳାଚଳରେ କଟକଣା ନ ଲାଗିବା ପର୍ଯ୍ୟନ୍ତ ପରିବେଶ ପ୍ରଦୂଷଣରୁ ଯେ ମୁକ୍ତି ନାହିଁ ଏହି ଆପ୍ତବାକ୍ୟଟି ସମ୍ପୃକ୍ତ ସିଇଓଙ୍କ ଆବେଦନରୁ ସ୍ପଷ୍ଟ ଓ ନିର୍ଧାର୍ଯ୍ୟ।

ଏହା ଅସ୍ୱୀକାର କରିବାର ନାହିଁ ଯେ ଦ୍ରୁତ ସହରୀକରଣ ସହିତ କର୍ମସ୍ଥଳୀ, ବିପଣନ ଓ ମନୋରଞ୍ଜନ ବିକ୍ଷିପ୍ତ ହୋଇଛି ଏବଂ ଗମନାଗମନରେ ଯାନବାହନ ଏକ ଜରୁରୀ ଆବଶ୍ୟକତା ହୋଇପଡ଼ିଛି। ସେହି ଆଧାରରେ ଆଶାତୀତ ଭାବେ ଯାନବାହନ ଉତ୍ପାଦନ ଓ ବିକ୍ରି ବଢ଼ିବାରେ ଲାଗିଛି। ବ୍ୟାଙ୍କ ଓ ବିଭିନ୍ନ ଦେଶୀବିଦେଶୀ ଅର୍ଥଲଗାଣକାରୀ ସଂସ୍ଥାଙ୍କ ପ୍ରାବଲ୍ୟ ଯୋଗୁଁ ସହଜରେ ଋଣ ମିଳିଯାଉଛି। ତା' ସହିତ ଲୋକମାନଙ୍କର ଉପାର୍ଜନ ମଧ୍ୟ ବଢ଼ିଛି। ଆୟ ଓ ଋଣ ସମ୍ପର୍କର ସିଧାସଳଖ ପ୍ରଭାବ ଯାନବାହନ ସଂଖ୍ୟା ବୃଦ୍ଧିରେ ପ୍ରତିଫଳିତ ହେଉଛି। ପରିଣାମ ସ୍ୱରୂପ ବାୟୁ ପ୍ରଦୂଷଣ ଉତ୍କଟ ହେବାରେ ଲାଗିଛି। ବିଷାକ୍ତ ଓ ପ୍ରଦୂଷିତ ବାୟୁ ସମସ୍ୟା ଓ ପରିବେଶ ସଙ୍କଟ ଏବେ କେବଳ ଆଉ ଦେଶର ରାଜଧାନୀ ଦିଲ୍ଲୀରେ ସୀମିତ ହୋଇ ରହିନାହିଁ। ଆମ ରାଜ୍ୟର ଅନୁଗୁଳ ସହର ପ୍ରଦୂଷିତ ବାୟୁ ମାନରେ ଦିଲ୍ଲୀକୁ ମଧ୍ୟ ଟପିଯାଇଛି। ଧୀରେ ଧୀରେ ଦେଶର ବିଭିନ୍ନ ଜନାକୀର୍ଣ୍ଣ ସହରାଞ୍ଚଳ ଏଭଳି ପ୍ରଦୂଷିତ ବାୟୁର ପଞ୍ଝା ମଧ୍ୟକୁ ଚାଲିଯାଉଛି।

ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣର କାରଣ ଓ ନିରାକରଣ ବିଷୟରେ ଜନତା ଆଉ ଅଜ୍ଞ ନୁହନ୍ତି। ତେଣୁ ସୂଚନା ଓ ସଚେତନତା ପ୍ରୟାସ ବୃଥା। କଥା କଥାକେ ଗାଡ଼ିଟିଏ ନ ହେଲେ ଘରୁ ଗୋଡ଼ ବାହାର କରିବାର କୁଣ୍ଠାକୁ ଆମେ ତ୍ୟାଗ କରିପାରୁନାହୁଁ। ସବୁଜାଣି ମଧ୍ୟ ଅଧିକ ସୁଖ, ସୁବିଧା ଲୋଡ଼ୁଥିବାର ପରିଣାମ ଆମକୁ ହିଁ ଭୋଗିବାକୁ ପଡ଼ୁଛି ଏବଂ ଆମର ଉତ୍ତରପିଢ଼ିଙ୍କୁ ମଧ୍ୟ ଭୋଗିବାକୁ ପଡ଼ିବ। ଓଡ଼ିଶାରେ ଏକ ପ୍ରବାଦ ଅଛି - ଆପଣାହସ୍ତେ ଜିହ୍ୱା ଛେଦି କେ ଅଛି ତା'ର ପ୍ରତିବାଦୀ। ବିଷବଳୟରୁ କେବଳ ଆମର ଆତ୍ମସଂଯମ ହିଁ ଉଦ୍ଧାର କରିପାରିବ। ନିଷ୍ପତ୍ତି ଆମମାନଙ୍କର। ●

## ଓଡ଼ିଆ ଅସ୍ମିତା ଓ ସ୍ୱାବଲମ୍ବନ

**ଡ. ପ୍ରମୋଦ କୁମାର ପଣ୍ଡା**



ଆଜିକାଲି ଆମେ ସମସ୍ତେ ଓଡ଼ିଆ ଅସ୍ମିତା ବୃଦ୍ଧି ପାଇଁ ଉଦ୍ୟମ କରୁଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଆମ ଅସ୍ମିତା ଦେଶ ଓ ବିଦେଶରେ ସେତେବେଳେ ବୃଦ୍ଧି ପାଇବ ଯେତେବେଳେ ପ୍ରତି ଓଡ଼ିଆ ମୁଣ୍ଡ ଟେକି ଆଖିରେ ଆଖି ମିଳାଇ ଅନ୍ୟ ରାଜ୍ୟ ଓ ବିଦେଶର ଲୋକଙ୍କ ସହିତ କଥା ହୋଇପାରିବ କିମ୍ବା ନିଜ ଅଧିକାର ଜାହିର କରିପାରିବ। ଅନ୍ୟମାନେ ଯେତେବେଳେ ଆମକୁ ଦେଖିବେ ତୁରନ୍ତ ସମ୍ମାନ ଦେବାର ମାନସିକତା ପ୍ରଦର୍ଶନ କରିବେ ସ୍ୱତଃପ୍ରବୃତ୍ତ ଭାବରେ। ଏହା ସେତେବେଳେ ସମ୍ଭବ ହେବ, ଯେତେବେଳେ ଆମେ ନିଜକୁ ଧନୀ କରିପାରିବା।

ଇଂରାଜୀରେ ଏକ ପ୍ରବାଦ ଅଛି - 'ଭିକାରୀର ଇଚ୍ଛା ବାଛିବାର ଅଧିକାର ନାହିଁ, ଯିଏ ଯାହା ଦେଲା ସେଥିରେ ସନ୍ତୁଷ୍ଟ ହେବାକୁ ବାଧ୍ୟ।' ଏ ଦୁନିଆରେ ଅର୍ଥ ହିଁ ସମ୍ମାନର ଅଧିକାରୀ। ଆପଣଙ୍କ ପାଖରେ ପଇସା ଥିଲେ ସବୁକିଛି ମିଳିଯାଇପାରିବ। ସେଥିପାଇଁ ତ କୁହାଯାଇଛି - 'ଆବେ ପରଶୁ, ଯାବେ ପରଶୁ, ବାବୁ ପରଶୁରାମ; ପଇସା କ୍ୟା ନ କରେ କାମ।' ଏଠାରେ ପଇସା ଅର୍ଥ ନୁହେଁ କଳା ଟଙ୍କା ରୋଜଗାର କରିବା। ଏ ପୃଥିବୀରେ ସାଧୁ ଉପାୟରେ ପଇସା ରୋଜଗାର କରି ଧନୀ ହେବାର ଶହ ଶହ ରାସ୍ତା ଅଛି। କିନ୍ତୁ ଦୁଃଖ ଲାଗେ ଆମ ସ୍ଥିତି ଦେଖି। ବିକାଶର ସମସ୍ତ ଉପାଦାନ ଆମ ପାଖରେ ଥିବା ସତ୍ତ୍ୱେ ଆମେ ଏକ ଦରିଦ୍ର ଜାତି ହିସାବରେ ନିଜର ପରିଚୟ ସୃଷ୍ଟି କରିଛନ୍ତି।

ଓଡ଼ିଶା ଦେଶର ଅଷ୍ଟମ ବୃହତ୍ତମ ରାଜ୍ୟ। ପ୍ରାକୃତିକ ସମ୍ପଦରେ ଭରପୂର। ସମଗ୍ର ଦେଶରେ ବାର୍ଷିକ ହାରାହାରି ୧୨୦୦ ମିଲିମିଟର ବର୍ଷା ହେଉଥିବା ସ୍ଥଳେ ଆମର ୧୫୦୦ ମିଲିମିଟର। ଦେଶରେ ଆଠପ୍ରକାର ମୃତ୍ତିକା ଥିବା ବେଳେ ଆମର ମଧ୍ୟ ଆଠପ୍ରକାର ମୃତ୍ତିକା ଅଛି। ସମୁଦ୍ର ପତ୍ତନଠୁ ଦେଓମାଳିର ଶିଖର ପର୍ଯ୍ୟନ୍ତ ସମସ୍ତ ପ୍ରକାର ଭୂମିରୂପ ଓ ଜଳବାୟୁ ଆମ ପାଖରେ ମହଜୁଦ ଅଛି। ଏହା ବର୍ଷସାରା ବିଭିନ୍ନ ପ୍ରକାର କୃଷିଜାତ ସାମଗ୍ରୀ ଉତ୍ପାଦନ ପାଇଁ ଭରପୂର ସୁଯୋଗ ଦେଇଛି। ଆମ ପାଖରେ ସମଗ୍ର ଦେଶର ଶତକଡ଼ା ୨୮ ଭାଗ ଲୁହାପଥର, ଶତକଡ଼ା ୨୪ ଭାଗ କୋଇଲା, ଶତକଡ଼ା ୫୯ ଭାଗ ଆଲୁମିନିୟମ (ବକ୍ସାଇଟ) ଓ ଶତକଡ଼ା ୯୮ ଭାଗ କ୍ରୋମାଇଟ ମହଜୁଦ ଅଛି। ତା' ଛଡ଼ା ଅନ୍ୟାନ୍ୟ ଖଣିଜ ପଦାର୍ଥ ମଧ୍ୟ ଅନ୍ବେବହୁତ ଅଛି। ପର୍ଯ୍ୟଟନ ବିକାଶ ପାଇଁ ମନ୍ଦିର, ନଦୀ, ହ୍ରଦ, ଘନ ଜଙ୍ଗଲ ଓ ୪୮୫ କିଲୋମିଟରର ସୁଦୀର୍ଘ ସମୁଦ୍ର ବେଳାଭୂମି ଅଛି। ୬୨ ପ୍ରକାର ପରିଶ୍ରମୀ ଜନଜାତି ମଧ୍ୟ ଅଛନ୍ତି। ଆମ ରାଜ୍ୟର ଶ୍ରମିକ ଅନ୍ୟ ରାଜ୍ୟରେ ପରିଶ୍ରମୀ ବୋଲି ପରିଚୟ ସୃଷ୍ଟି କରିଛନ୍ତି।

ଉପରୋକ୍ତ ବର୍ଣ୍ଣିତ ସମସ୍ତ ବିକାଶ ଉପାଦାନ ମହଜୁଦ୍ ଥିବା ସତ୍ତ୍ୱେ ଓଡ଼ିଶାର ମାସିକ କୃଷି ଆୟ (୫, ୧୧୨ଟଙ୍କା) ଦେଶର ରାଜ୍ୟମାନଙ୍କ ତୁଳନାରେ ତଳ ଆଡୁ ଦ୍ୱିତୀୟ, ଯାହା ଆଦୌ ଗ୍ରହଣୀୟ ନୁହେଁ। ସେହିପରି ବାର୍ଷିକ ମୁଣ୍ଡପିଛା ଆୟରେ ଆମ ରାଜ୍ୟ ଦେଶର ଅନ୍ୟ ରାଜ୍ୟମାନଙ୍କ ତାଲିକାରେ ୧୭ ତମ ସ୍ଥାନ (୧, ୬୩, ୧୦୧ଟଙ୍କା) ମଧ୍ୟ ଗ୍ରହଣୀୟ ନୁହେଁ। କିଛି କେନ୍ଦ୍ରଶାସିତ ଅଞ୍ଚଳକୁ ବିଚାର କଲେ ଆମ ସ୍ଥାନ ୨୨ରେ ଅଛି। ସିକିମର ମୁଣ୍ଡପିଛା ଆୟ ୫, ୪୭, ୬୪୦ ଟଙ୍କା ଦେଶର ସର୍ବୋଚ୍ଚ ହୋଇଥିବା ବେଳେ ତେଲଙ୍ଗାନା, କର୍ଣ୍ଣାଟକ, ତାମିଲନାଡୁ, ହରିୟାଣା ପ୍ରଭୃତି ରାଜ୍ୟର ବାର୍ଷିକ ମୁଣ୍ଡପିଛା ଆୟ ୩ ଲକ୍ଷ ଟଙ୍କାରୁ ଅଧିକ, ଯାହାକି ଆମଠୁ ଶତକଡ଼ା ୧୦୦ରୁ ଅଧିକ।

କେବେ କୌଣସି ପଞ୍ଜାବୀ, ମାରୁଆଡ଼ି କିମ୍ବା ଗୁଜରାଟୀ ମୁଲିଆ ବା ଚାକିରିଆ ହେବା ପାଇଁ ସ୍ୱପ୍ନ ଦେଖେନି। ସବୁବେଳେ ଧନକୁ ମୁଲିଆ ସଦ ଉପଯୋଗପୂର୍ବକ ମାଲିକ ହୋଇ ଅଧିକ ଧନ ଉପାର୍ଜନ କରିବାକୁ ଚେଷ୍ଟା କରେ। ମୁଁ ଆମର ଯୁବପିଢ଼ିଙ୍କୁ ଆହ୍ୱାନ ଦେଉଛି - ଆପଣ ସମସ୍ତେ ଧନୀ ହେବାକୁ ଚେଷ୍ଟା କରନ୍ତୁ, ତାହା ପୁଣି ସତ୍ ଉପାୟରେ। କାରଣ ଅସତ ଧନ ବେଶି ଦିନ ରହିବ ନାହିଁ। ସେଥିପାଇଁ ଉତ୍କଳମଣି ଗୋପବନ୍ଧୁ କହିଥିଲେ, ବାଲ୍ୟ କାଳୁ ଧନ ଓ ଧର୍ମ ସଂଚିବା କଥା। ଆମ ଯୁବବର୍ଗଙ୍କୁ କହିରଖେ, ଆମ ପାଇଁ ସିନା ପର୍ଯ୍ୟାପ୍ତ ଚାକିରି ନାହିଁ, ମାତ୍ର ପର୍ଯ୍ୟାପ୍ତ ରୋଜଗାର ଅଛି। ମନେରଖନ୍ତୁ ଆପଣଙ୍କ ପାଖରେ ଅର୍ଥବଳ ରହିଲେ ସମସ୍ତେ ସମ୍ମାନ ଦେବେ। ଏଥିପାଇଁ ତ କୁହାଯାଏ ଟଙ୍କା ସବୁକିଛି ନୁହେଁ। ମାତ୍ର ଭଗବାନଙ୍କଠୁ ବି କମ୍ ନୁହେଁ।

ପ୍ରତି ଓଡ଼ିଆ ଧନୀ ହେଲେ ଯାଇଁ ଓଡ଼ିଆ ଅସ୍ମିତା ପ୍ରତିଷ୍ଠା ହୋଇପାରିବ। ସେ କାହାପାଖରେ ହାତ ପାତିବ ନାହିଁ। ସେ ମଧ୍ୟ ଅନ୍ୟ ରାଜ୍ୟ ଲୋକଙ୍କୁ ନିଜ ଧନ୍ଦାରେ କାମ କରାଇବ। ଏଥିପାଇଁ ସରକାରଙ୍କ ଗୁରୁ ଦାୟିତ୍ୱବୋଧ ରହିଛି। ସବୁଯୁଗରେ ସବୁ ସରକାରଙ୍କର ବଡ଼ ଆହ୍ୱାନ ହେଉଛି ସମ୍ବଳ ସୀମିତତା। ମାତ୍ର ଯେଉଁ ସରକାର ସୀମିତ ସମ୍ବଳର ସଦୁପଯୋଗ କରିପାରେ ଉତ୍ପାଦକତା ବୃଦ୍ଧି ପାଇଁ, ସେ ରାଜ୍ୟ ବା ଦେଶ ପ୍ରଗତି କରେ। ମାତ୍ର ଓଡ଼ିଶାରେ ଦ୍ରବ୍ୟ ଓ ରୋଜଗାର ସୃଷ୍ଟି ଉଦ୍ଦେଶ୍ୟରେ ପୁଞ୍ଜି ନିବେଶ ନ ହୋଇ ଭୋଟ ପକ୍କା କରିବା ପାଇଁ ସରକାର ପରେ ସରକାର ପୁଞ୍ଜି ନିବେଶ କରି ଚାଲିଛନ୍ତି, ଯାହାର ଫଳସ୍ୱରୂପ ରାଜକୋଷରୁ ଅର୍ଥ ଯାଉଛି, ମାତ୍ର ବେରୋଜଗାରୀ ବଢୁଛି। କୃଷି ଆୟ କମୁଛି ଏବଂ ରାଜ୍ୟରେ ଫସଲ ସଘନତା ମାତ୍ରା ହ୍ରାସ ପାଉଛି। ଭୋଟ ରାଜନୀତିରେ ଟଙ୍କା ବାଣ୍ଟିଲେ ଭୋଟବ୍ୟାଙ୍କ ପକ୍କା ହୋଇଯିବ, ମାତ୍ର ଓଡ଼ିଆ ଧନୀ ହୋଇ ପାରିବ ନାହିଁ।

ଅତୀତରେ ଆମେ ବିଦେଶ ଯାଉଥିଲୁ। ଅନ୍ୟମାନେ ଆମଠୁ ଧନ ନେବା ପାଇଁ ଆମକୁ ଜୟ କରିବାକୁ ଚାହୁଁଥିଲେ। ବର୍ତ୍ତମାନ ପଞ୍ଜାବୀ ଓ କେରଳୀ ବିଦେଶ ଯିବାର ସ୍ୱପ୍ନ ଦେଖୁଥିବା ବେଳେ ଅଧିକାଂଶ ଓଡ଼ିଆ ଯୁବବର୍ଗ ବିପିଏଲ ମଦ୍ୟ ପାନରେ ନିଜର ଭବିଷ୍ୟତ ଖୋଜୁଛନ୍ତି। ଅତ୍ୟନ୍ତ ଦୁର୍ଭାଗ୍ୟଜନକ ସ୍ଥିତି। ଆମ ସରକାର, ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ, ବୁଦ୍ଧିଜୀବୀ ସମସ୍ତେ ମିଶି ଆମ ଯୁବବର୍ଗଙ୍କର ଚାକିରି କରିବା ମନୋବୃତ୍ତିକୁ ପରିବର୍ତ୍ତନ କରି ରୋଜଗାର କରିବାରେ ମନୋନିବେଶ ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବାକୁ ପଡ଼ିବ। ସେଥିପାଇଁ ଏକ ବଡ଼ ସାମାଜିକ ପରିବର୍ତ୍ତନର ଆବଶ୍ୟକତା ରହିଛି। ●

ଭୁବନେଶ୍ୱର, ମୋ: ୮୯୧୭୪୨୬୪୪୦

## ପ୍ରଶ୍ୱାସରେ ବିଷ

**ତୁଷାର ରଞ୍ଜନ ସାହୁ**

ଶୀତଋତୁ ଆରମ୍ଭ ହୋଇଗଲାଣି। ବିବାହ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ବାଣ ଓ ତତ୍‌ଜନିତ ବିଭିନ୍ନ ସାମଗ୍ରୀର ବ୍ୟବହାର ବାୟୁରେ ବିଷାକ୍ତ କଣିକା ସବୁ ଆଚ୍ଛାଦିତ କରିଦେଲାଣି। ଏହିପରି ଏକ ସମୟରେ ଆମ ସମସ୍ତଙ୍କ ପାଇଁ ବିଶୁଦ୍ଧ ପବନ ଟିକିଏ ପାଇବା କାଠିକର ପାଠ ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବନାହିଁ। କଟକ-ଭୁବନେଶ୍ୱର ଦ୍ୱୈତନଗରୀ ପ୍ରଦୂଷଣର ପାରଦରେ ସବୁଠୁ ଶୀର୍ଷରେ ରହିଛି। ଆମେ ସବୁ ଯେଉଁ ବାଣ ବ୍ୟବହାର କରିଥାଉ, ସେଥିରେ କପର, କ୍ୟାଡମିୟମ, ଜିଙ୍କ, ଲିଡ, ମାଗ୍ନେସିୟମ, ସୋଡିୟମ ଆଦି ରାସାୟନିକ (କେମିକାଲ) ବ୍ୟବହାର ହେଉଛି। ଏହି ବାଣ ପୋଡ଼ିଲେ ସେଥିରୁ ବାହାରୁଛି ବିଷାକ୍ତ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ), ସଲଫର ଡାଇଅକ୍ସାଇଡ, ନାଇଟ୍ରୋଜେନ ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ, ହାଇଡ୍ରୋ କାର୍ବନ, ଚାରକୋଲ ବାଷ୍ପ। ଆକାଶକୁ ରଙ୍ଗୀନ କରିବା ପାଇଁ ବାଣରେ ବ୍ୟବହୃତ ରାସାୟନିକ ପଦାର୍ଥରୁ ନିର୍ଗତ ଗ୍ୟାସ କ୍ୟାନସର ଭଳି ଭୟଙ୍କର ରୋଗକୁ ବଢ଼ାଇଥାଏ। ଏସବୁ ବାଷ୍ପ ଧୂଳିକଣା ସହ ମିଶି ବାୟୁମଣ୍ଡଳରେ ଏକ ଅସୁସ୍ଥକର ବାତାବରଣ ସୃଷ୍ଟି କରିଥାଏ।

ଏହାର ପ୍ରଭାବ ଦ୍ୱାରା ଅଙ୍ଗାରକାମ୍ଳ ପରିମାଣ ବାୟୁମଣ୍ଡଳରେ ବଢ଼ିଲେ ମୁଣ୍ଡ ବ୍ୟଥା ସହ ଧଇଁସଇଁ, ମାନ୍ଦା ଲାଗିପାରେ। ବେଳେ ବେଳେ ଶରୀରରେ ଆକସ୍ମିକ ପୀଡ଼ା ଅନୁଭବ ହୁଏ। ଅଚାନକ ରକ୍ତଚାପ ବଢ଼ିଯାଏ। ଏମିତିକି କେବେ କେବେ କୋମା, ଆସଫିକ୍ସିଆ, କନଭୁଲସନ ହାତ, ଗୋଡ଼, ଆଙ୍ଗୁଠି ଯେମିତି ନିର୍ଦ୍ଦିଷ୍ଟ ଅବସ୍ଥାରେ ଅଟକିଯାଏ। କାର୍ବନ ମନୋକ୍ସାଇଡ ଗ୍ୟାସ ଉଭୟ ମଣିଷ, ପଶୁପକ୍ଷୀଙ୍କୁ ପ୍ରଭାବିତ କରେ। ଏହା ରକ୍ତରେ ଅମ୍ଳଜାନ ପ୍ରବାହର କ୍ଷମତାକୁ କମାଇଦିଏ। ଶରୀରର ବିଭିନ୍ନ କୋଷ, ହୃଦୟ, ମସ୍ତିଷ୍କ ସମେତ ବିଭିନ୍ନ ଅଙ୍ଗକୁ ଅମ୍ଳଜାନ ପ୍ରବାହ କମିଯାଏ। ଏଥିରେ ହୃଦରୋଗୀଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ସଲଫର ଡାଇଅକ୍ସାଇଡ ଗ୍ୟାସ ସମ୍ପୂର୍ଣ୍ଣ ଶ୍ୱାସକ୍ରିୟାକୁ ପ୍ରଭାବିତ କରିଥାଏ। ବିଶେଷକରି ଫୁସଫୁସକୁ ଆକ୍ରାନ୍ତ କରେ। ଅଚାନକ କାଶ ବଢ଼ିପାରେ। ଛାତିରେ ଯନ୍ତ୍ରଣା ହୁଏ। ଆଜମା ଓ ଶ୍ୱାସଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତଙ୍କ ସ୍ଥିତି ସଙ୍କଟାପନ୍ନ ହୋଇପାରେ। ବ୍ଲାକ ପାଉଡର ମଧ୍ୟ ବେଶ କ୍ଷତିକାରକ। ଛାତି ରୋଗ ସହ, ଆଜମା, ଫୁସଫୁସ କ୍ୟାନସର ରୋଗକୁ ଏହା ବଢ଼ାଏ। ପରିବେଶକୁ ବ୍ୟାପକ କ୍ଷତାକ୍ତ କରିଥାଏ।

ଦେଶରେ ସଡ଼କ ଦୁର୍ଘଟଣା ଓ ହୃଦରୋଗ ପରେ ସର୍ବାଧିକ ମୃତ୍ୟୁ କ୍ରୋନିକ ଅବଷ୍ଟ୍ରକଟିଭ ପଲମୋନାରି ଯୋଗୁଁ ହେଉଛି। ଏହା ଏକ ଶ୍ୱାସଜନିତ ରୋଗ। ଏଥିରେ ଫୁସଫୁସ କ୍ଷତିଗ୍ରସ୍ତ ହୋଇ ସଙ୍କଟାପନ୍ନ ସ୍ଥିତି ସୃଷ୍ଟି କରେ। ଧୂମପାନ ଓ ବାୟୁ ପ୍ରଦୂଷଣ ଏହାର ପ୍ରମୁଖ କାରଣ। ଧୂଆଁ ଶ୍ୱାସ ରୋଗୀଙ୍କ ପାଇଁ ସବୁବେଳେ ଖରାପ। ଅତ୍ୟଧିକ ନିର୍ମାଣ କାର୍ଯ୍ୟରୁ ନିର୍ଗତ ଧୂଳି, ଗୋଡ଼ି ମୋଟର ଧୂଆଁକୁ ମଣିଷ ପ୍ରତିଦିନ ପ୍ରଶ୍ୱାସରେ ଗ୍ରହଣ କରୁଛି। ଏହା ସ୍ୱାସ୍ଥ୍ୟକୁ ଖରାପ କରୁଥିବା ବେଳେ ଦୀପାବଳିର ପ୍ରବଳ ଆତସବାଜିକୁ ନିର୍ଗତ ଧୂଆଁ ଆହୁରି ସ୍ୱାସ୍ଥ୍ୟ ବିଗାଡ଼ିବ। ଦୀପାବଳିରେ ସାପବାଣ, ଚାଇନା ଲଙ୍କା ବାଣରୁ ବେଶି ଧୂଆଁ ଓ ପ୍ରଦୂଷଣ ସୃଷ୍ଟି ହୋଇଥାଏ। ସମୟ ଆସିଛି, ଆମକୁ ଚେତିବାକୁ ପଡ଼ିବ।

ସେହିପରି ଅନାବଶ୍ୟକ ଶବ୍ଦ ସୃଷ୍ଟି 'ଶବ୍ଦ ପ୍ରଦୂଷଣ'ର ବଡ଼ କାରଣ। ଏନଭାର୍ନମେଣ୍ଟ ପ୍ରୋଟେକ୍ସନ ରୁଲସ୍ - ୧୯୯୯ ଅନୁଯାୟୀ ଶବ୍ଦ ସ୍ତର ୧୨୫ ଡେସିବଲ ପର୍ଯ୍ୟନ୍ତ ଦୋଷାବହ ନୁହେଁ। ଅତି ଜୋରରେ ହେଉଥିବା ଶବ୍ଦ ପ୍ରଦୂଷଣ ଶିଶୁ, ବୃଦ୍ଧ, ରୁଗଣ ବ୍ୟକ୍ତିମାନଙ୍କର ବିଶେଷ କ୍ଷତି କରେ। ଉଚ୍ଚ ରକ୍ତଚାପ, ଅତ୍ୟଧିକ ମାନସିକ ଚାପ ବୃଦ୍ଧି ସହ ଏହା ନିଦ୍ରାହୀନତା, ଶ୍ରବଣଶକ୍ତି ହ୍ରାସ ବା ବଧିରତା ପରି ବହୁ ସମସ୍ୟା ସୃଷ୍ଟି କରିଥାଏ। ବଡ଼ ବଡ଼ ସହରରେ ଟ୍ରାଫିକ ବା ଯାନବାହନର ଶବ୍ଦ ଏଭଳି ପ୍ରଦୂଷଣର ଏକ ମୁଖ୍ୟ କାରଣ। ବିଭିନ୍ନ ଶିଳ୍ପସଂସ୍ଥା, କଳକାରଖାନା, ବସ୍, ଟ୍ରକ, ଟ୍ରାକ୍ଟର, ମୋଟର ସାଇକେଲର ଶବ୍ଦ, ଉଡ଼ାଜାହାଜ, ଘର ତିଆରି ଶବ୍ଦ, ବାଣ ଫୁଟାଇବା, ଡାକବାଜି ଯନ୍ତ୍ର ଇତ୍ୟାଦି ଏହି ପ୍ରଦୂଷଣ ସୃଷ୍ଟି କରିଥା'ନ୍ତି। ଘର ଭିତରେ ମଧ୍ୟ ରେଡିଓ, ଟିଭି, ମ୍ୟୁଜିକ ସିଷ୍ଟମ ଜୋରରେ ବଜାଇବା ଦ୍ୱାରା ଶବ୍ଦ ପ୍ରଦୂଷଣ ଘଟିଥାଏ। ଅବଶ୍ୟ ରାସ୍ତାଘାଟ, ଘର ତିଆରି ଶବ୍ଦ ନିର୍ଗମନ ସ୍ତର ଉପରେ ସରକାରୀ କଟକଣା ରହିଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିଭିନ୍ନ ସ୍ଥାନ ପାଇଁ ନିର୍ଦ୍ଦିଷ୍ଟ ଶବ୍ଦ ସ୍ତର ଅନୁମୋଦନ କରିଛନ୍ତି।

ସହରରେ ଗାଡ଼ିମୋଟର ଧୂଆଁ, ରାସ୍ତା ଖୋଳାତଡ଼ା, ନିର୍ମାଣ କାର୍ଯ୍ୟ ବୃଦ୍ଧି ଯୋଗୁଁ ବାୟୁ ପ୍ରଦୂଷଣ ଏବେ ବି ଚିନ୍ତାଜନକ ସ୍ଥିତିରେ ରହିଛି। ଦୀପାବଳି ଓ ବିବାହ କିମ୍ବା କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମରେ ମନଇଚ୍ଛା ବାଣ ଫୁଟାଇଲେ ସ୍ଥିତି ଆହୁରି ବିଗିଡ଼ି ଯାଇଥାଏ। ଏହା ଫୁସଫୁସକୁ ଗଭୀର ଭାବେ ପ୍ରଭାବିତ କରିଥାଏ, ଯାହାଦ୍ୱାରା ଆଜମା ରୋଗୀଙ୍କ ସମସ୍ୟା ବଢ଼ିଥାଏ। ବାରୁଦ ଗନ୍ଧ ଓ ଧୂଆଁ ଯୋଗୁଁ ଆଖି, କାନ, ଚର୍ମରେ ଯନ୍ତ୍ରଣା, ଅସ୍ୱସ୍ତିକର ଲାଗିପାରେ। ଏହା ଗୃହପାଳିତ ପଶୁ, ପକ୍ଷୀଙ୍କ ପାଇଁ ମଧ୍ୟ ବିପଦ। ଗାଈଗୋରୁ, ବୁଲା କୁକୁର ମଧ୍ୟ ଆମ ପାଇଁ ଯନ୍ତ୍ରଣା ଭୋଗିବେ, ଅସୁସ୍ଥ ହେବେ। ବିଭିନ୍ନ ବାଣର ପ୍ରଚଣ୍ଡ ଶବ୍ଦ ବି ହୃଦଘାତ, ମସ୍ତିଷ୍କାଘାତର କାରଣ ହୋଇପାରେ। ବିଷାକ୍ତ ବାଷ୍ପ ଓ ଧୂଆଁ ସହ ପ୍ରଚଣ୍ଡ ଶବ୍ଦ ଗର୍ଭବତୀଙ୍କ ବିପଦ। ନବଜାତ, ଶିଶୁ, ବୟସ୍କଙ୍କ ପାଇଁ ଏହା ଅତି ମାରାତ୍ମକ। ଦୀପାବଳି ବାଣଫୁଟା ପରବର୍ତ୍ତୀ ଆବର୍ଜନା ଆଉ ଏକ ବଡ଼ ସମସ୍ୟା।

ତାପଜ ବିଦ୍ୟୁତକେନ୍ଦ୍ରଗୁଡ଼ିକରେ କୋଇଲା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଆଦି ଜୀବାଶ୍ମ ଇନ୍ଧନକୁ ବ୍ୟବହାର କରି ତାପଶକ୍ତି ଉତ୍ପନ୍ନ କରାଯାଏ। ଜୀବାଶ୍ମ ଇନ୍ଧର ଦହନ ଯୋଗୁଁ ସେଥିରୁ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ, ନାଇଟ୍ରୋଜେନ ଅକସାଇଡ, ସଲଫର ଡାଇଅକସାଇଡ ଆଦି ଗ୍ୟାସ ଏବଂ ଅନେକ କ୍ଷୁଦ୍ରକଣିକା ନିର୍ଗତ ହୋଇଥାଏ। ଏସବୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ। ବାୟୁମଣ୍ଡଳରେ ଏହାକୁ ପରିମାଣ ବୃଦ୍ଧି ପାଇଲେ ଫୁସଫୁସରେ ସମସ୍ୟା, ଚର୍ମରୋଗ ଓ କର୍କଟ ରୋଗର କାରଣ ପାଲଟି ଥାଏ। ତାପଜ ବିଦ୍ୟୁତ କେନ୍ଦ୍ରରୁ ନିର୍ଗତ ପାଉଁଶ ଫୁସଫୁସକୁ ଆକ୍ରାନ୍ତ କରିଥାଏ। ପରିବେଶକୁ ପ୍ରଦୂଷିତ କରିଥାଏ। ଏକ ତଥ୍ୟ ମୁତାବକ ଆମ ଓଡ଼ିଶାରେ ଥିବା ସାତଟି ତାପଜ ବିଦ୍ୟୁତ କେନ୍ଦ୍ରରୁ ବାର୍ଷିକ ୨୫ ନିୟୁତ ମେଟ୍ରିକ ଟନ୍ ପାଉଁଶ ନିର୍ଗତ ହେଉଛି। ସେହିପରି ଅଙ୍ଗାରକାମ୍ଳ ହେଉଛି ଗ୍ଲୋବାଲ ୱାର୍ମିଂ ଏବଂ ତଜ୍ଜନିତ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ। ତେବେ ଜଳ ବିଦ୍ୟୁତ, ଆଣବିକ ବିଦ୍ୟୁତ୍ ସୌର ଶକ୍ତି ଓ ପବନ ଶକ୍ତି ଆଦିର ଉପଯୋଗ ହୋଇପାରିଲେ ପ୍ରଦୂଷଣର ମାତ୍ରା ହ୍ରାସ ପାଇପାରନ୍ତା।

ଏକଥା ନୁହେଁ ଯେ, ପ୍ରଦୂଷଣ ବାବଦରେ ଆମେ ଜାଣିନୁ। ଦିଲ୍ଲୀର ଭୟାନକ ପ୍ରଦୂଷଣ ସ୍ଥିତି ଜଳଜଳ ହୋଇ ଦିଶୁଛି। ତଥାପି ଆମର ଚିନ୍ତା ନାହିଁ। ଅନେକ ଭାବୁଛନ୍ତି, ଆମ ସ୍ଥିତି ଭଲ ଅଛି। ଆମର କିଛି ହେବନି। ଦିନକରେ କ'ଣ ପ୍ରଦୂଷଣ ମାଡ଼ିଯିବ ନା ଆକାଶ ଛିଣ୍ଡି ପଡ଼ିବ। ହେଲେ ମନେରଖିବା ଦରକାର ଆନନ୍ଦ ଦୁଃଖ ବା ବିପଦର କାରଣ ନ ହେଉ। ●

କଟକ, ମୋ: ୯୮୬୧୦୪୭୫୬୫

## ରାହୁ ମନ୍ଦିର

**ଓଜସ୍ୱିନୀ**

### ବିଚିତ୍ର ବିଶ୍ୱାସ

ପୌରାଣିକ କଥାନୁସାରେ ସାଗର ମନ୍ଥନରୁ ବାହାରିଥିବା ଅମୃତ କଳସରୁ ଦେବତାମାନେ ଅମୃତ ପାନ କରିବା ସମୟରେ ଜଣେ ଦାନବ ଛଳପୂର୍ବକ ଦିବ୍ୟରୂପ ଧାରଣ କରି ଦେବତାଙ୍କ ନିକଟରେ ବସିଯାଇଥିଲା। ଶ୍ରୀବିଷ୍ଣୁ ମୋହିନୀ ରୂପରେ ଅମୃତ ପ୍ରଦାନ କରୁଥିବା ବେଳେ ଉକ୍ତ ଦାନବ ମଧ୍ୟ ଅମୃତ ପାନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା। କିନ୍ତୁ ଶ୍ରୀବିଷ୍ଣୁ ଏହା ଜାଣିପାରି ସୁଦର୍ଶନ ଚକ୍ରରେ ଉକ୍ତ ଦାନବର ମସ୍ତକ ଛିନ୍ନ କଲେ। ଅମୃତ ପାନ କରିଥିବାରୁ ଦାଦବର ମୃତ୍ୟୁ ହୋଇ ନଥିଲା। ତା'ର ମସ୍ତକ ରାହୁ ଓ ଶରୀର କେତୁ ନାମରେ ଗ୍ରହାକାରରେ ଆସୁରିକ ଶକ୍ତିର ପ୍ରତୀକ ଭାବେ ରହିଛି। ତେଣୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ନବଗ୍ରହଙ୍କ ସହିତ ରାହୁ ଓ କେତୁଙ୍କୁ ମଧ୍ୟ ମହତ୍ତ୍ୱ ପ୍ରଦାନ କରାଯାଇଛି। ଜ୍ୟୋତିଷଶାସ୍ତ୍ରରେ ରାହୁ ଓ କେତୁଙ୍କୁ ଦୁଷ୍ଟ ଗ୍ରହ ଭାବେ ବିଚାର କରି ବ୍ୟକ୍ତିର ଜୀବନରେ ତା'ର କୁପ୍ରଭାବକୁ ନିଷ୍ଫଳ କରିବା ପାଇଁ ଜ୍ୟୋତିଷମାନେ ବିଭିନ୍ନ ପ୍ରକାର ପୂଜାବିଧି ଏବଂ ଯଜ୍ଞାନୁଷ୍ଠାନ କରିବା ପାଇଁ ପରାମର୍ଶ ଦେଇଥା'ନ୍ତି। ରାହୁ ଗ୍ରହଙ୍କ ନକାରାତ୍ମକ ପ୍ରଭାବକୁ କମ୍ କରିବା ପାଇଁ ଭାରତର ଅନେକ ସ୍ଥାନରେ ରାହୁଙ୍କ ମନ୍ଦିର ମଧ୍ୟ ନିର୍ମାଣ କରାଯାଇଛି।

ଭାରତରେ ଥିବା ସମସ୍ତ ରାହୁ ମନ୍ଦିର ମଧ୍ୟରୁ ଦେବଭୂମି ଉତ୍ତରାଖଣ୍ଡର ପାଉରି ଜିଲ୍ଲା ଅନ୍ତର୍ଗତ ପେଠାଣୀ ନାମକ ଗ୍ରାମର ମନ୍ଦିର ସର୍ବମାନ୍ୟ। ଏହି ମନ୍ଦିର ସ୍ୟୋଲିଗାଡ଼ ନଦୀ (ରଥବାହିନୀ) ଓ ନାଭାଲିକା (ପଶ୍ଚିମୀ ନୟାର୍) ନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ। ସ୍କନ୍ଦ ପୁରାଣର କେଦାରଖଣ୍ଡରେ ମଧ୍ୟ ଏହି ମନ୍ଦିର ସମ୍ପର୍କିତ ବର୍ଣ୍ଣନା ରହିଛି। ରାହୁଙ୍କର ଗୌତ୍ର 'ପେଠିନସୀ' ଅନୁସାରେ ଗ୍ରାମର ନାମ ପେଠାଣୀ ହୋଇଛି ବୋଲି ଅନେକ ପୌରାଣିକ କଥା ଓ ଲୋକକଥା ଶୁଣିବାକୁ ମିଳିଥାଏ। ଏହି ମନ୍ଦିର ସମ୍ପର୍କରେ ମାନ୍ୟତା ରହିଛି ଯେ, ଯଦି କୌଣସି କାରଣରୁ ରାହୁଙ୍କ ପୂଜା ଖଣ୍ଡିତ ହେଲା କିମ୍ବା କୌଣସି ଭକ୍ତ ରାହୁଙ୍କ ପୂଜା ଭକ୍ତି ଓ ଶ୍ରଦ୍ଧା ସହକାରେ ନକଲା, ତା'ହେଲେ ମହାଦେବଙ୍କ କୋପଦୃଷ୍ଟି ପଡ଼ିଥାଏ। ତେଣୁ ଏଠାରେ ପୂଜାରୀ ଓ ଭକ୍ତମାନେ ବିଧିବିଧାନର ସହିତ ରାହୁଙ୍କ ପୂଜାର୍ଚ୍ଚନା କରିଥା'ନ୍ତି। ପଶ୍ଚିମମୁଖୀ ଏହି ମନ୍ଦିର ଭିତରେ ଶିବଲିଙ୍ଗ ସହିତ ରାହୁଙ୍କ ମସ୍ତକ ପ୍ରତିମା ପୂଜା ପାଉଛନ୍ତି। ମନ୍ଦିରର ଭିତର କାନ୍ଥଗୁଡ଼ିକରେ ଶ୍ରୀବିଷ୍ଣୁଙ୍କ ଦ୍ୱାରା କିଭଳି ଭାବେ ରାହୁଙ୍କ ମସ୍ତକ ଛିନ୍ନ ହୋଇଥିଲା, ତାହାର ଚିତ୍ର ଖୋଦେଇ କରାଯାଇଛି। ଏଠାରେ ମୁଗ ଖେଚୁଡ଼ି ଭୋଗ ଲାଗି କରାଯାଇଥାଏ। ଦୈନିକ ଭୋଗ ଓ ଅନ୍ନଛତ୍ରରେ ଏହି ମୁଗ ଖେଚୁଡ଼ିକୁ ଭକ୍ତମାନେ ରାହୁଙ୍କ ପ୍ରସାଦ ଭାବେ ଶ୍ରଦ୍ଧାର ସହିତ ଗ୍ରହଣ କରିଥା'ନ୍ତି।

ଏହି ମନ୍ଦିର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ମାଣ ପଛରେ ଗୋଟିଏ ପୌରାଣିକ କଥା ରହିଛି। ସୁଦର୍ଶନ ଚକ୍ର ଦ୍ୱାରା ଦାନବର ଶିର ଛେଦନ ପରେ ଶିର ଏହି ସ୍ଥାନରେ ପତିତ ହୋଇଥିଲା। ତେଣୁ ଏଠାରେ ମନ୍ଦିର ନିର୍ମାଣ କରାଯାଇଛି। ବିଶ୍ୱାସ କରାଯାଏ ଯେ, ଏହି ସ୍ଥାନରେ ଥିବା ବଡ଼ ବଡ଼ ପଥର ଖଣ୍ଡ ଭିତରେ ଆଜି ପର୍ଯ୍ୟନ୍ତ ରାହୁଙ୍କ ଛିନ୍ନ ମସ୍ତକ ପୋତି ହୋଇ ରହିଛି। ତେଣୁ ଏହି ସ୍ଥାନରେ ରାହୁଙ୍କର ପୂଜାର୍ଚ୍ଚନା କରିବା ଦ୍ୱାରା ଜାତକରେ ଥିବା ରାହୁଦୋଷ ଖଣ୍ଡନ ହୋଇଥାଏ। ଅନ୍ୟ ଏକ ପୌରାଣିକ କଥା ଅନୁସାରେ ଏହି ମନ୍ଦିରକୁ ପାଣ୍ଡବମାନେ ନିର୍ମାଣ କରିଥିଲେ। ପାଣ୍ଡବମାନେ ସ୍ୱର୍ଗାରୋହଣ ଯାତ୍ରା ସମୟରେ ରାହୁ ଦୋଷରୁ ମୁକ୍ତ ହେବା ପାଇଁ ଏହି ସ୍ଥାନରେ ମହାଦେବଙ୍କ ସହିତ ରାହୁଙ୍କ ପୂଜା କରିବା ପାଇଁ ଏହି ମନ୍ଦିର ନିର୍ମାଣ କରିଥିଲେ। ମନ୍ଦିର ନିର୍ମାଣ ସମ୍ପର୍କିତ ଅନ୍ୟ ଏକ ତଥ୍ୟ ମିଳେ ଯେ, ଆଦିଗୁରୁ ଶଙ୍କରାଚାର୍ଯ୍ୟ ଏହି ସ୍ଥାନ ଦେଇ ହିମାଳୟକୁ ଯାତ୍ରା କରୁଥିବା ସମୟରେ ତାଙ୍କୁ ଏଠାରେ ରାହୁଙ୍କର ପ୍ରକୋପ ଅଧିକ ଅନୁଭୂତ ହୋଇଥିଲା। ତେଣୁ ଆଦିଗୁରୁ ଶଙ୍କରାଚାର୍ଯ୍ୟ ରାହୁଙ୍କ ଦୁଃପ୍ରଭାବ ଶାନ୍ତ କରିବା ପାଇଁ ଏଠାରେ ମନ୍ଦିର ନିର୍ମାଣ କରି ବିଧିବିଧାନର ସହିତ ପୂଜା କରିଥିଲେ। ଆଉ କେତେକ ପୁରାଣ ମତାନୁସାରେ ଦୁଇନଦୀର ସଙ୍ଗମସ୍ଥଳରେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ରାହୁ ମହାଦେବଙ୍କ ତପସ୍ୟାରେ ଲୀନ ଥିଲେ। ତେଣୁ ମହାଦେବଙ୍କ ଆଶିଷ ଲାଭ କରିଥିବା ଏହି ପୁଣ୍ୟସ୍ଥଳରେ ରାହୁଙ୍କ ମନ୍ଦିର ନିର୍ମାଣ କରାଯାଇଥିଲା।

ପେଠାଣୀରେ ଥିବା ରାହୁଙ୍କ ଏହି ମୁଖ୍ୟ ମନ୍ଦିର ବ୍ୟତୀତ ଭାରତର ଅନ୍ୟ ୧୪ଟି ମନ୍ଦିରରେ ରାହୁକେତୁଙ୍କର ପୂଜାର୍ଚ୍ଚନା କରାଯାଏ। ଯଥା - ଶ୍ରୀକାଳହସ୍ତିଶ୍ୱର ମନ୍ଦିର, ତିରୁନାଗେଶ୍ୱରମ୍ ନାଗନାଥର ମନ୍ଦିର, ଶ୍ରୀନାଗନାଥସ୍ୱାମୀ କେତୁ ମନ୍ଦିର, ରାହୁକେତୁ ମନ୍ଦିର, ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର, ରାହୁକେତୁ ମନ୍ଦିର ରାହୁରି, ଶ୍ରୀରାହୁମୁନେଶ୍ୱର ମନ୍ଦିର, ରାହୁକେତୁ ଆଥି ଇଶ୍ୱରନ୍ ମନ୍ଦିର, ରାହୁ ନବଗ୍ରହ ଦେବତା ମନ୍ଦିର, ପମ୍ପୁରନାଥ ମନ୍ଦିର, ନାଗେଶ୍ୱର ମନ୍ଦିର, କୁନ୍ଦ୍ରାଥୁର ନାଗେଶ୍ୱର ମନ୍ଦିର ଓ ବିଶାରେଶ୍ୱର ମନ୍ଦିର ।ପାଉଛନ୍ତି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ତଳକାଲିମାରେ ହାତୀ ଉପଦ୍ରବ

## ଖଳାରେ ଧାନ ନଷ୍ଟ କଲେ



ଲାଞ୍ଜିଗଡ଼,୨୭ ।୧୧(ସମିସ):ଲାଞ୍ଜିଗଡ଼ ବ୍ଲକ୍ ବିଭିନ୍ନ ଅଞ୍ଚଳରେ ହାତୀ ଉପଦ୍ରବ ଅମିବାର ନାଁ ନେଉନି। ବୁଧବାର ରାତ୍ରିରେ ପୁର୍ନବାର ହାତୀ ଉପଦ୍ରବ ଯୋଗୁଁ ଧାନ ଫସଲ ନଷ୍ଟ ହୋଇଛି। କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ବିଜେପୁର ପଞ୍ଚାୟତ ତଳକାଲିମା ଗାଁରେ ପୁଣି ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି।

ନିକଟସ୍ଥ ଜିମିରି ଜଙ୍ଗଲରେ ୧୭ ଟିକିଆ ହାତୀପଲ ରହିଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ହାତୀପଲ ଆସି ବିଜେପୁର ପଞ୍ଚାୟତ ତଳକାଳିମା ଗାଁର ମଦନ ମାଝୀ,ସୁନାଧର ଗୌଡ଼, ପଦ୍ମା ଗୌଡ଼, ଡାକେ ମାଝୀ, ରୂପା ମାଝୀ ଓ ମଧୁମାଝୀ ଅମଳ ପାଇଁ ଗାଁ ନିକଟ ଖଳାରେ ରଖିଯାଇଥିବା ଧାନକୁ ଖାଇବା ସହ ଫିଙ୍ଗା ଫୋପଡ଼ା କରି ନଷ୍ଟ କରି ଦେଇଛନ୍ତି। ବର୍ଷ ସାରା ଉକ୍ତ ଅଞ୍ଚଳରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ବଢୁଥିବା ବେଳେ ଚାଷୀକୁଳ ଧାନ କରଜ କରି ଧାନ ସହିତ ବିଭିନ୍ନ ଚାଷ କରିଥାନ୍ତି। ହେଲେ ବର୍ତ୍ତମାନ ଏମାନଙ୍କ ଫସଲକୁ ହାତୀ ପଲ ମାଡି ଚକଟି ନଷ୍ଟ କରିଦେଇଥିବା ବେଳେ ପରିବାର ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଏହି ଉପାନ୍ତ ଅଞ୍ଚଳରେ ସନ୍ଧ୍ୟା ହେଲେହାତୀ ଗାଁ ମୁହାଁ ହେଉଥିବା ବେଳେ ରାତିରେ ବିଜୁଳିକାଟ ଯୋଗୁଁ ଲୋକେ ଆହୁରି ଭୟଭୀତ ଅବସ୍ଥାରେ ରହୁଛନ୍ତି। କିନ୍ତୁ ଲୋକଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାନଯିବାରୁ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିବା ସହିତ ବନବିଭାଗର ଅବହେଳା ଯୋଗୁଁ ଏହି ଭଳି ଘଟଣା ବାରମ୍ବାର ଘଟୁଛି ବୋଲି ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି। ଏନେଇ ବିଜେପୁର ବନପାଳ ପଦ୍ମିଲୋଚନ ଶବରଙ୍କୁ ପଚାରିବାରୁ ଅଞ୍ଚଳର ସବୁଆଡେ ହାତୀପଲ ରହିଛନ୍ତି। ଆମ ପାଖରେ ଷ୍ଟାପ କମ୍ ଅଛନ୍ତି ସେଥିପାଇଁ ଆମେ ହାତୀଙ୍କର ଗତିବିଧି ଉପରେ ନଜର ରଖିବା ସମ୍ଭବ ହେଉନାହିଁ। ଆମେ ଘଟଣାସ୍ଥଳକୁ ଯାଇ ଚାଷୀଙ୍କ ଯାହା କ୍ଷୟକ୍ଷତି ହୋଇଛି ଆକଳନ କରିଛୁ ସରକାରଙ୍କ ଯାହା ଗାଇଡ୍‌ଲାଇନ୍ ଅଛି ସେହି ଅନୁସାରେ ଚାଷୀଙ୍କୁ କ୍ଷତିପୂରଣ ଦେବୁ ବୋଲି ପ୍ରକାଶ କରିଛନ୍ତି।

# ସ୍କୁଲ ଗେଟ୍‌ରେ ତାଲା ପକାଇଲେ ଜାଗା ମାଲିକ

## ବିଇଓଙ୍କ ହସ୍ତକ୍ଷେପ ପରେ ଖୋଲିଲା

ଗୋଲାମୁଣ୍ଡା,୨୭ ।୧୧(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଖଲିଆକାନି ପଞ୍ଚାୟତ ଖଲିଆକାନି ଗାଁରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଗ୍ରାମରେ ଥିବା ସର୍ବପୁରାତନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍କୁଲ ଗେଟ୍‌ରେ ଗ୍ରାମର ଜଣେ ବ୍ୟକ୍ତି ନିଜର ବ୍ୟକ୍ତିଗତ ଜାଗା ବର୍ଣ୍ଣାଇ ତାଲା ପକାଇ ଥିଲେ। ସ୍କୁଲ ଗେଟରେ ତାଲା ମାରିବା ଫଳରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଗେଟ ଭାବରେ ରହିଥିଲେ। ଦୀର୍ଘ ୩ ଘଣ୍ଟା ସ୍କୁଲ ଗେଟ ବନ୍ଦ ଥିବା ବେଳେ ଗୋଲାମୁଣ୍ଡା ବିଇଓ ରାଜେଶ କୁମାର ନାୟକ ଓ ଥାନା ଅଧିକାରୀ ଘଟଣାସ୍ଥଳକୁ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କୁ ପ୍ରତିଶ୍ରୁତି ଦେଲା ପରେ ସ୍କୁଲ ଗେଟ ଖୋଲିଥିଲେ। ସୂଚନାରୁ ଉଲ୍ଲେଖ ଯେ ବିଗତ ଦିନରେ ମଧ୍ୟ ସ୍କୁଲ ଗେଟରେ ପରିବାରଲୋକ ତାଲା ଦେଇଥିବା ଘଟଣା ଦେଖିବାକୁ ମିଳିଥିଲା। ପରେ ସ୍ଥାନୀୟ ବିଡ଼ିଓ, ତହସିଲଦାର,ଚେୟାରମ୍ୟାନ ଯାଇ



ବୁଝାସୁଝା କରି କମ ଦିନ ଭିତରେ ତାଙ୍କ ଦାବି ପୂରଣ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ପ୍ରତିଶ୍ରୁତିକୁ ରକ୍ଷା ନ କରିପାରିବାରୁ ଜାଗା ମାଲିକ ଭଗବାନ ମାଝୀ ଆଜି ପୁଣି ସ୍କୁଲ ଗେଟରେ ତାଲା ପକାଇଥିଲେ। ଆଗକୁ ଯଦି ଆମ ଦାବି ପୂରଣ ନ ହୁଏ ତେବେ ପୁଣି ସ୍କୁଲ ଗେଟ୍‌ରେ ତାଲା ବନ୍ଦ କରିବା ସହିତ ଧାରଣାରେ ବସିବୁ ବୋଲି କହିଛନ୍ତି।

## ଲାଞ୍ଚ ମାମଲାର ଶୁଣାଣି

# ବିଦ୍ୟୁତ୍ ବିଭାଗ ଆକାଉଣ୍ଟାଣ୍ଟଙ୍କୁ ୩ ବର୍ଷ ଜେଲ୍

ଭବାନୀପାଟଣା,୨୭ ।୧୧(ସମିସ):କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ବିଦ୍ୟୁତ୍ ବିଭାଗର( ଏସ୍‌ଡିଓ) ସବଡିଭିଜନ ଅଫିସରେ କାର୍ଯ୍ୟରତ ପୂର୍ବତନ ଆକାଉଣ୍ଟାଣ୍ଟ ଅଜିତ କୁମାର ମିଶ୍ର ଲାଞ୍ଚ ମାମଲାରେ ଗୁରୁବାର ଭିଜିଲାନ୍ସ କୋର୍ଟ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣାସ୍ଥିତ ଜିଲ୍ଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରୀ ନାରାୟଣ ନନ୍ଦ ମାମଲାର ବିଚାର କରି ଅଭିଯୁକ୍ତ ମିଶ୍ରଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ପ୍ରାପ୍ତ ସୂଚନାମତେ ଭବାନୀପାଟଣା ସଦର ବ୍ଲକ୍ ଗୋପୀନାଥପୁର ଗ୍ରାମର ସରଜୁ ପାଢ଼ୀ ନାମକ ଜଣେ ଉପଭୋକ୍ତାଙ୍କୁ ତାଙ୍କ ବିଦ୍ୟୁତ୍ ବକେୟା ବିଲର ସମାଧାନ କରିଦେବା ପାଇଁ ଅଭିଯୁକ୍ତ ମିଶ୍ର ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାକୁ ନେଇ ଉପଭୋକ୍ତା ପାଢ଼ୀ ଆକାଉଣ୍ଟାଣ୍ଟ ଶ୍ରୀ ମିଶ୍ରଙ୍କ ନାମରେ ଗତ ୨.୧୦.୨୦୧୯ରେ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଲିଖିତ ଅଭିଯୋଗ କରିଥିଲେ। ଏହାର ଦିନକ ପରେ ଅର୍ଥାତ ୩.୧୦.୨୦୧୯ରେ ଉପଭୋକ୍ତା ପାଢ଼ୀଙ୍କ ଠାରୁ ଅଭିଯୁକ୍ତ ମିଶ୍ର ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଜାଲରେ ପଡ଼ିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଭିଜିଲାନ୍ସ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାଁ ପରିଚାଳନା କରିଥିଲେ।

# ଇକୋ ଟୁରିଜମ ପାଇଁ ଜିଲ୍ଲାପାଳଙ୍କ ସ୍ଥାନ ପରିଦର୍ଶନ



ବୌଦ୍ଧ,୨୭ ।୧୧ (ସମିସ): ବୌଦ୍ଧ ସହର ମର୍ଜାକୁଦ ନିକଟରେ ଥିବା ମହାନଦୀ ପରିବେଷ୍ଟିତ ଦ୍ୱୀପ ଭୁଲାରା କୁଦରେ ଇକୋ ଟୁରିଜମ କରାଯିବ। ଏଥିପାଇଁ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ସ୍ଥାନ ପରିଦର୍ଶନ କରି ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, ବୌଦ୍ଧ ତହସିଲଦାର ଅନିତା ସାହୁ, ଜିଲ୍ଲା ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଲ୍ଲାପଲ୍ଲୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଦୀପ ସ୍ମୁଥାଇ ସିଂହ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୁନା ଚରଣ ସିଂ, ଜଳସେଚନ ନିର୍ବାହୀ ଯନ୍ତ୍ରୀ ନରେଶ ବାରିକ, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ମଧୁସ୍ମିତା ଦଳେଇ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପ୍ରଭାକର କହଁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଆରଆଇ ଅନିଲ ପ୍ରଧାନ ଏବଂ ବନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବୌଦ୍ଧର ଭବାନୀ ଶଙ୍କର ମହାପାତ୍ର ପାଇଲେ ସଂଗୀତ ନାଟକ ଏକାଡେମୀ ପୁରସ୍କାର

ବୌଦ୍ଧ,୨୭ ।୧୧ (ସମିସ): ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ସଂଗୀତ ନାଟକ ଏକାଡେମୀ ତରଫରୁ ୨୦୨୩, ୨୦୨୪, ୨୦୨୫ ବର୍ଷ ପାଇଁ ପ୍ରାୟ ୧୪୦ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନିତ ଅତିଥି ଭାବେ ବିଧାୟକ ତଥା ସିନେ ତାରକା ସିଦ୍ଧାନ୍ତ ମହାପାତ୍ର ଓ ଆକାଶ ଦାସ ନାୟକ, ବିଧାୟକ ବାବୁ ସିଂ, ଏକାଡେମୀ ସମ୍ପାଦକ



ଡ. ଚନ୍ଦ୍ରଶେଖର ହୋତା, ସଭାପତି ବିଜୟ କେତନ ଉପାଧ୍ୟାୟ ମଞ୍ଚାସୀନ ଥିଲେ। ଏହି ଅବସରରେ ବୌଦ୍ଧ ରାମଲୀଳା ନାଟ୍ୟ ସଂସଦର ନିର୍ଦ୍ଦେଶକ ତଥା ବରିଷ୍ଠ କଳାକାର ଭବାନୀ ଶଙ୍କର ମହାପାତ୍ରଙ୍କୁ ୨୦୨୫ ବର୍ଷ ପାଇଁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ତାଙ୍କ ସହ ବୌଦ୍ଧରୁ ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ସଂଗୀତ ନାଟକ ଏକାଡେମୀ ସଦସ୍ୟ ବସନ୍ତ ସାହୁ, ଅରୁଣ ମେଣ୍ଡିଲି ଉପସ୍ଥିତ ଥିଲେ।

# ଦପଲା ଧନୁଯାତ୍ରା ପାଇଁ ଖମ୍ବ ସ୍ଥାପନ

ଶଗଡା,୨୭ ।୧୧(ସମୀସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଦପଲାରେ ୧୧ତମ ଆଞ୍ଚଳିକ ଧନୁଯାତ୍ରା ପାଇଁ ଖମ୍ବ ସ୍ଥାପନ କରାଯାଇଛି। ଲକ୍ଷ୍ମୀନାରାୟଣ ନାଟ୍ୟ ସଂସଦ ପକ୍ଷରୁ ପୂଜାରୀ ଲୋଚନ ଯାନୀ ବାବା ପଥରଗଡ଼ ମନ୍ଦିରରୁ ଆଜ୍ଞା ମାଳ ଆଣି ଧନୁଯାତ୍ରା ପଡିଆରେ ଶୁଭ ଖମ୍ବ ସ୍ଥାପନ କରିଥିଲେ। ଦପଲା ସରପଞ୍ଚ ଅନ୍ନପୂର୍ଣ୍ଣା ମହାକୁଡ଼, ପୁରନ୍ଦର ଦନ୍ତା, ସୁରପତି ଦନ୍ତା, ସନ୍ତୋଷ ସିଂ, କୈଳାସ ଦନ୍ତା, ସୁଶାନ୍ତ କହଁର, ଜିତୁ ମେଣ୍ଡିଲି, ପଦ୍ମନାଭ ମେଣ୍ଡିଲି, ରାଧାକାନ୍ତ ଦନ୍ତା, ଦିବ୍ୟଶଙ୍କର ମହାକୁଡ଼, ଭୁବନ ମହାକୁଡ଼, ଆଚାର୍ଯ୍ୟ ଜାନି, ସୁଭ୍ରାନ୍ତ କଲତାଙ୍କ ସମେତ ଯୁରୁମୁଣ୍ଡା ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଧନୁଯାତ୍ରା ଫେବୃଆରୀ ୩ ତାରିଖରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ବରଗଡ଼ ଧନୁଯାତ୍ରାର ପୂର୍ବତନ ଅଭିନେତା (କଂସ ମହାରାଜ) ଭୁବନେଶ୍ୱର ପ୍ରଧାନ ଚଳିତ ବର୍ଷ କଂସ ଭୂମିକାରେ ଅଭିନୟ କରିବେ।

# ତୈଳବୀଜ ଫସଲ ଉପରେ ତାଲିମ

ବୌଦ୍ଧ/ଶଗଡ଼ା,୨୭ ।୧୧ (ସମିସ): ବୌଦ୍ଧ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ କୁମରକେଳିରେ ତୈଳବୀଜ ଫସଲ ଉପରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବୈଜ୍ଞାନିକ ପଦ୍ଧତିରେ କିଭଳି ତୈଳବୀଜ ଚାଷ କରାଯିବ, ତୈଳବୀଜର ମୂଲ୍ୟ ନିର୍ଦ୍ଧାରଣ, ବଜାରରେ ବିକ୍ରି ଓ କ'ଣ ପାଇଁ ଏହା ଚାଷ କରାଯିବ ସେ ଉପରେ ବରିଷ୍ଠ ବୈଜ୍ଞାନିକ ତପନ ଦାଶ ଓ ଡ. ମୟୂରୀ ସିଂ ସର୍ଦ୍ଦାର ଆଲୋଚନା କରିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ସଂସ୍ଥାର ରଞ୍ଜନ ଭୋକ୍ତା ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ ତାଲିମ ଦିଆଯାଇଥିଲା। ସେମାନେ କିଭଳି ବିଭିନ୍ନ ପ୍ରକାରର ଚାଷ କରି ଲାଭବାନ ହେବେ ସେ ଦିଗରେ ଆଲୋଚନା ହୋଇଥିଲା। ନୀଳକଣ୍ଠେଶ୍ୱର କୃଷକ ଉତ୍ପାଦକ ସଂସ୍ଥା ସହଯୋଗ କରିଥଲା। ଏଥିରେ ଶତାଧିକ ଚାଷୀ ଅଂଶ ଗ୍ରହଣ କରିଥିଲେ। ସବ୍ୟସାଚୀ କର୍ଣ୍ଣ, ଆସମାନ ମହାକୁଡ଼ ପ୍ରମୁଖ ପରିଚାଳନା କରିଥିଲେ।

# ନୂଆପଡ଼ାରେ ମକାର ଅଭାବୀ ବିକ୍ରି

## ଛତିଶଗଡ଼ ବ୍ୟବସାୟୀଙ୍କ କବଜାରେ ଚାଷୀ

ସିନାପାଲି,୨୭ ।୧୧(ସମିସ): ନୂଆପଡ଼ା ଜିଲ୍ଲାରେ ଧାନ ପରେ ଏବେ ମକା ଅଭାବୀ ବିକ୍ରି ଚାଷୀଙ୍କୁ ସର୍ବସ୍ୱାନ୍ତ କରିଛି। ଏବର୍ଷ ଜିଲ୍ଲାରେ ପ୍ରାୟ ୧୧୦ କୋଟିର ମକା ବ୍ୟବସାୟ ହେବାର ଆକଳନ ହେଉଛି। ମଣ୍ଡି ବ୍ୟବସ୍ଥା ହେଉନଥିବାରୁ ଚାଷୀ କମ ଦରରେ ବିକ୍ରୀ କରି ଶୋଷଣର ଶିକାର ହେଉଛନ୍ତି। ଏବେ ଛତିଶଗଡ଼ ବ୍ୟବସାୟୀଙ୍କ କବଳରେ ଜିଲ୍ଲାର ମକାଚାଷୀ ରହିଛନ୍ତି। ଚଳିତବର୍ଷ ଜିଲ୍ଲାରେ ୭୬୫୫ ହେକ୍ଟର ଜମିରେ ମକାଚାଷ ହୋଇଛି। ସେଥିରୁ ନୂଆପଡ଼ାରେ ୨୦୨୦ହେକ୍ଟର, କୋମନା ବ୍ଲକରେ ୨୮୯୨ ହେକ୍ଟର, ଖଡ଼ିଆଳ ବ୍ଲକରେ ୧୭୦ ହେକ୍ଟର, ବୋଡେନ ବ୍ଲକ୍‌ରେ ୧୦୨୩ ହେକ୍ଟର ଓ ସିନାପାଲି ବ୍ଲକରେ ୧୫୫୦ ହେକ୍ଟର ଚାଷ ହୋଇଛି। ଜିଲ୍ଲାର ଚାଷୀଙ୍କ ପାଇଁ ଧାନ ମୁଖ୍ୟ ଫସଲ। କିନ୍ତୁ କପା ଓ ମକାରୁ ଚାଷୀ ଭଲ ଦି ପଇସା ରୋଜଗାର କରନ୍ତି। ଜିଲ୍ଲାରେ ଉଠାଣିଆ ଜମି ପରିମାଣ ଅଧିକ ହେତୁ ଚାଷୀ ମରୁଡ଼ି ସହଣି ମକା ଫସଲକୁ ଆପଣାଇଛନ୍ତି। ପ୍ରତିବର୍ଷ ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟିପାତ ହେତୁ ଅନେକ ସ୍ଥାନରେ ଧାନଚାଷ ନଷ୍ଟ ହୋଇଛି। ଏବର୍ଷ ମକାଚାଷ



ଅନୁକୂଳ ବର୍ଷା ହୋଇଛି। ଏଣୁ ଚାଷୀଙ୍କ ଆଶାନୁରୂପକ ମକା ଅମଳ ହେଉଛି। ଅଧିକାଂଶ ଜମିରୁ ମକା ଅମଳ ହୋଇସାରିଲାଣି। ଏବେ ଚାଷୀ ମକା ଅମଳକରି ଘରେ ଗଦାଇରଖିଛନ୍ତି। କିନ୍ତୁ ଅଭାବୀ ବିକ୍ରି ଚାଷୀଙ୍କୁ କ୍ଷତି ପହଞ୍ଚାଇଛି। ଗତ ୨୦ବର୍ଷରୁ ଉର୍ଦ୍ଧ ହେବ ଜିଲ୍ଲାରେ ମକାଚାଷ ହେଉଛି। ପ୍ରତିବର୍ଷ ଅମଳ ବି ବଢିବାରେ ଲାଗିଛି। ମଣ୍ଡି ଖୋଲାଯିବ ବୋଲି ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିଶ୍ରୁତି ମିଳୁଛି। କିନ୍ତୁ ଏଯାବତ ମଣ୍ଡି ବ୍ୟବସ୍ଥା ହେଉନଥିବାରୁ ଚାଷୀ ମକା ବିକ୍ରିକରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲାରେ ୪ଲକ୍ଷ ୫୯ହଜାର ୩୦୦କୁଇଣ୍ଟାଲ ମକା ଅମଳ ହେବାର ଆକଳନ ହେଉଛି। ସରକାରୀ ମୂଲ୍ୟ କୁଇଣ୍ଟାଲ ପିଛା୨୪୦୦ ହିସାବରେ ଜିଲ୍ଲାରେ୧୧୦କୋଟି୨୩ଲକ୍ଷ୨୦ହଜାର ଟଙ୍କାର ମକା ବ୍ୟବସାୟ ହେବା ଏହାସତ୍ତ୍ୱେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଉନାହିଁ। ଟଙ୍କା ଧାର ଆଣି ଚାଷ କରିଥିବା ବେଳେ ସାହୁକାର ଉଧାର ଟଙ୍କା ମାଗିବା ଆରମ୍ଭ କଲେଣି। ଫଳରେ ଚାଷୀ ଅଡୁଆରେ ପଡିଛନ୍ତି। ପରିସ୍ଥିତିରେ ପଡ଼ି କୁଇଣ୍ଟାଲ ପିଛା ପ୍ରାୟ ୧୫ରୁ ୧୮ ଶହ ଟଙ୍କାରେ ମକା ବିକ୍ରି କରୁଛନ୍ତି। ପିଛା ୬ରୁ ୯ ସହ ଟଙ୍କା କ୍ଷତି ସହୁଛନ୍ତି। ଏହାର ସୁଯୋଗ ନେଇ ଛତିଶଗଡର ବେପାରୀମାନେ ଗାଁ ଗଣ୍ଡାରେ ଡେରା ପକାଇ କମ ଦରରେ ମକା ସଂଗ୍ରହ କରୁଛନ୍ତି। ମକାବିକ୍ରି ପାଇଁ ସୁବ୍ୟବସ୍ଥା ନକଲେ ଚାଷୀ ମକା ଚାଷରୁ ମୁହଁ ଫେରାଇବା ସୁନିଶ୍ଚିତ ବୋଲି ଚର୍ଚ୍ଚା ହେଉଛି। ଜିଲ୍ଲାରେ ତୁରନ୍ତ ମଣ୍ଡି କିମ୍ବା ବଜାର ବ୍ୟବସ୍ଥା କରି ଚାଷୀଙ୍କୁ ସରକାରୀ ଦର ଯୋଗାଇଦେବାକୁ ମକାଚାଷୀ ଦାବି କରିଛନ୍ତି।ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ନାୟକଙ୍କୁ ପଚାରିବାରୁ ମକାଫସଲ କିଣିବାକୁ ଫାରମର ପ୍ରଡ୍ୟୁସର ସଂଗଠନକୁ ଦାୟିତ୍ୱ ଦିଆଯାଇଛି। ମକା ଅଭାବୀ ବିକ୍ରି ଅଭିଯୋଗ ଆସିନି। ଏଭଳି କିଛି ଅଭିଯୋଗ ଆସିଲେ ତାର ବ୍ୟବସ୍ଥା କରିବୁ ବୋଲି କହିଛନ୍ତି।

# ଟ୍ରାଫିକ୍ ସମସ୍ୟାରୁ ଲୋକେ ହନ୍ତସନ୍ତ

କଲମପୁର,୨୭ ।୧୧(ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ସଦରମହକୁମା ମୁଖ୍ୟ ବଜାର ପ୍ରାଙ୍ଗଣ ଏବେ ଜନ ଗହଳି ହେବାରେ ଲାଗିଛି। ଏହି ମୁଖ୍ୟ ବଜାର ପ୍ରାଙ୍ଗଣରେ ସମସ୍ତ ପଡା ରାସ୍ତା ସଂଯୋଗ ହୋଇଥିବା ବେଳେ ମଝିରେ ମୁଖ୍ୟ ରାସ୍ତା ଲମ୍ବିଛି।

ରାସ୍ତା ପାଶ୍ୱର୍ରେ ଦୋକାନ ଗୁଡିକ ଲାଗିଥିବା ବେଳେ ରାସ୍ତା ଉପରେ ତଥା ବିଭିନ୍ନ ସ୍ଥାନରେ ଉଠା ଦୋକାନୀ ଆସ୍ଥାନ ଜମେଇ ମାଡି ବସିଛନ୍ତି। ଏଥି ସହିତ ପାର୍କିଂ ବ୍ୟବସ୍ଥା ନଥିବାରୁ ଯାନ ବାହାନ ଗୁଡିକ ଟିଏ ଯୁଆଡେ ପାରିଲା ଥୋଇ ଚାଲି ଯାଉଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ଉପୁଜିବାରେ ଲାଗିଛି,ଗାଡି ମଟର ଯୋଗୁଁ ବାଇପାସ୍ ରାସ୍ତା ଅବରୋଧ ହୋଇଥିବା ବେଳେ ବିଶେଷ କରି ଛାତ୍ରଛାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ପୂର୍ବରୁ କଲମପୁରରେ ଥାନା ଅବସ୍ଥାପିତ ହୋଇ ନ ଥିଲା। କଲମପୁର ଅଞ୍ଚଳ ଜୟପାଟଣା ଥାନା ଅଧୀନରେ ପରିଚାଳିତ ହେଉଥିବା ବେଳେ କଲମପୁରରେ ଫାଣ୍ଡି ରହି କିଛି ପୋଲିସ କର୍ମଚାରୀ ନିୟୋଜିତ ଥିଲେ। ସେତେବେଳେ ରାତି ତମାମ ଗୃହରକ୍ଷୀମାନେ ହୁଇସିଲ ମାରି ପହରା ଦେଉଥିଲେ। ଦିନରେ ମୁଖ୍ୟ ବଜାର ପ୍ରାଙ୍ଗଣରେ ଉପସ୍ଥିତ ରହି ଗାଡି ମଟରକୁ ରାସ୍ତା ଉପରେ ରଖିବାକୁ ବାରଣ କରୁଥିଲେ। ଏକପ୍ରକାର ଆଇନ ଶୃଙ୍ଖଳା ପରିସ୍ଥିତି ସଠିକ ଭାବେ ପରିଚାଳିତ ହେଉଥିବାରୁ ଜନ ସାଧାରଣ ଆଶ୍ୱସ୍ତ ଅନୁଭବ କରି ଶାନ୍ତିରେ ରହି ଆସୁଥିଲେ।ଏବେ ନୂତନ ଭାବେ କଲମପୁର ଥାନା ହେବା ପରେ ସେସବୁ ବ୍ୟବସ୍ଥା ଉଚ୍ଛେଦ କରା ଯାଇଛି। ଫଳରେ ଗାଡି ମଟରର ପାର୍କିଂ ଭିଡ ଭିତରେ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମଙ୍କ ଖାଲି ପାଦରେ ଚାଲି ଯିବା ତ ଦୂରର କଥା ସାଧାରଣଲୋକେ ମଧ୍ୟ ଚାଲି କରି ଯିବା ଆସିବା କରିବା ମୁସ୍କିଲ ହୋଇ ପଡୁଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଜନ ସାଧାରଣରେ ମତ ପ୍ରକାଶ ପାଉଛି।

**AFFIDAVIT**

By virtue of an affidavit sl. no.- 6651, dtd.24.11.2025, in the court of the Executive Magistrate, Kendrapara, I, Pradipta Jena, S/o- Rabindranath Jena, R/o- Vill/Po- Harianka, Ps- Kendrapara Sadar, Dist.- Kendrapara, Odisha, Pin-754210 have changed my minor son's name from Pravat Jena to Pravas Jena. Henceforth he will be known as Pravas Jena instead of Pravat Jena for all purposes.
Sd/- Pradipta Jena

**AFFIDAVIT**

By virtue of an Affidavit before Notary Public, Malkangiri, **I, Ashis Kumar Bairagi,** aged about 26 years, S/o.: Rabin Bairagi resident of Village: Radhagabindapa Palli M.V. - 30, PO.: Kamwada, P.S.: Orkel, Dist.: Malkangiri, Odisha, declare by this Affidavit No.: 16008/2025, Dated: 27.11.2025 that I have changed my & my father name from **Asish Bairagi**, S/o.: Rabindra Bairagi to **Ashis kumar Bairagi, S/o.: Rabin Bairagi**. Henceforth I shall be known as **Ashis kumar Bairagi, S/o.: Rabin Bairagi** for all future purposes.

**AFFIDAVIT**

By virtue of an affidavit sworn before executive Magistrate Dhamnagar, dated 24/11/2025. I,Firdous Quadri Address At-Mustafapur, PO-Dobal, PS-Dhamnagar, Dist-Bhadrak, PIN-756117,State-Odisha declare that I have changed my name from Firdosh Kadri to Firdous Quadri. Henceforth, I shall be known as Firdous Quadri for all purposes.
(Firdous Quadri)

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 26/11/2025, CF No.- 41/26.11.2025. I, Anirudha Nayak S/O Senapati Nayak, At- Tarini Nagar, Salia Sahi, Jaydev Vihar PO-R R L, PS-Maitri Vihar, Dist- Khordha, Pin-751013, declare that I have changed the name of my daughter from Nansi Nayak to Rincy Nayak. Henceforth, she shall be known as new name Rincy Nayak for all purposes.
Anirudha Nayak

**AFFIDAVIT**

By virtue of an affidavit CF No.50, sworn before Executive Magistrate, Bhubaneswar, dated 29.10.2025, I, Gati Prasad Rout, Plot No.Sd-3 Backside, VSS Nagar, Po-Rasulgarh, Ps.- Sahid Nagar, Bhubaneswar-751010, Dist.-Khordha, Odisha declare that I have changed the name of my daughter from Somya Priyadarsini to Soumya Priyadarshini Rout. Henceforth she shall be known as Soumya Priyadarshini Rout for all purposes.
Gati Prasad Rout

**AFFIDAVIT**

By virtue of an Affidavit Sworn before the Executive Magistrate, Nandapur, Dist.-Koraput vide no.-104 dtd.26/11/2025, I Smt. Purnimarani Das, W/o- Sri Milan Kumar Tikadar, resident of House no.-38, Main road, Banjalaput, Po.- Padwa, Dist.- Koraput, Odisha-764038 declare that, I have changed my name from **Purnima Tikadar** to **Purnimarani Das**. That, **Purnima Tikadar** and **Purnimarani Das** is one and the same person.

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL

**LOST**

I Prabodha Kumar Sahani, Proprietor of Premium Chicken House, S/o.: Late Purna Chandra Sahani of Mahanadi Vihar, Declared by this Affidavit No.: 343803, dated 24.11.2025, my original prior sale deed executed by Labangalata Nayak in Favour of Biswabanita aich Document No.: 4047 vide Khata No.: 111/344, Plot No.: 109/2824, Area: Ac.0.040 Decimal, Unit No.: 6, Uttar deulasahi, Mouza: Cuttack Sahar, P.S.: Bidanasi, Dist.: Cuttack has been lost while I was travelling from Cuttack to Pipili by Bus. If somebody found the same please inform- **Mob- 9937068851**

**AFFIDAVIT**

I, **Tabasum Jahan Begum** wife of Gulam Moinuddin Khan, resident of Ward No.- 25, Plot No.- N-1/316, IRC Village, P.O.- IRC Village, P.S.- Nayapalli, Bhubaneswar, Dist.- Khordha, Odisha-751015 declare by this affidavit No.- 11 dated 04.11.2025 that now onwards I shall be known as **TABASUM JAHAN** for all future purposes.
Sd/- Tabasum Jahan

**NOTICE (FOR MINOR)**

By virtue of an affidavit sworn before the Notary Public, Bhubaneswar, dated 26.11.2025, I, Swami Sampurnananda Saraswati, At- Sitanath Nagar, Niladri Vihar, P.O. Sailashree Vihar, P.S. Chandrasekharpur, Bhubaneswar – 751021, Dist. Khordha declare that I have changed the name of my Adopted daughter from Jayashree Rath to Jayashree Saraswati Rath. Henceforth, she shall be known as Jayashree Saraswati Rath for all purposes.
SWAMI SAMPURNANANDA SARASWATI

**IN THE COURT OF THE CIVIL JUDGE (SENIOR DIVISION), ANANDAPUR.**
C.S. 115/2023
Kanthia Sethy .......Plaintiff
Vrs.
Nachhu Sethy and others ..Defendants
NOTICE U/O 5, RULE 20 OF C.P.C To
Def. 4, 1) Mayadhar Sethy, aged about 57 yrs, Son of late Suka Sethy, of village/P.O- Keshadurapal,P.S- Ghasipura, Dist. Keonjhar.
Def. 5, 2) Tilottama Sethy, aged about 47 years,Wife of Baya Sethy of village-Chhualia, P.O- Dhenka, P.S- Soso, Dist. Keonjhar.
Def. 6, 3) Pramila Sethy, aged about 54 years, Wife of Daitari Sethy Daughter of Sya Sethy of village-Khalagadia,P.O- Dhenka, P.S- Soso, Dist. Keonjhar.
Def. 15, 4) Babuli Sethy, aged about 52 years,Son of late Bali Sethy of village/P.O Atapur, P.S- Sadar,Dist. Keonjhar.
Def. 18, 5) Sanju Sethy, aged about 49 years,Wife of Purna Chandra Behera of village/P.O-Pandirisilli,P.S- Raruan, Dist. Keonjhar.
Def. 20, 6) Pritimaya Sethy, aged about 28 years,Son of late Kulamani Sethy, Village- Sankhapata (Sabarsahi) P.O/P.S- Baripada, Dist. Mayurbhanj.
Take notice that the above-named plaintiff has filed the C.S no. 115/2023 for partition and permanent injunction against the Defendants and the service of summons could not be served against the aforesaid defendants in spite of repeated summons issued by the Court in either ways and the defendants avoided to receive the Court Summons.
So you all are noticed to appear in my Court on 23rd Dec 2025 at about 10.30A.M in person or through advocate to put forth your claims as to why reliefs prayed by the plaintiff should not be granted.
Take notice that in case of default the suit will be heard or determined in your absence.
Given under my hand and seal of this Court day **30.10.2025.**
Civil Judge (Sr. Divn.),
Anandapur.

**NOTICE**

By virtue of an affidavit sworn before Executive Magistrate, Dhenkanal, dated 27/11/2025, I Urmila Pati, Address At/PO-Bainsia, Block/PS-Gondia, Dist-Dhenkanal, Odisha-759014, declare that I have changed my name from Urmila Dash to Urmila Pati. Henceforth, I shall be known as Urmila Pati for all purposes.
Urmila Pati

O-1558 e-mail : rwd_gajapati@yahoo.co.in
GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISON GAJAPATI PARLAKHEMUNDI
NATIONAL COMPETITIVE BIDDING THROUGH e-Procurement
Identification No. Online Tender- 09/GJP/2025-26

| | | |
|---|---|---|
| 1. | Name of the work | : Building Works |
| 2. | Total No. Work | : 07 (Seven) No. of Building Works |
| 3. | Estimated Cost | : Rs. 4.20 lakhs to 43.58 lakhs |
| 4. | Class of Contractor | : 'C' & 'D' Class Contractor 'B' Class Contractor |
| 5. | Period of Completion | : Furnished in Annexure |
| 6. | Availability of Tender Online for bidding | : 28.11.2025 at 10.00 A.M to 08.12.2025 up to 5.00 PM. |
| 7. | Date and Time of Opening of Tender | : 09.12.2025 at 11.00 A.M |
| 8. | Place of Opening | : As per Annexure |

Further details can be seen from the Website www.tenderorissa.gov.in
Executive Engineer
R.W. Division, Gajapati
OIPR-

**AFFIDAVIT**

I, Prasanta Samantaray, aged about 59 years, S/o- Pitambar Samantaray, resident of At- Plot No- 44/1343, Pitambar Realm, Pokhariput, Bhubaneswar, Dist- Khurda, Pin-751020, Odisha declare by this affidavit No. 2407, dtd- 27/11/2025, that now onwards I shall be known as **PRASANTA KUMAR SAMANTARAY** for all future purposes.

ସକାଳ
THE SAKALA



# ହାଇୱା ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ

**ଇବଥର୍ମାଲ, ୨୭।୧୧(ସମିସ):** ବନହରପାଲି ଥାନା କୁମ୍ଭାରବନ୍ଧ ଫାଣ୍ଡି ଅଧୀନ ଢୁନଢୁନ ଛକ ରେଙ୍ଗାଲି ରାସ୍ତା ତାଳବେର୍ଣ୍ଣା ନିକଟରେ ଏକ ହାଇୱା ଡ୍ରାଇଭରକୁ ଗତକାଲି ମରଣାନ୍ତକ ଆକ୍ରମଣ କରାଯିବା ଓ ପଥର ମାରି ହାଇୱା କାଚ ଭାଙ୍ଗିବା ଘଟଣା ସାମ୍ନାକୁ ଆସିଛି। ଏହି ଘଟଣାରେ ବନହରପାଲି ପୁଲିସ ଆଜି ଜଣେ ନାବାଳକ ସମେତ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ମାନେ ଟିକେଶ୍ୱର ମହାନନ୍ଦ (୨୨), ଲିପକ ରଣା (୨୨), ଦୀପକ ଭୋଇ (୧୯), ଅନିଲ ଛୁରିଆ (୨୩), କରୁଣାକର କଣ୍ଟା ଓରଫ ଟିଙ୍କୋଲି (୨୨) ଓ ଜଣେ ନାବାଳକ। ନାବାଳକ ନାମରେ ଆଗରୁ ଏକ ମାମଲା ରହିଥିବା ପୁଲିସ ସୂତ୍ରରୁ ପ୍ରକାଶ। ସମସ୍ତ ଅଭିଯୁକ୍ତ କୁମ୍ଭାରବନ୍ଧ ଫାଣ୍ଡି ଅନ୍ତର୍ଗତ ତାଳବେର୍ଣ୍ଣା ଗାଁର ବୋଲି ଜଣା ପଡ଼ିଛି। ବୁଧବାର ପ୍ରାୟ ଦିନ ୨.୩୦ ବେଳକୁ ଅଭିଯୁକ୍ତ ୬ଜଣ ସାହାଜବାହାଲ ପଟୁ ରେଙ୍ଗାଲି ପଟେ ଯାଉଥିବା ଏକ ହାଇୱାକୁ ଅଟକ ରଖି ତାକୁ ଗାଳି ଗୁଲଜ କରୁଥିଲେ। ସେତିକି ବେଳେ ରେଙ୍ଗାଲି ପଟୁ ଏକ ଖାଲି ହାଇୱା ଓପିଜିସିର ପାଉଁଶ ପରିବହନ ସକାଶେ ତିଲିଆ ଆସପଣ୍ଡକୁ ଆସୁଥିଲା। ଯୁବକମାନେ ରାସ୍ତା ଅବରୋଧ କରିଥିବାରୁ ଡ୍ରାଇଭର ପ୍ରଦୀପ ସିଂହ ତା'ର ଖାଲି ଗାଡିକୁ ଛାଡିବାକୁ ହର୍ଣ୍ଣ ବଜାଇଥିଲା। ଏଥିରେ ଅଭିଯୁକ୍ତ ମାନେ ଉତକ୍ଷିପ୍ତ ହୋଇ ଅଟକ ରଖିଥିବା ହାଇୱାକୁ ଛାଡି ଖାଲି ଆସୁଥିବା ହାଇୱା ଉପରକୁ ପଥର ମାରିବା ଆରମ୍ଭ କରିଥିଲେ। ହାଇୱା କାଚ ଭାଙ୍ଗି ଡ୍ରାଇଭରକୁ ଟାଣି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ହାଇୱା ଚଳାଚଳର ସୁପରଭାଇଜର ପ୍ରବୀଣ ଶର୍ମା ଖବର ପାଇ ଡ୍ରାଇଭର ଶ୍ରୀ ସିଂହଙ୍କୁ ଇବଥର୍ମାଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବୁଧବାର ରାତିରେ ବନହରପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବନହରପାଲି ପୁଲିସ ଏକ ମାମଲା ରୁଜୁ କରି ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ସହ ଆଜି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏହାପରେ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ୍ କରି ଆଜି ୫ ଜଣଙ୍କୁ ବିଭିନ୍ନ ଦଫାରେ ବିଚାର ବିଭାଗୀୟ ଅଦାଲତକୁ ପଠାଯାଇଛି। ତେବେ ନାବାଳକ ଜଣକୁ ରାଉରକେଲା ସ୍ଥିତ ବାଳ ସୁଧାର ଗୃହକୁ ପଠାଇ ଦିଆଯାଇଛି ବୋଲି ବନହରପାଲି ଥାନା ଆଇଆଇସି ରଞ୍ଜିତ ନାଏକ କହିଛନ୍ତି। ଘଟଣାଟି ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଯୁବକମାନେ ଭାରୀଯାନକୁ ପଥରରେ ଆକ୍ରମଣ କରୁଥିବା ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି।




**ନାବାଳକ ସମେତ ୬ କୋର୍ଟ ଚାଲାଣ**

# ବିଇଓ ଅଫିସ ସହ ଦୁଇ ସ୍କୁଲରୁ ଚୋରି

## ସନ୍ଦେହ ଘେରରେ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ଭୂମିକା

**ଦେବଗଡ଼, ୨୭।୧୧(ସମିସ)**

ତିଳେଇବଣି ଫାଣ୍ଡି ଅଧୀନ ତିଳେଇବଣି ବ୍ଲକ ମୁଖ୍ୟାଳୟ ସ୍ଥିତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ତିଳେଇବଣି ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟରେ ଚୋରି ହୋଇଥିବା ସୂଚନା ରହିଛି। ଗତକାଲି କୌଣସି ଦୁର୍ବୃତ୍ତ ତାଲା ଭାଙ୍ଗି ହାଇସ୍କୁଲର ଆଲମାରୀ ଭାଙ୍ଗିବା ସହ ନଗଦ ୩୦ ହଜାର ଟଙ୍କା ଚୋରି ହୋଇଥିବା ନେଇ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକେନ୍ଦ୍ରୀୟ ଛତ୍ରିଆ ତିଳେଇବଣି ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗତକାଲି ରାତିରେ ତିଳେଇବଣି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ସେହି ପରିସରରେ ଥିବା ହାଇସ୍କୁଲ ଓ ପ୍ରାଥମିକ ସ୍କୁଲର ତାଲା ଭଙ୍ଗା ଯାଇଥିଲା। ଏନେଇ ଆଜି ଜଣା ପଡ଼ିବା ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବ୍ଲକ ଶିକ୍ଷା ଅଧିକାରୀ ଆସି ଯାଞ୍ଚ କରିଥିଲେ। ଏଥିରେ ସ୍କୁଲ କାର୍ଯ୍ୟାଳୟ ମଧ୍ୟରେ ଥିବା ଆଲମାରୀରୁ ନଗଦ ୩୦ ହଜାର ଟଙ୍କା, ୨ଟି ପେଣ୍ଡ୍ରାଇଭ ଓ ସ୍କୁଲର ଚାବିଗୁଚ୍ଛ ଚୋରି ହୋଇଥିବା ଜଣାପଡ଼ିଥିଲା। ଏହାପରେ ବ୍ଲକ ଶିକ୍ଷା ଅଧିକାରୀ ଏସମ୍ପର୍କରେ ତିଳେଇବଣି ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ତେବେ ସ୍କୁଲ ଆଲମାରୀରେ ୩୦ ହଜାର ନଗଦ ଟଙ୍କା କିଏ ଓ କେଉଁ ଉଦ୍ଦେଶ୍ୟରେ ରଖିଥିଲା ତାହା ତଦନ୍ତ ସାପେକ୍ଷ। ଅନ୍ୟ ପକ୍ଷରେ ବିଦ୍ୟାଳୟ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ପ୍ରଧାନ କେତେବେଳ ସ୍କୁଲ ଡେଭଲପମେଣ୍ଟ ପାଣ୍ଠିର ଅର୍ଥ ବୋଲି କହୁଥିବା ବେଳେ କେତେବେଳେ ପିଲାଙ୍କ ଫର୍ମ ଫିଲପ୍ ଟଙ୍କା ବୋଲି ଭିନ୍ନଭିନ୍ନ ଉତ୍ତର ଦେଇଚନ୍ତି। ତେଣୁ ପ୍ରଧାନଶିକ୍ଷକଙ୍କ ଭୂମିକା ସନ୍ଦେହଜନକ ହୋଇଛି। ଯଦି ବାସ୍ତବିକ ଚୋର ଚୋରି ପାଇଁ ଆସିଥିଲା ତେବେ କାର୍ଯ୍ୟାଳୟ ତାଲା ଭାଙ୍ଗିଥିଲେ ମଧ୍ୟ କୌଣସି ସାମଗ୍ରୀ ଚୋରି କରିଲା ନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି। ପ୍ରାଥମିକ ବିଦ୍ୟାଳୟରେ ତାଲା ଭାଙ୍ଗି ଥିଲେ ମଧ୍ୟ ସେଠାରୁ କିଛି ଚୋରି ନ ହେବା ଏବଂ ହାଇସ୍କୁଲ ଆଲମାରୀରେ ୩୦ ହଜାର ଟଙ୍କା ଥିବା ଦୁର୍ବୃତ୍ତ ଜାଣିଲା କିପରି ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ସେହିପରି ଚୋରି ହୋଇଥିଲେ ମଧ୍ୟ ପ୍ରଧାନଶିକ୍ଷକ ନିଜେ ଥାନାରେ ଅଭିଯୋଗ ନକରି ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଥାନାରେ ଅଭିଯୋଗ ପାଇଁ କାହିଁକି ପ୍ରବର୍ତ୍ତାଇଲେ ଏହା ତଦନ୍ତ ସାପେକ୍ଷ। ଶିକ୍ଷାନୁଷ୍ଠାନରେ ଏପରି ଏକାଠି ଚୋରି ଅଭିଯୋଗ ପୁଲିସକୁ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ବିଷୟ ହୋଇଥିବା ଦେଖିବାକୁ ମିଳିଛି।



# ଅର୍ଦ୍ଧ ନିର୍ମିତ କଳା ପରିଷଦ ଗୃହର ପୁନରୁଦ୍ଧାର ଦାବି

**ଦେବଗଡ଼, ୨୭।୧୧(ସମିସ):** ଦେବଗଡ଼ ପୌରାଞ୍ଚଳ କେନ୍ଦ୍ରସ୍ଥଳରେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିଥିବା କଳା ପରିଷଦ ଗୃହର ନିର୍ମାଣ କାର୍ଯ୍ୟ ଶେଷ କରିବା ତଥା ଏହାର ପୁନରୁଦ୍ଧାର ପାଇଁ ଦାବି ଉଠିଛି। ଜିଲ୍ଲାର ବିଭିନ୍ନ ସାହିତ୍ୟିକ, ସାଂସ୍କୃତିକ ଏବଂ ନାଗରିକ ଅନୁଷ୍ଠାନ ସମେତ ବହୁ କଳାକାରଙ୍କ ପକ୍ଷରୁ ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ନିକଟରେ ଏହି ଦାବି କରାଯାଇଛି। ଗୁରୁବାର ସ୍ୱନାମଧନ୍ୟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ମାର୍କଣ୍ଡେଶ୍ୱର ଶତପଥୀ (ସଂଯୋଜକ) ସାଂସ୍କୃତିକ ଅନୁଷ୍ଠାନ 'ଜାଗରଣ ଆର୍ଟ ଇଣ୍ଟରନ୍ୟାସନାଲ', 'କଳିକା', 'ବାମଣ୍ଡା କଳାକାର ସଂଘ' ସାହିତ୍ୟାନୁଷ୍ଠାନ, ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ, ବାମଣ୍ଡା ସାହିତ୍ୟ ସଂସଦ ଓ ନାଗରିକ ଅନୁଷ୍ଠାନ 'ଜିଲ୍ଲା ବରିଷ୍ଠ ନାଗରିକ ଫୋରମ' ପକ୍ଷରୁ ପ୍ରତିନିଧିତ୍ୱ କରି ପୌର ପରିଷଦ କାର୍ଯ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜଙ୍କୁ ସାକ୍ଷାତ କରି ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ସ୍ମାରକପତ୍ରର ନକଲ ଦେବଗଡ଼ ଜିଲ୍ଲାପାଳ ଓ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ପ୍ରଦାନ କରିଥିବା ଜଣାପଡ଼ିଛି। କଳା ସଂସ୍କୃତି ଓ କଳାକାର ମାନଙ୍କର ବିକାଶ ନିମନ୍ତେ ପ୍ରାକ୍ତନ ବାମଣ୍ଡା ରାଜ୍ୟର ରାଜଧାନୀ ଦେବଗଡ଼ ପୌରାଞ୍ଚଳ (ବର୍ତ୍ତମାନର ଜିଲ୍ଲା ସଦର ମହକୁମା)ର କେନ୍ଦ୍ରସ୍ଥଳରେ ଜିଲ୍ଲାରେ ୧୯୬୩ ମସିହାରେ କଳାକାର ଓ ପୌର ପରିଷଦର ସହଯୋଗରେ ସରକାରଙ୍କ ଦ୍ୱାରା ଏକ କଳାପରିଷଦ ଗୃହ ନିର୍ମିତ ହୋଇଥିଲା। ସେଠାରେ ବର୍ଷସାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ବିଭିନ୍ନ ନାଟ୍ୟାନୁଷ୍ଠାନ ଓ ମଞ୍ଚ କଳାକାର ମାନେ ଉପକୃତ ହେବା ସହ ରାଜ୍ୟ ତଥା ରାଜ୍ୟ ବାହାରେ ଖ୍ୟାତି ଅର୍ଜନ କରୁଥିଲେ। ମାତ୍ର କାଳକ୍ରମେ କଳା ପରିଷଦ ଗୃହଟି ଜରାଜୀର୍ଣ୍ଣ ହୋଇପଡ଼ିବା ସହ ବ୍ୟବହାର ଅନୁପଯୋଗୀ ହୋଇଛି। ତେବେ ଏହାର ପୁନରୁଦ୍ଧାର ନିମନ୍ତେ ଜିଲ୍ଲାର ସଂସ୍କୃତି ପ୍ରେମୀ ଜନସାଧାରଣ ଓ ମଞ୍ଚ କଳାକାରଙ୍କ ଦ୍ୱାରା ଦାବି ହେବାରୁ ତତ୍କାଳୀନ ଜିଲ୍ଲାପାଳ ପୌର ପରିଷଦକୁ ୫୦ ଲକ୍ଷ ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଥିଲେ। ୨୦୧୪-୧୫ ଆର୍ଥିକ ବର୍ଷରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ କୌଣସି କାରଣ ବଶତଃ ପୁନରୁଦ୍ଧର କାର୍ଯ୍ୟ ଅଧାରେ ପଡ଼ି ରହିଥିଲା। ପୁଣିଥରେ ୨୦୧୭-୧୮ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଏଯାଏଁ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଫଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ନେଇ କଳାକାର ଏବଂ ସାଂସ୍କିତିକ ଅନୁଷ୍ଠାନ ଗୁଡିକ ବହୁ ଅସୁବିଧାର ସମ୍ମୁଖୀନ ହେବାସହ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପୌର ପରିଷଦ କର୍ତ୍ତୃପକ୍ଷ ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ସମ୍ପ୍ରତି ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ପୌର ସଂସ୍ଥାକୁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଉଥିବା ସ୍ଥଳେ ପୌର ପରିଷଦ କର୍ତ୍ତୃପକ୍ଷ ଅବିଳମ୍ବେ କଳାପରିଷଦ ଗୃହର ପୁନରୁଦ୍ଧାର ପୂର୍ବକ ଜିଲ୍ଲାର କଳା ସଂସ୍କୃତି ଓ କଳାକାର ମାନଙ୍କୁ ଉତ୍ସାହିତ କରିବାକୁ ଉପରୋକ୍ତ ସ୍ମାରକପତ୍ର ମାଧ୍ୟମରେ ଦାବି କରାଯାଇଛି।

# ୪ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟକଲା ପୁଲିସ

**ଝାରସୁଗୁଡ଼ା, ୨୭।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲାରେ ଅବୈଧ ଦେଶୀ ମଦ ପ୍ରସ୍ତୁତି ବିରୋଧରେ ପୁଲିସ ପ୍ରଶାସନର କଠୋର ଅଭିଯାନ ଜାରି ରହିଛି। ରେଙ୍ଗାଲି ଥାନା ଅଧୀନ ଲିମଡିହି ଜଙ୍ଗଲରେ ବେଆଇନ ଦେଶୀ ମଦ ପ୍ରସ୍ତୁତ ପାଇଁ ମହୁଲ ପୋଚ ରଖିଥିବା ସ୍ଥାନରେ ରେଙ୍ଗାଲି ଥାନା ପୁଲିସ ପକ୍ଷରୁ ବୁଧବାର ଚଢ଼ଉ କରାଯାଇଛି। ଏଥିରେ ପ୍ରାୟ ୪ କ୍ୱିଣ୍ଟାଲ ମହୁଲ ପୋଚ ନଷ୍ଟ କରାଯାଇଛି। ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ପୁଲିସ ଟିମ ଅଚାନକ ଚଢ଼ଉ କରି ଅତାବିରା ପଞ୍ଚାୟତ ଅନ୍ତର୍ଗତ ଲିମଡିହି ଜଙ୍ଗଲ ଅଞ୍ଚଳରେ ଦେଶୀ ମଦ ପ୍ରସ୍ତୁତ ପାଇଁ ରହିଥିବା ପ୍ରାୟ ୪ କ୍ୱିଣ୍ଟାଲ ମହୁଲ ପୋଚକୁ ନଷ୍ଟ କରିଛି। ଦେଶୀ ମଦ ତିଆରି କାରବାରରେ ଜଡିତ ଥିବା ଲୋକ ମାନଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଆଗାମୀ ଦିନରେ ଏପରି ଦେଶୀ ମଦ ପ୍ରସ୍ତୁତି ରୋକିବା ପାଇଁ ଅଭିଯାନକୁ ଆହୁରି ତୀବ୍ର କରାଯିବ ବୋଲି ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ କରିଛନ୍ତି।



# ଚତୁର୍ଥ ଦିନରେ ଓଏଭି ଶିକ୍ଷକଙ୍କ ଆନ୍ଦୋଳନ



**ଦେବଗଡ଼, ୨୭।୧୧(ସମିସ):** ୧୩ ଦଫା ଦାବି ନେଇ ଗତ ୨୪ ତାରିଖ ଠାରୁ ଦେବଗଡ଼ ଜିଲ୍ଲାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ କଳାବ୍ୟାଜ ପରିଧାନ ପୂର୍ବକ ଶାନ୍ତିପୂର୍ଣ୍ଣ ଧାରଣା ଗୁରୁବାର ଚତୁର୍ଥ ଦିବସରେ ପହଞ୍ଚିଛି। ଅନ୍ୟପକ୍ଷରେ ସଂଘର ଦାବି ଗୁଡିକ ଯଦି ଯଥା ଶୀଘ୍ର ପୂରଣ ନହୁଏ ତେବେ ଆଗାମୀ ଡିସେମ୍ବର ୮ ତାରିଖରେ ଆନ୍ଦୋଳନ ପାଇଁ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଘର ରାଜ୍ୟ ସଭାପତି ରିପୁଦମନ ମିଶ୍ର ଓ ସମ୍ପାଦକ ଶୁଭାଶିଷ ଦାସ ଚେତାବନୀ ଦେଇଛନ୍ତି। ନିଟ୍ ଏବଂ ଜେଇଇ ପରୀକ୍ଷାରେ ସେମାନଙ୍କ ପାଇଁ ୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ, ଏନ୍ଏମ୍ଏମ୍ଏସ୍ ପରୀକ୍ଷା ପାଇଁ ଅନୁମତି ପ୍ରଦାନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର କର୍ମଚାରୀ ମାନଙ୍କୁ ପୂର୍ଣ୍ଣ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ୟୁନିଫର୍ମ କ୍ୟାଡର ମାନ୍ୟତା ପ୍ରଦାନ, ଶାରୀରିକ ଶିକ୍ଷା ଶିକ୍ଷକ ଓ କମ୍ପ୍ୟୁଟର ଶିକ୍ଷକ ମାନଙ୍କୁ ସମାନ କାମକୁ ସମାନ ଦରମା ପାଇଁ ୪୬୦୦ ଗ୍ରେଡପେ ପ୍ରଦାନ, ଆର୍ଟ୍ସ୍ ଷ୍ଟ୍ରିମ ଖୋଲିବା, ହିନ୍ଦୀ, ଓଡ଼ିଆ ଓ ସଂସ୍କୃତ ବିଷୟ ପାଇଁ ପିଜିଟି ପଦବୀ ସୃଷ୍ଟି କରିବା, ଆର୍ଟ ଶିକ୍ଷକଙ୍କୁ ଟିଜିଟି ମାନ୍ୟତା ପ୍ରଦାନ, ପ୍ରିନ୍ସିପାଲ ମାନଙ୍କ ଗ୍ରେଡ ପେ ସଂଶୋଧନ, କିରାଣୀ ମାନଙ୍କ ନିଯୁକ୍ତିକୁ ନିୟମିତ କରିବା ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର କର୍ମଚାରୀ ମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ଆଦି ଦାବି ମାନ ରହିଛି। ଦେବଗଡ଼ ଜିଲ୍ଲାରେ ଥିବା ୩ଟି ଯାକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର କର୍ମଚାରୀ ମାନେ ଗତ ୨୪ ତାରିଖରୁ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଛନ୍ତି।

**ପ୍ରଧାନ୍‌ପାଟ୍ କପ୍ ଫୁଟବଲ ପ୍ରତିଯୋଗିତା**

# ବରଗଡ଼ ୟୁନାଇଟେଡକୁ ହରାଇ ରାଉରକେଲା ୧୫ ବିଜୟୀ



**ଦେବଗଡ଼, ୨୭।୧୧(ସମିସ):** ପ୍ରଧାନପାଟ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଗତ ୨୪ ତାରିଖ ଠାରୁ ଆରମ୍ଭ ହୋଇଥିବା ୭ମ ସର୍ବଭାରତୀୟ ପ୍ରଧାନ୍‌ପାଟ୍ କପ୍ ଫୁଟବଲ ପ୍ରତିଯୋଗିତାର ଚତୁର୍ଥ ଦିବସ ମ୍ୟାଚ୍‌ରେ ଗୁରୁବାର ବରଗଡ଼ର ୟୁନାଇଟେଡ କ୍ଲବ୍‌କୁ ୨-୧ ଗୋଲରେ ପରାସ୍ତ କରି ରାଉରକେଲା ୧୫ ଫୁଟବଲ କ୍ଲବ୍ ବିଜୟୀ ହୋଇଛି। ଆଜିର ମ୍ୟାଚ୍‌କୁ ରେଫରୀ ଭାବେ ରାଜ ମଣ୍ଡଳ, ସୁକାନ୍ତ କିଷାନ, ସୌରଭ ନାୟକ ଓ ଜିତୁ ପାତ୍ର ପରିଚାଳନା କରିଥିଲେ। ହେମନ୍ତ ମହାପାତ୍ର ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଭାଷ୍ୟକାର ଭାବେ ବେଣୁଧର ଗଡ଼ନାୟକ ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ରାଉରକେଲା ୧୫ କ୍ଲବ୍‌ର ଖେଳାଳି ସୋନମଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନପାଟ କ୍ଲବ୍‌ର ସଭାପତି ବିକାଶ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଖେଳକୁ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲାପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ସୁଧାଂଶୁ କପରଦାର, ପ୍ରାକ୍ତନ ଫୁଟବଲ ଖେଳାଳି ନେତ୍ରାନନ୍ଦ ମହାକୁଳ, ବିଜେଡି ନଗର ସଭାପତି ଚନ୍ଦ୍ର ଶେଖର ଭୁକ୍ତା, ଜିଲା ବିଜେଡି ସାମାଜିକ ଗଣମାଧ୍ୟମ ସଂଯୋଜକ ଶୁକଦେବ ଭଞ୍ଜ, ପାଳଲହଡାର ବିଷ୍ଣୁ ପ୍ରସାଦ ଦାଶ ଓ ପ୍ରଶାନ୍ତ ପ୍ରମୁଖ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଶେଷରେ କ୍ଲବ୍‌ର ସମ୍ପାଦକ ସଞ୍ଜୀବ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତାକାଲି ସମ୍ବଲପୁର ଫୁଟବଲ କ୍ଲବ୍ ଓ ବିହାରର ବକ୍ସର ଫୁଟବଲ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସୂଚନା ରହିଛି।

# ଭାରତୀୟ ମାନବୀୟ ଅଧିକାର ପରିଷଦର ସାଧାରଣ ବୈଠକ

**ଝାରସୁଗୁଡ଼ା/କିର୍ମିରା, ୨୭।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଧୁତରା ଠାରେ ଭାରତୀୟ ମାନବୀୟ ଅଧିକାର ପରିଷଦ ତରଫରୁ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରିଷଦର ଷ୍ଟେଟ ଲେଗାଲ ଆଡଭାଇଜର ଅଶୋକ ମଲ୍ଲିକ, ସମ୍ମାନୀୟ ଅତିଥି ସମ୍ବଲପୁର ଆଡଭାଇଜର ବିମଳ ମେହେର, ଝାରସୁଗୁଡ଼ା ଜିଲ୍ଲା ସଭାପତି ଧନଞ୍ଜୟ, ଜିଲ୍ଲା ଆଡଭାଇଜର ତୀର୍ଥବାସୀ ମୁଣ୍ଡା ଓ ହେମନ୍ତ ମୁଣ୍ଡା, ଫରେନ ମୁଣ୍ଡା ଓ ମାତାନ ବାବା, ମହିଳା ସେଲ ସଭାପତି ତପସ୍ୱିନୀ ମୁଣ୍ଡା, ଜିଲ୍ଲା ଉପସଭାପତି ଲକ୍ଷ୍ମଣ ତାଣ୍ଡିଆ, ଜିଲ୍ଲା କୋର୍ଡିନେଟର ରବି ରାଉତ, ଜିଲ୍ଲା ଇନଚାର୍ଜ ସୁରଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଲୋକଙ୍କ ସ୍ୱାଧୀନ ଚିନ୍ତା ସହ ସ୍ୱାଧୀନ ମତ ପ୍ରକାଶ କରିବା ଓ ଅନ୍ୟର ମତାମତ ପ୍ରତି ସମ୍ମାନ କରିବା, ସ୍ୱାର୍ଥ ଅହଙ୍କାର ଓ କ୍ଷମତାର ବଶବର୍ତ୍ତୀ ହୋଇ ଅନ୍ୟର କ୍ଷତି ନ ଘଟାଇବା ଏବଂ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା, ଦୁଃଖି, ଗରିବ ଓ ନିରୀହ ଲୋକଙ୍କ ପ୍ରତି ସହାନୁଭୁତି ପ୍ରଦର୍ଶନ କରିବା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏହା ସହିତ ଗାଁ ତଥା ଅଞ୍ଚଳର ସମସ୍ୟା ପ୍ରତି ଗୁରୁତ୍ୱ ଦିଆ ଯାଇଥିଲା। କାର୍ଯ୍ୟକ୍ରମକୁ ଲକ୍ଷ୍ମଣ ତାଣ୍ଡିଆ ପରିଚାଳନା କରିଥିବା ବେଳେ ରାଜାରାମ ଗର୍ଡ଼ିଆ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ଦ୍ୱାରା ତାଲିମ କେନ୍ଦ୍ର ଉଦ୍‌ଘାଟିତ

**ଦେବଗଡ଼, ୨୭।୧୧(ସମିସ):** ବାବୁ ସାହି ନିକଟସ୍ଥ ସ୍ୱୋର୍ଡ ଦକ୍ଷତା ବିକାଶ କେନ୍ଦ୍ର ଠାରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣଙ୍କ ନୂଆ ଓଡ଼ିଶା ଯୋଜନାରେ ପ୍ରଦତ୍ତ ଭିନ୍ନକ୍ଷମ ଯୁବତୀ ଯୁବକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନିଯୁକ୍ତି ଭିତ୍ତିକ ତାଲିମ କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ କେରୋଜା ଦୋରାଙ୍କ ଆବାହକତ୍ୱ କ୍ରମେ ମୁଖ୍ୟ ଅତିଥି ଜିଲ୍ଲାପାଳ କବିନ୍ଦ୍ର ସାହୁ ତାଲିମ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ।ଏହା ସହ ପ୍ରଶିକ୍ଷାର୍ଥୀ ମାନଙ୍କୁ ୟୁନିଫର୍ମ ଏବଂ ପାଠ୍ୟପୁସ୍ତିକା ବିତରଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ଶ୍ରୀ ଦୋରା ସରକାରଙ୍କ ଏହି ଯୋଜନା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ ଉପସ୍ଥିତ ଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନି ପ୍ରଶିକ୍ଷାର୍ଥୀ ମାନଙ୍କୁ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇଥିଲେ। ଏଥି ସହିତ ଅତିଥି ମାନେ ଉପସ୍ଥିତ ୩୦ ଜଣ ପ୍ରଶିକ୍ଷାର୍ଥୀ ମାନଙ୍କୁ ୟୁନିଫର୍ମ ଏବଂ ପାଠ୍ୟପୁସ୍ତକ ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସନ୍ତୋଷ ସ୍ୱାଇଁ ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ପ୍ରକଳ୍ପ ମୁଖ୍ୟ ଦୀପ୍ତି ଦାଶ, ନମ୍ରତା ସାହୁ ତଥା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ଭିକମପାଲି ଛକ**

# ଟ୍ରାଫିକ ଅବ୍ୟବସ୍ଥାରୁ ବଢୁଛି ଦୁର୍ଘଟଣା

**ଝାରସୁଗୁଡ଼ା, ୨୭।୧୧(ସମିସ)**

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅଧୀନ ଜାତୀୟ ରାଜପଥ ୪୯ର ଭିକମପାଲି ଛକ ହେଉଛି ଅଞ୍ଚଳର ଏକ ପ୍ରମୁଖ ଛକ। ଭିକମପାଲି ଛକରେ ଟ୍ରାଫିକ ବ୍ୟବସ୍ଥା ଗୁରୁତର ଭାବେ ଅବ୍ୟବସ୍ଥିତ ରହିଥିବାରୁ ଲୋକଙ୍କ ପାଇଁ ଦିନକୁ ଦିନ ସମସ୍ୟା ବଢୁଥିବା ବେଳେ ପ୍ରାୟତଃ ଛୋଟବଡ ଦୁର୍ଘଟଣା ହେଉଥିବା ପରିଲକ୍ଷିତ ହେଉଛି। ଏନଏଚ ୪୯ ଭିକମପାଲି ଛକ ଗ୍ରାମ୍ୟ ସଂଯୋଗ ସ୍ଥଳ ହେବା ସହ ପ୍ରତ୍ୟହ ଶତାଧିକ ଯାନବାହନ ଯାତାୟାତ କରୁଛି। ହେଲେ ଟ୍ରାଫିକ ସିଗ୍ନାଲ, ସାଇନ ବୋର୍ଡ, ଜେବ୍ରା କ୍ରସିଂ ଆଦି ନ ଥିବାରୁ ପରିସ୍ଥିତି ଦିନକୁ ଦିନ ଅସମ୍ଭାଳ ହେଉଛି। ଛକର ଅନତି ଦୂରରେ ନାମକୁ ମାତ୍ର ଏକ ଗତି ଅବରୋଧ ଦିଆଯାଇଛି। କିନ୍ତୁ ତାହା କୌଣସି କାର୍ଯ୍ୟରେ ଆସୁନଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଏନଏଚ୪୯ର ଏହି ଛକ ଝାରସୁଗଡ଼ାକୁ ଛତିଶଗଡ଼ ସହ ଯୋଡୁଥିବା ମୁଖ୍ୟ ରାସ୍ତା। ଉତ୍ତର ପଟରେ ଅତାବିରା ପଞ୍ଚାୟତ ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ପଡୋଶୀ ସୁନ୍ଦରଗଡ଼ ଓ ଛତିଶଗଡ଼ର ରାୟଗଡ଼ ଜିଲ୍ଲାକୁ ଏବଂ ଦକ୍ଷିଣ ପଟେ ଭିକମପାଲି ବସ୍ତି, ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ସହ କପିଳାପୁର, ପୁଝାରିପାଲି, ଛୁଇପାଲି ଗାଁ ରହିଛି। ଉଭୟ ଅଞ୍ଚଳରୁ ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଯାତାୟାତ କରୁଛନ୍ତି। ମାତ୍ର ରାଜପଥକୁ ଉଠିବା ପରେ ସାମାନ୍ୟ ଅସାବଧାନ ହେଲେ ସିଧାସଳଖ ଦ୍ରୁତଗାମୀ ବାହନ ସହିତ ଧକ୍କା ହୋଇ ଦୁର୍ଘଟନା ଘଟିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ବ୍ୟତୀତ ରାସ୍ତା ପାରି ହେବା ସମୟରେ ଏହି ସ୍ଥାନରେ ଅନେକ ଥର ଛୋଟବଡ ଘଟଣା ହେଉଥିବା ଦେଖାଦେଉଛି। ତଥାପି ଏପର୍ଯ୍ୟନ୍ତ ପ୍ରଶାସନ କିମ୍ବା ରାଜପଥ ବିଭାଗ ପକ୍ଷରୁ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଉ ନଥିବା ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଉଛି। ତେଣୁ ଏହି ଛକରେ କୌଣସି ବଡ ଧରଣର ଦୁର୍ଘଟଣା ଘଟିବା ପୂର୍ବରୁ ଯଥାଶୀଘ୍ର ଟ୍ରାଫିକ ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।



# ସ୍କୁଲ ନିକଟରେ ବିପଦ ସଂକୁଳ ଲୁହାଖୁଣ୍ଟ

**ଝାରସୁଗୁଡ଼ା, ୨୭।୧୧ (ସମିସ):** ଝାରସୁଗୁଡ଼ା ବ୍ରଜରାଜନଗର ଏମ୍‌ସିଏଲ୍ ଇବ ଭ୍ୟାଲି ଜିଏମ କମ୍ପ୍ଲେକ୍ସ ଡିଏଭି ସ୍କୁଲ ନିକଟରେ ଥିବା ସୁରକ୍ଷା ପୋଷ୍ଟ ବୁମ ବ୍ୟାରିଅରର ଲୁହା ଭାଙ୍ଗି ଖୁଣ୍ଟରେ ଲାଗି ରହିଛି। ଏହି ତୀକ୍ଷ୍ଣ ଲୁହା ଖଣ୍ଡଟି ରାସ୍ତାଦେଇ ଗମନାଗମନ କରୁଥିବା ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରିଛି। ପ୍ରତିଦିନ ଅଭିଭାବକ ଏହିରାସ୍ତାରେ ପିଲାଙ୍କୁ ସ୍କୁଲ ନବାଆଣିବା କରିଥାନ୍ତି। ଛାତ୍ରଛାତ୍ରୀ ସ୍କୁଲ ମୁଖ୍ୟ ଗେଟରୁ ଚାଲିକି ଯିବା ଆସିବା କରିଥାନ୍ତି। ସକାଳେ ଓ ସ୍କୁଲ ଛୁଟି ସମୟରେ ରାସ୍ତାରେ ଭିଡ଼ ଲାଗି ରହିଥାଏ। କଲୋନୀବାସୀ ଓ କୋଇଲା ଖଣି କର୍ମଚାରୀ ମଧ୍ୟ ଏହିରାସ୍ତା ଦେଇ ଯାତାୟତ କରିଥାନ୍ତି। ସାମାନ୍ୟ ଅସାବଧାନ ହେଲେ ତୀକ୍ଷ୍ଣ ଲୁହା ଖଣ୍ଡ ଯୋଗୁଁ ଧନ ଜୀବନ ହାନି ହେବାର ଆଶଙ୍କା ରହିଛି। ଦୈନିକ କୋଇଲା ଖଣି କର୍ତ୍ତୃପକ୍ଷ ଓ କଲୋନୀ ବାସିନ୍ଦା ମଧ୍ୟ ଏହି ବାଟ ଦେଇ ଯାଉଥିଲେ ସୁଦ୍ଧା ଲୁହା ଖଣ୍ଡ କାହାର ଦୃଷ୍ଟିଗୋଚର ନହେବା ଆଶ୍ଚର୍ଯ୍ୟର ବିଷୟ ହୋଇଛି। ଅଘଟଣ ଘଟିବା ପୂର୍ବରୁ ଲୁହା ଖଣ୍ଡକୁ ହଟାଇବା ପାଇଁ ଅଭିଭାବକ ଓ ଜନସାଧାରଣ ଏମ୍‌ସିଏଲ୍‌ର ବରିଷ୍ଠ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ତୁରନ୍ତ ଏହାକୁ ହଟା ନଗଲେ ବଡ଼ ଦୁର୍ଘଟଣା ଘଟିବାର ପ୍ରବଳ ସମ୍ଭାବନା ରହିଛି।



# ପଡ଼ାଗାଁରେ ସାର୍ବଜନୀନ ଲକ୍ଷ୍ମୀପୂଜା



ବିଜେପୁର, ୨୭।୧୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅଧୀନ ପଡ଼ା ଗାଁରେ ପଞ୍ଚଦିବସୀୟ ସାର୍ବଜନୀନ ପ୍ରସିଦ୍ଧ ଲକ୍ଷ୍ମୀପୂଜା ମହୋତ୍ସବ ଏବଂ ଲୋକନାଟକ ଲକ୍ଷ୍ମୀ ଲୀଳା ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ଏହି ମହୋତ୍ସବ ୩୦ ବର୍ଷରେ ପଦାର୍ପଣ କରିଛି। ପଡ଼ା ଗାଁର ପଶ୍ଚିମରେ ଥିବା ନଦୀରେ ସାଗର ମନ୍ଥନ କରାଯିବା ଦୃଶ୍ୟକୁ ଆଖପାଖରୁ ହଜାର ସଂଖ୍ୟାରେ ଲୋକେ ଉପଭୋଗ କରିଥିଲେ। ଲକ୍ଷ୍ମୀଙ୍କ ଆବିର୍ଭାବ ପରେ ଭକ୍ତବୃନ୍ଦ ନଦୀରୁ ପୂର୍ଣ୍ଣକୁମ୍ଭ ଏବଂ ଲକ୍ଷ୍ମୀଦେବୀଙ୍କୁ ବରଣ କରି ଶୋଭାଯାତ୍ରାରେ ଗାଁ ପରିକ୍ରମା ପରେ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଗୁରୁବାର ଲକ୍ଷ୍ମୀଙ୍କ ମଣ୍ଡପ ପ୍ରବେଶ ସହିତ ରୀତିନୀତିରେ ପୂଜାର୍ଚ୍ଚନା ହୋଇଯାଇଛି। ପ୍ରଦୀପ ମେହେର ଓ ସୋନାଲି ମେହେର ସପତ୍ନୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଟଙ୍କଧର ସାବତଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଛି। ବିଜେପି ଜିଲ୍ଲା ସଭାପତି ଅରୂପା ସାହୁ, ବିଧାୟକ ପ୍ରତିନିଧି ମହେଶ ଦେବତା, ଜିଲ୍ଲା ପରିଷଦ ସୁଶାନ୍ତ ଗଡ଼ତିଆ, ଯୋଗେନ୍ଦ୍ର ପଧାନ, ଶରତ ବିଶି, ବୀର ସୁରେନ୍ଦ୍ର ସାହୁ, ଶୋଭା ମେହେର, ସେବତୀ ମେହେର ପ୍ରମୁଖ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୂଜା କମିଟି ସଭାପତି ଉମେଶ ମେହେର, ଉପସଭାପତି ଗୋପବନ୍ଧୁ ମେହେର, ସମ୍ପାଦକ ବିଶିକେଶନ ମେହେର, ସହସମ୍ପାଦକ ଆନନ୍ଦ ବାରିକ, କୋଷାଧ୍ୟକ୍ଷ ଶାନ୍ତନୁ ମିଶ୍ର, ସହକୋଷାଧ୍ୟକ୍ଷ ଅନନ୍ତ ପଧାନ, ଲୋକନାଟକର ନାଟ୍ୟକାର ମୋହନ ସିଂ କହ୍ନେଇ, ନିର୍ଦ୍ଦେଶକ ଶୁରେଶ ଚନ୍ଦ୍ର ଭୋଇଙ୍କ ସମେତ କଳାକାରମାନେ ଏବଂ ଆୟୋଜକ କମିଟି ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଗାଇସୀମାରେ 'ବାଲ୍ୟ ବିବାହକୁ ନା' କାର୍ଯ୍ୟକ୍ରମ

ବରଗଡ଼, ୨୭।୧୧(ସମିସ): ଗାଇସୀମା ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ବାଲ୍ୟ ବିବାହ ରୋକିବା ଏବଂ ଶିଶୁ ଶ୍ରମିକ ରଖିବା ବନ୍ଦ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରେ ଶିଶୁ ସୁରକ୍ଷା ପାଇଁ ବିଭିନ୍ନ ଆଲୋଚନା କରାଯାଇଥିଲା। ସରପଞ୍ଚ ଧିରନ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ସୁପରଭାଇଜର ଦମୟନ୍ତୀ କୁଅଁର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମିଲୁ ଭୋଇ, ଏଡିଇଓ ହିମାଂଶୁ ସିଂଗଲାଳ, ନକୁଳ ଭୋଇ, ୱାର୍ଡ ସଭ୍ୟ ସଭ୍ୟା, ଅଙ୍ଗନବାଡି କର୍ମୀ, ଏମବିକେ, ସିଆରପି, ବ୍ୟାଙ୍କମିତ୍ର, ଆଶାକର୍ମୀଙ୍କ ସମେତ ଅନେକ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ।

# ଜମଲା ଡିଗ୍ରୀ କଲେଜରେ ନାରୀ ସଶକ୍ତିକରଣ

ବରଗଡ଼, ୨୭।୧୧(ସମିସ): ଜମଲା ଡିଗ୍ରୀ କଲେଜରେ ଗୁରୁବାର ଜାତୀୟ ସେବା ଯୋଜନା ଦ୍ୱାରା ନାରୀ ସଶକ୍ତିକରଣ କାର୍ଯ୍ୟକ୍ରମ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ.ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଲେଜର ସଭାପତି କଲାକହ୍ନେଇ ପଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ଆଶିଷ ଭୋଇ ସଂଯୋଜନା କରିଥିବା ବେଳେ, ଅଧ୍ୟାପିକା କୁମୁଦିନୀ ସାହୁ, ସୁରେଖା ଭୁଏ ପ୍ରମୁଖ ନାରୀ ସଶକ୍ତିକରଣ ଓ ନାରୀ ସ୍ୱାଧୀନତା ବିଷୟରେ ଆଲୋଚନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଅଧ୍ୟାପକ ଅଭିଳାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ମଙ୍ଗଲୁ ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ

ଥୁଆପାଲି, ୨୭।୧୧(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ରେମଣ୍ଡା ଗାଁର ସ୍ୱାଧୀନତା ସଂଗ୍ରାମୀ କର୍ମବୀର ତଥା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ମଙ୍ଗଲୁ ପ୍ରଧାନଙ୍କ ୫୫ତମ ଶ୍ରାଦ୍ଧବାର୍ଷିକୀ ଗୁରୁବାର ରେମଣ୍ଡା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ରେମଣ୍ଡା ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଏନସିସି ଛାତ୍ରଛାତ୍ରୀ 'କର୍ମବୀର ମଙ୍ଗଲୁ ପ୍ରଧାନ ଅମର ରହେ' ନାରା ସହ ରେମଣ୍ଡା ଗାଁ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମ ଦେବପ୍ରସନ୍ନ ଦାଶଙ୍କ ପରିଚାଳନା ଏବଂ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନନ୍ତ ଦାଶଙ୍କ ସଭାପତିତ୍ୱରେ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରେମଣ୍ଡା ପଞ୍ଚାୟତର ସରପଞ୍ଚ ଉଦ୍ଧବ ବାରିକ, ମୁଖ୍ୟ ବକ୍ତା ଭାବେ ଡ.ପ୍ରଶାନ୍ତ ପଣ୍ଡା, ସମ୍ମାନିତ ବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପାଳ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ଏସଏମସି ଚେୟାରମ୍ୟାନ ରାସେଶ୍ୱରୀ ଭୋଇ, ପଞ୍ଚସଖା ଶିକ୍ଷା ସେତୁ ଉପସଭାପତି ଗଙ୍ଗାଧର ମେହେର ଓ ବିଦ୍ୟାଳୟର ସମସ୍ତ କମିଟିର ସଭ୍ୟ, ଅଭିଭାବକ ମାନେ ଯୋଗ ଦେଇଥିଲେ। ସଭାରେ ଛାତ୍ର ପିୟୁଷ ଭୋଇ ଓ ପ୍ରଶାନ୍ତ କର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଚବିଳ ପ୍ରଧାନ ଏହାକୁ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଅନୁପମା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

**ଦ୍ୱନ୍ଦ୍ୱରେ ଚାଷୀ**

# ଧାନକିଣା ପ୍ରକ୍ରିୟାରେ ସରକାରଙ୍କ ସ୍ୱଷ୍ଟୀକରଣ ଦାବି

ବରଗଡ଼, ୨୭।୧୧(ସମିସ)



ଓଡ଼ିଶାରେ ବିକେନ୍ଦ୍ରିତ ଧାନ ସଂଗ୍ରହ ନୀତି ୨୦୦୩ ମସିହାରୁ କାର୍ଯ୍ୟକାରୀ ହେଉଛି। ଏହି ନିୟମ ବଳରେ ଚାଷୀଙ୍କ କଷ୍ଟ ଉପାର୍ଜିତ ସମସ୍ତ ଧାନ ସଂଗ୍ରହ କରିବା ପାଇଁ ମଣ୍ଡି, କ୍ରୟ ସଂସ୍ଥା ଆଦିର ବ୍ୟବସ୍ଥା କରିବା ସହ ଏଥିରେ ସ୍ୱଚ୍ଛତା ରଖିବାକୁ ସରକାରୀ ସ୍ତରରେ ଅନେକ ଯୋଜନା ରହିଛି। କିନ୍ତୁ କେବଳ ଧର୍ମକୁ ଆଖିଠାର ନୀତିରେ ଯୋଜନା କାର୍ଯ୍ୟକାରୀ କରାଯାଉଛି। ପ୍ରଥମେ ତ୍ରୁଟିପୂର୍ଣ୍ଣ ପଞ୍ଜୀକରଣ ନୀତି କାରଣରୁ ନକଲି ଚାଷୀଙ୍କୁ ଅଲଗା କରିବା ପରିବର୍ତ୍ତେ ପ୍ରକୃତ ଚାଷୀ ପଞ୍ଜୀକରଣରୁ ବାଦ ପଡ଼ିଲେ। ଦ୍ୱିତୀୟରେ ନଭେମ୍ବର ୧ରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଖରିଫ ଧାନ ସଂଗ୍ରହ କରିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଧାନ କିଣା ଜାଣିଶୁଣି ବିଳମ୍ବ କରାଯାଉଛି। ରାସାୟନିକ ସାର ଏବଂ ଉନ୍ନତ ମାନର ବିହନ ଏବଂ ଆଧୁନିକ ଜ୍ଞାନ କୌଶଳ ଦ୍ୱାରା ଅଧିକ ଅମଳ ହେଉଥିବା ଧାନ ବ୍ୟତୀତ ବଳକା ଧାନ କିଣା ଯିବାର ବ୍ୟବସ୍ଥା କରାଯାଉ ନାହିଁ। ରାଜ୍ୟର ଭାତହାଣ୍ଡି ବରଗଡ଼ ଜିଲ୍ଲାରେ ୨୮ ନଭେମ୍ବରରୁ ଧାନ କିଣା ଯିବା ପାଇଁ ଡିଏଲ୍‌ପିସି ବୈଠକରେ ନିଷ୍ପତ୍ତି ହୋଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଟୋକନ ଆସିନାହିଁ। ଅନ୍ୟପଟେ ଚାଷୀ ବିଭିନ୍ନ ମଣ୍ଡିରେ ହଜାର ହଜାର କ୍ୱିଣ୍ଟାଲ ଧାନ ପକାଇ ସାରିଲେଣି। ଏଯାଏଁ ୨୮ ତାରିଖରୁ ଧାନ କିଣା ହେବ କି ନାହିଁ କୌଣସି ସରକାରୀ ସ୍ୱଷ୍ଟୀକରଣ ଚାଷୀଙ୍କୁ ମିଳିଲା ନାହିଁ। ଜିଲ୍ଲାର ଚାଷୀ ନିଜର ଆବଶ୍ୟକ ମେଣ୍ଟାଇବା ପାଇଁ ବାଧ ହୋଇ ଦଲାଲ ମାନଙ୍କୁ ଧାନ କ୍ୱିଣ୍ଟାଲ ପ୍ରତି ୧୫ରୁ୧୬ ଶହ ଟଙ୍କାରେ ଧାନ ବିକ୍ରି କରୁଛନ୍ତି। ବରଗଡ଼ ଜିଲ୍ଲା ହୀରାକୁଦ ଜଳସେଚିତ ଅଞ୍ଚଳ ହୋଇଥିବାରୁ ଏଠାରେ ଆଗୁଆ ଧାନ ଚାଷ ହୋଇ ଅମଳ ହୋଇଯାଏ। ତେଣୁ ବିକ୍ରି ମଧ୍ୟ ଆଗୁଆ ହୋଇଥାଏ। ଏପରି ସ୍ଥିତିରେ ବଞ୍ଚିତ ସମସ୍ତ ଚାଷୀଙ୍କର ପଞ୍ଜୀକରଣ କରି ତୁରନ୍ତ ଧାନ କିଣା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ଚାଷୀ ଦାବି କରିଛନ୍ତି। ନଚେତ୍ ବଡ଼ଧରଣର ଆନ୍ଦୋଳନ କରିବାକୁ ଚେତାବନୀ ଦେଇ ଆଜି ସଂଯୁକ୍ତ କୃଷକ ସଂଗଠନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ଉପଜିଲ୍ଲାପାଳଙ୍କ ଅଫିସରରେ ଧାନ ପକାଇବାକୁ ନିଷ୍ପତ୍ତି

ପଦ୍ମପୁର: ପଦ୍ମପୁର ଆର୍‌ଏମ୍‌ସି ଠାରେ ରାଜବୋଡ଼ାସମ୍ବର କୃଷକ ସଂଗଠନର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଇନ ପରାମର୍ଶଦାତା ଅଜିତ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ଖରିଫ ଧାନ କିଣା ନେଇ ସରକାରଙ୍କ ତରଫରୁ ଭିନ୍ନ ଭିନ୍ନ ତାରିଖ ଘୋଷଣା ନେଇ ଚାଷୀକୁଳ ସନ୍ଦେହରେ ପଡ଼ିଛନ୍ତି। ପ୍ରଥମେ ମନ୍ତ୍ରୀ ଘୋଷଣା କଲେ ଯେ ନଭେମ୍ବର ୨୦ରୁ ଓଡ଼ିଶାରେ ଖରିଫ ଧାନ କିଣାଯିବ। ଖରିଫ ଧାନ କିଣା ପୂର୍ବରୁ ରାଜ୍ୟସ୍ତରରେ ଏସ୍‌ଏଲ୍‌ପିସି ମିଟିଂ ବସିବା କଥା; ମାତ୍ର ଦୁର୍ଭାଗ୍ୟର କଥା ଆଜିଯାଏ ଧାନ ସଂଗ୍ରହ ମିଟିଂ ବସିଲା ନାହିଁ। ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ ମିଟିଂ ବରଗଡ଼ ଜିଲ୍ଲାରେ ଚାଷୀଙ୍କୁ ଗିରଫ କରି ଅନୁଷ୍ଠିତ ହେଲା। ମିଟିଂରେ ନିଷ୍ପତ୍ତି ହେଲା ନଭେମ୍ବର ୨୮ ତାରିଖରେ ମଣ୍ଡି ଖୋଲିବ। କିନ୍ତୁ କିଛିଦିନ ପରେ ଅନ୍ୟଜଣେ ମନ୍ତ୍ରୀ ବୟାନ ଦେଲେ ଡିସେମ୍ବର ୨୫ରୁ ଧାନ କିଣା ହେବ। କାହାରି ସହିତ କାହାରି ଘୋଷଣାର ତାଳମେଳ ରହୁନାହିଁ। ବରଗଡ଼ ଜିଲ୍ଲାକୁ ଓଡ଼ିଶାର ଭାତହାଣ୍ଡି କୁହାଯାଏ। ହେଲେ ଏଠାରେ ପରିସ୍ଥିତି ଆହୁରି ଦୟନୀୟ। ୨୮ ତାରିଖରୁ ମଣ୍ଡି ଖୋଲିବା ନିଷ୍ପତ୍ତି ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ କାହାରି ଟୋକନ ଜାରି ହୋଇନାହିଁ। ବହୁତ ଚାଷୀଙ୍କୁ ପଞ୍ଜୀକରଣ ସମୟରେ ଧାନବିକ୍ରିର ସମ୍ଭାବ୍ୟ ତାରିଖ ନଭେମ୍ବର ପ୍ରଥମ/ଦ୍ୱିତୀୟ ପକ୍ଷ ବୋଲି କୁହାଯାଇଥିଲା। ମାତ୍ର ବର୍ତ୍ତମାନ ସୁଦ୍ଧା ପାଖାପାଖି ୨୧, ୦୦୦ ଚାଷୀଙ୍କ କୋଡ ଜାରି ହୋଇନାହିଁ। ବରଗଡ଼ ଜିଲ୍ଲାରେ ଏହିବର୍ଷ ୨ଲକ୍ଷ ଅଧିକ ଚାଷୀ ପଞ୍ଜୀକୃତ ହୋଇଛନ୍ତି ବୋଲି ତଥ୍ୟ କହୁଛି। ହେଲେ ସେହି ତୁଳନାରେ ଜିଲ୍ଲାରେ କେତେ ଧାନ କିଣା ହେବ ତାର ସବିଶେଷ ତଥ୍ୟ କାହାରି ପାଖରେ ନାହିଁ। ଏକର ପିଛା ଚାଷୀଙ୍କ ପାଖରୁ କେତେ ଧାନ କିଣା ହେବ ଡିଏଲ୍‌ପିସି ମିଟିଂରେ ନିର୍ଦ୍ଧାରିତ ହୋଇନାହିଁ। ସମସ୍ତ ବଳକା ଧାନ ସରକାର କିଣିବେ କି ନା ତାହା ମଧ୍ୟ ଜଣାପଡୁନାହିଁ। କୃଷକ ସଂଗଠନ ତରଫରୁ ଧାନର ବର୍ଦ୍ଧିତ ସହାୟକ ମୂଲ୍ୟ ୬୯ ଟଙ୍କାକୁ ମିଶାଇ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ଦେବାକୁ ଦାବି କରାଯାଇଥିଲା। ଏହାପରେ ସରକାରଙ୍କ ତରଫରୁ କ୍ୱିଣ୍ଟାଲ ପିଛା ୩୧୬୯ ଦିଆଯିବାକୁ ଘୋଷଣା ମଧ୍ୟ ହେଲା। ମାତ୍ର ସେନେଇ କୌଣସି କ୍ୟାବିନେଟ ନିଷ୍ପତ୍ତି ହୋଇନାହିଁ। ଏଣୁ ବର୍ତ୍ତମାନ ୩୧୦୦ କି ୩୧୬୯ ମିଳିବ ବୋଲି ଚାଷୀ ମହଲ ଚିନ୍ତାପ୍ରକଟ କରିଛି। ପଦ୍ମପୁର ଅଞ୍ଚଳରେ ପ୍ରାୟ ସମସ୍ତ ଧାନ ଅମଳ ହୋଇସାରିଛି। ତାକୁ ଚାଷୀ ବାଧ ହୋଇ ଶୀତ କାକରରେ ଖୋଲା ଆକାଶ ତଳେ ପକାଇଛନ୍ତି। ମଣ୍ଡି ଖୋଲି ନଥିବାରୁ ଅମଳ ଖର୍ଚ୍ଚ ପଇଠ କରିବାକୁ ଚାଷୀ ଅନୋନ୍ୟପାୟ ହୋଇ ଚାଷୀ ୧୫୦୦/୧୬୦୦ ଟଙ୍କାରେ ଦଲାଲ ମାନଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି। ଚଳିତ ବର୍ଷ ଅଖା ସୂତୁଲି ଟଙ୍କା ଚାଷୀଙ୍କୁ ମିଳିବ କି ନାହିଁ ତାହା ମଧ୍ୟ ଘୋଷଣା ହେଲାନାହିଁ। ବିଭିନ୍ନ ଅଞ୍ଚଳରେ ଟୋକନ ନ ଆସିବା ତଥା ମଣ୍ଡି ଖୋଲିବା ବିଳମ୍ବ ହେତୁ ଚାଷୀଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଉଛି। ଏଣୁ ରାଜବୋଡ଼ାସମ୍ବର କୃଷକ ସଂଗଠନ ତରଫରୁ ଆସନ୍ତା କାଲି ଚାଷୀ ମାନେ ପଦ୍ମପୁର ମାର୍କେଟ ୟାର୍ଡ ସହ ବିଭିନ୍ନ ମଣ୍ଡିରେ ଧାନ ପକାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୮ ତାରିଖ ସୁଦ୍ଧା ଯଦି ଚାଷୀଙ୍କ ଟୋକନ ଜାରି କରି ଧାନ କିଣା ଆରମ୍ଭ ନ ହୁଏ ତା ହେଲେ ସୋମବାର ଚାଷୀ ପଦ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅମଳ ଧାନ ପକାଇବେ ବୋଲି ଆଇନ ପରାମର୍ଶଦାତା ଅଜିତ ଶତପଥୀ ଜଣାଇଛନ୍ତି।

# କ୍ୟାରିୟର ଗାଇଡାନ୍ସ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ

● ୭୨ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ



ବରଗଡ଼, ୨୭।୧୧(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ପୁରୁଷୋତ୍ତମ ସରକାରୀ ହାଇସ୍କୁଲ ରୁଚିଦାରେ ବୃତ୍ତିଗତ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଇଓ ମିଶ୍ରାଣୀ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ତଥା ପ୍ରଧାନଶିକ୍ଷକ ଅଜୟ ମେହେରଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ବୈଠକରେ ମୁଖ୍ୟ ଅତିଥି ଭାବେ ଏବିଇଓ ଲାଲ ମୋହନ ସିଂ, ଟ୍ରାଇବାଲ୍ କୋର୍ଡିନେଟର୍ ମିଥୁନ ପ୍ରଧାନ ଯୋଗ ଦେଇଥିଲେ। ଶିବିରରେ ପ୍ରଶିକ୍ଷକ ଭାବେ ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ଜନତା ହାଇସ୍କୁଲ ଗୋଡଭଗାର ଶିକ୍ଷୟିତ୍ରୀ କଲ୍ୟାଣୀ ସାମନ୍ତ ଏବଂ ଅତାବିରା ହାଇସ୍କୁଲର ଶିକ୍ଷକ ଆଶୁତୋଷ ବିଶ୍ୱାଳ ଯୋଗ ଦେଇଥିଲେ। ବୃତ୍ତିଗତ ଚୟନ ପାଇଁ ଶିକ୍ଷାର୍ଥୀମାନଙ୍କର ଆତ୍ମସଚେତନତା ବୃଦ୍ଧି ସହ ସାମର୍ଥ୍ୟ, ଆଗ୍ରହ ଓ ବ୍ୟକ୍ତିତ୍ୱର ବିକାଶ କିପରି କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥଲା। ଅମ୍ବାଭୋନା ଏବଂ ଭଟଲି ବ୍ଲକର ବିଭିନ୍ନ ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଆଲୋଚନାରେ ଅଂଶଗ୍ରହଣ କରଥିଲେ। ପ୍ରଧାନଶିକ୍ଷକ ଅଜୟ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ବୈଠକରେ ପ୍ରଶିକ୍ଷକ ସଞ୍ଜୟ ଖମାରୀ, ଆଶୁତୋଷ ବିଶ୍ୱାଳ, କଲ୍ୟାଣୀ ସାମନ୍ତ ମଞ୍ଚାସୀନ ଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ସୁବୋଧ ଭୋଇ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ପ୍ରଶିକ୍ଷକ ସଞ୍ଜୟ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିଚିଣ୍ଡା ବିରାଟ ଧନୁଯାତ୍ରା ମହୋତ୍ସବର ୩ୟ ସନ୍ଧ୍ୟାରେ ଶ୍ରୀକୃଷ୍ଣଙ୍କ ଜନ୍ମ



ଭେଡେନ, ୨୭।୧୧(ସମିସ): ଭେଡେନ ବ୍ଲକ ଚିଚିଣ୍ଡା ଗାଁରେ ଚାଲିଥିବା ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବର ଗୁରୁବାର ତୃତୀୟ ସନ୍ଧ୍ୟାରେ ମହାରାଜ କଂସଙ୍କ ନଗର ପରିଭ୍ରମଣ, ରାଜ ଦରବାର, ମଥୁରା କାରାଗାରରେ ବନ୍ଦୀ ଦେବକୀ ବସୁଦେବଙ୍କ ଅଷ୍ଟମ ଗର୍ଭ ସନ୍ତାନ ଭାବେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଛନ୍ତି। ଦୈବୀ ପ୍ରଭାବେ ସମସ୍ତ ପ୍ରହରୀ ନିଦ୍ରାଗତ ହେବା ପରେ କାରାଗାର ଦ୍ୱାର ଖୋଲିଥିଲା। ନବଜାତ କୃଷ୍ଣଙ୍କୁ ନେଇ ବସୁଦେବ ଗୋପପୁର ଅଭିମୁଖେ ଗମନ କରିଥିଲେ। ବାଟରେ କଟୁଆଳ କାମ କରୁଥିବା ଉଗ୍ରସେନ ସହ ତାଙ୍କର ଭେଟ ହୋଇଥିଲା। ହେଲେ କୃଷ୍ଣଙ୍କ ବିଶ୍ୱରୂପ ଦର୍ଶନ କରି ବାଟ ଉଗ୍ରସେନ ବାଟ ଛାଡିଥିଲେ। ଭରା ଯମୁନା ନଦୀକୁ ପାରିହୋଇ ଗୋପପୁରରୁ ବିଜୁଳୀକନ୍ୟାଙ୍କୁ ଘେନି ବସୁଦେବ ଫେରିଆସିଲେ। ଦାସୀ ମୁଦୁସୁଳି ଠାରୁ ଖବର ପାଇଁ କଂସ ଛୁଟି କାରାଗରକୁ ଆସିଥିଲା। ଦେବକୀ ବସୁଦେବଙ୍କ ଅନୁନୟ ବିନୟକୁ ବେଖାତିର କରି ଦର୍ପଣ ଶିଳାରେ ବିଜୁଳିକନ୍ୟାଙ୍କୁ କଚାଡିଥିଲା। କିନ୍ତୁ ଆକାଶ ମାର୍ଗକୁ ଚାଲିଯାଇ 'ତୋତେ ମାରିବ ଯିଏ, ଗୋପରେ ବଢୁଛି ସିଏ' ବୋଲି ବିଜୁଳି କନ୍ୟା ଶୂନ୍ୟବାଣୀ କଲେ। ଏହାପରେ ଗୋପରେ ବାଳ ଗୋପାଳଙ୍କୁ ନିଧନ ପାଇଁ ରାକ୍ଷସୀ ପୁତନାକୁ କଂସ ଆବାହନ କରିବା ଆଦି ଦୃଶ୍ୟ ଆଜି ଅଭିନୀତ ହୋଇଥିଲା। ଆଜିର କାର୍ଯ୍ୟକ୍ରମରେ ରାଜ ଦରବାରରେ ଅତିଥି ଭାବେ ଭେଡେନ ବିଡିଓ କର୍ଣ୍ଣ ସୁନା ଯୋଗ ଦେଇଥିଲେ।

# ବରଗଡ଼ର ୭ କଳାକାରଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର



ବରଗଡ଼, ୨୭।୧୧(ସମିସ): ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କଳା ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବର୍ଗର କଳାକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ବରଗଡ଼ ଜିଲ୍ଲାରୁ ୭ ଜଣ ବିଶିଷ୍ଟ କଳାକାର ପୁରସ୍କାର ପ୍ରଦାନ କରାଯାଇଛି। ମର୍ଯ୍ୟାଦାଜନକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନରେ ପଦ୍ମଶ୍ରୀ ଭାଗବତ ପ୍ରଧାନ, ଲୋକନାଟ୍ୟରେ ପୂର୍ବତନ କଂସ ମହାରାଜ ତଥା ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଉପସଭାପତି ଭୁବନେଶ୍ୱର ପ୍ରଧାନ, ଲୋକବାଦ୍ୟରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକ, ଲୋକନୃତ୍ୟରେ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ଗାନ୍ଧୀ ବାରିକ, ଲୋକଗୀତରେ ବିଶିଷ୍ଟ କଣ୍ଠଶିଳ୍ପୀ ରୀନା ଦାଶ, ଯୁବ ପ୍ରତିଭା ସମ୍ମାନରେ ସୁନିଲ ବିଭାର ଓ ରମେଶ ଗୁର୍ଲା ପ୍ରମୁଖଙ୍କୁ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ମାନପତ୍ର, ଉପଢୌକନ ଓ ଆର୍ଥିକ ସହାୟତା ରାଶି ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି। ତେବେ ବରଗଡ଼ ଜିଲ୍ଲାରୁ ପ୍ରଥମ ଥର ପାଇଁ ଏତେ ସଂଖ୍ୟାରେ କଳାକାରଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ଏନେଇ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯିବା ସହ ପୁରସ୍କୃତ ହୋଇଥିବା କଳାକାରଙ୍କୁ ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ

## ● ବିକାଶ ଡିଗ୍ରୀ କଲେଜ

ବରଗଡ଼, ୨୭।୧୧(ସମିସ): ବିକାଶ ଡିଗ୍ରୀ କଲେଜ ଆନୁକୂଲ୍ୟରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଆଞ୍ଚଳିକ କିଷାନ କଲେଜ ଭେଡେନର ରାଜନୀତି ବିଜ୍ଞାନର ଅଧ୍ୟାପକ ଭୀଷ୍ମଦେବ ପ୍ରଧାନ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ସୁରଜ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ପକ କୃଷ୍ଣଚନ୍ଦ୍ର ସୁନା ନିଜର ମନ୍ତବ୍ୟ ପରିପ୍ରକାଶ କରିଥିଲେ। ଛାତ୍ରୀ ଆୟିଷା ମାର୍ଲ୍ସ, ତୃଷ୍ଣାମୟୀ ଯାମୁଡାଲିଆ ଓ ଅସ୍ୱର୍ୟାଲକ୍ଷ୍ମୀ ପୂଜାରି ପ୍ରମୁଖ ନିଜର ବକ୍ତବ୍ୟ ପ୍ରଦ ପ୍ରଦାନ କରିଥିଲେ। ପ୍ରଜ୍ଞା ପରିମିତା ବିଶି ଓ ଆଶୁତୋଷ ମିଶ୍ର ଯଥାକ୍ରମେ ସଭାକୁ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ● ଅଞ୍ଚଳ ମହାବିଦ୍ୟାଳୟ



ପଦ୍ମପୁର: ଅଞ୍ଚଳ ମହାବିଦ୍ୟାଳୟର ସମ୍ମିଳନୀ ପ୍ରକୋଷ୍ଠରେ ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରର ଶୀର୍ଷକ 'ଭାରତ ସମ୍ବିଧାନ: ଏକ ସାଧାରଣ ସମୀକ୍ଷା' ବିଷୟରେ ସୀମା, ମୁକେଶ, ସୁଜଳ, ଜାମିନି, ଧନଞ୍ଜୟ, ଦିବ୍ୟରାନୀ, ମୋନାଲିସା, ଜଗନ୍ନାଥ ଏବଂ ଛବିନ୍ଦ୍ର ଆଦି ଛାତ୍ରଛାତ୍ରୀ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ବିଭାଗ ମୁଖ୍ୟ ପ୍ରଫେସର ସରୋଜ ପଧାନ ମୁଖ୍ୟ ବକ୍ତା ଭାବେ ଭାରତ ସମ୍ବିଧାନ ବିଷୟରେ ଆଲୋଚନା କରିଥିଲେ। ଭାରପ୍ରାପ୍ତ ବିଭାଗୀୟ ମୁଖ୍ୟ ପ୍ରଶାନ୍ତ ସିଦାର, ଅଧ୍ୟାପକ ଭୁବନେଶ୍ୱର ବରିହା ଏବଂ ବିପିନ ପାଇକ ନିଜ ବକ୍ତବ୍ୟ ରଖିଥିଲେ। ଶେଷରେ ମୁକେଶ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ।

## ● ଖୁଜେନ ପ୍ରାଥମିକ ବିଦ୍ୟାଳୟ

ପଦ୍ମପୁର: ପଦ୍ମପୁର ବ୍ଲକ ଅଧୀନ ଖୁଜେନ ପ୍ରାଥମିକ ବିଦ୍ୟାଳୟରେ ସମ୍ବିଧାନ ଦିବସ ପ୍ରଧାନଶିକ୍ଷକ ମାଧବ ବରିହାଙ୍କ ଅଧ୍ୟକ୍ଷତା ପାଳିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସାବିତ୍ରୀ ଧରୁଆ ସମ୍ବିଧାନ ଦିବସର ପାଳନ ଓ ଆମ କର୍ତ୍ତବ୍ୟ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ଶେଷରେ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ସମ୍ବିଧାନର ସୁରକ୍ଷା ଓ ସମ୍ମାନ ପାଇଁ ଶପଥ ନେଇଥିଲେ।

## ● ଦଧିବାମନ ମହାବିଦ୍ୟାଳୟ

ଭଟଲି: ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ଦାଶଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟାପକ ଅଜିତ ବାରିକ ସଭା ପରିଚାଳନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ସମୂହ ପାଠ କରିଥିଲେ। ଅଧ୍ୟକ୍ଷ ସରୋଜ ଦାଶଙ୍କ ଦ୍ୱାରା ରଚିତ ପୁସ୍ତକ 'ଆସ ଜାଣିବା ସମ୍ବିଧାନ' ଛାତ୍ରଛାତ୍ରୀଙ୍କୁ ବିତରଣ କରାଯାଇଥିଲା।

## ନିଆରା ଢଙ୍ଗରେ ସମ୍ବିଧାନ ଦିବସ ପାଳିଲେ ଦମ୍ପତି

ବରଗଡ଼: ବରଗଡ଼ ସ୍ୱୟଂସିଦ୍ଧା ମଣ୍ଡପରେ ଗତକାଲି ୭୬ ତମ ସମ୍ବିଧାନ ଦିବସରେ ସାମାଜିକ କର୍ମୀ ତଥା ଆଇନଜୀବୀ ଅବିନାଶ ବାଗଙ୍କ ବଡ଼ଭାଇ ବିକାଶ ବାଗଙ୍କ ସହ ନିୟତି ଦୀପଙ୍କ ବିବାହ ଆଶୀର୍ବାଦ ସମାରୋହକୁ ନିଆରା ଢଙ୍ଗରେ ପାଳିତ ହୋଇଛି। ସାମ୍ବିଧାନିକ ଅଧିକାର ସଚେତନତା ସୃଷ୍ଟି ନେଇ ସମସ୍ତ ଅତିଥି ମାନଙ୍କୁ ୪ ହଜାର ପ୍ୟାକେଟ୍ ସମ୍ବିଧାନ ନକଲ ପ୍ରଦାନ ଉଭୟ ଦମ୍ପତି ପ୍ରଦାନ କରିଥିଲେ। ନଭେମ୍ବର ୨୪ ତାରିଖରେ ଶିକ୍ଷୟିତ୍ରୀ ଧିମତୀ ସୂର୍ଯ୍ୟମୁଖୀ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ଧିମାନ ବିକ୍ରମ ବାଗଙ୍କର ବଡ ପୁଅ ବିକାଶ ବାଗଙ୍କ ସହିତ ମାଟିଆମହୁଲ ନିବାସୀ ଧିମତୀ ହେମକାନ୍ତି ଦୀପ୍ ଆଉ ଧିମାନ ମନୋଜ ଦୀପ୍‌ଙ୍କର ସାନ ଝିଅ ନିୟତିଙ୍କ ସହ ସର୍ଗିବାହାଲ ଠାରେ ବିବାହ ଉତ୍ସବ ହୋଇଥିଲା। ଉତ୍ସବରେ ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ସହ ବହୁ ସଂଖ୍ୟାରେ ଅତିଥି ମାନେ ନବ ଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ।

# କମ୍ପ୍ୟୁଟର ବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ସେମିନାର

ବରଗଡ଼, ୨୭।୧୧(ସମିସ): କମ୍ପ୍ୟୁଟର ବିଜ୍ଞାନ ବିଭାଗ ଦ୍ୱାରା ଏକ ସେମିନାର ଆୟୋଜିତ ହୋଇଯାଇଛି। ଏଥିରେ ଡିମଷ୍ଟିଫାଇଂ ମେସିନ୍ ଲର୍ଣ୍ଣିଂ: କମ୍ପ୍ୟୁଟର କିପରି ଲର୍ଣ୍ଣ କରେ, ସାମ୍ପ୍ରତିକ ବିକାଶ ଏବଂ ଉଦୀୟମାନ ଧାରା ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଦେଶ ସାରା ବିଶେଷଜ୍ଞ, ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀଙ୍କୁ ଜ୍ଞାନ ଆଦାନ ପ୍ରଦାନ ଏବଂ ସହଯୋଗୀ ଶିକ୍ଷଣ ପାଇଁ ଏକତ୍ରିତ କରିଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପଞ୍ଚାୟତ କଲେଜର ଅଧ୍ୟକ୍ଷ ଡ.ନକୁଲା ସେଠଙ୍କ ସ୍ୱାଗତ ଭାଷଣ ସହିତ ଆରମ୍ଭ ହୋଇଥିଲା। କମ୍ପ୍ୟୁଟର ବିଜ୍ଞାନ ବିଭାଗର ସଂଯୋଜକ ଡ.ଦିଲେଶ୍ୱର ସାହୁ ଏକ ସେମିନାର ସାରାଂଶ ଉପସ୍ଥାପନ କରିଥିଲେ। ଗଣେଶ୍ୱର ପଣ୍ଡା ବିଭାଗର ସାରାଂଶ ପ୍ରଦାନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଡ.ମଧୁମିତା ପଣ୍ଡା ଏବଂ ଏସୟୁଆଇଆଇଟି ସମ୍ବଲପୁରର ଡ.ଅଭିଷେକ ସେଠୀ ଏବଂ ଅନ୍ୟାନ୍ୟ ସମ୍ବଳ ବ୍ୟକ୍ତି ଡେରାଡୁନର ୟୁପିଇଏସରୁ ଡ.ସନ୍ତୋଷ ପଣ୍ଡା ଏବଂ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟର ଡ.ମନିଶ ଚନ୍ଦ୍ର ରାୟ ଅନଲାଇନ୍‌ରେ ଭାଷଣ ଦେଇଥିଲେ। ସେମିନାରରେ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା ସ୍ମାରକୀ ଉନ୍ମୋଚିତ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ଶ୍ରେଷ୍ଠ ୧୦ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଉମେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଷୟିକ ଅଧିବେଶନରେ ବର୍ତ୍ତମାନର ସମସ୍ୟା, ପ୍ରୟୋଗ ଏବଂ ମେସିନ୍ ଲର୍ଣ୍ଣିଂର ଭବିଷ୍ୟତ ସମ୍ଭାବନା ଉପରେ ଉପସ୍ଥାପନା କରାଯାଇଥିଲା। ଅଧିବେଶନ ଶେଷରେ ବିଦ୍ୟାସାଗର ଏକାଡେମୀ ଅଧ୍ୟକ୍ଷ ବିକାଶ ସେନ୍ ଏବଂ ସମ୍ମାନିତ ଅତିଥି ରାଜ ପ୍ରଧାନ ସମାବେଶକୁ ସମ୍ବୋଧିତ କରିଥିଲେ। ଗଣେଶ୍ୱର ପଣ୍ଡାଙ୍କ ଧନ୍ୟବାଦ ପ୍ରସ୍ତାବ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ଏବଂ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ସେମିନାରକୁ ସଞ୍ଜୁକ୍ତା ବେହେରା ସଂଯୋଜନା କରିଥିଲେ। ଅଧ୍ୟାପକ ସଦସ୍ୟ ଆକାଂକ୍ଷା ପଟ୍ଟଯୋଶୀ, ସୋନାଲିନ୍ ସ୍ୱାଇଁ ଏବଂ ରୋହିତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ।


ବିଧାନସଭା ଶୀତ ଅଧିବେଶନର ପ୍ରଥମ ଦିନରେ ଉପସ୍ଥିତ ରାଷ୍ଟ୍ରପତିଙ୍କ ଗହଣରେ ବାଚସ୍ପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ପୂର୍ବତନ ଓ ବର୍ତ୍ତମାନର ଜନ ପ୍ରତିନିଧିଗଣ

## ଏନ୍‌ଆଇଟିର ଗବେଷଣା

# କୋଲନ୍ କ୍ୟାନସର୍ ଭଲ କରିବ ପିପ୍ପଳି!

ରାଉରକେଲା, ୨୭।୧୧(ସମିସ): କୋଲନ୍ କ୍ୟାନସର୍ ଚିକିତ୍ସା କ୍ଷେତ୍ରରେ ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଗବେଷକମାନଙ୍କୁ ସଫଳତା ମିଳିଛି। ପିପ୍ପଳି ବା ଥିପ୍ପିଲି (ଇଂରାଜୀ ନାମ ଲଙ୍ଗ୍‌ପେପର୍)ରେ ମିଳୁଥିବା ଏକ ପ୍ରାକୃତିକ ଯୌଗିକରେ ଏହି ରୋଗ ନିଦାନର ଏକ ପ୍ରଭାବଶାଳୀ ତତ୍ତ୍ୱ ରହିଛି ବୋଲି କହିଛନ୍ତି। ଏହି ଗବେଷଣାର ନିଷ୍କର୍ଷଗୁଡ଼ିକ ପ୍ରତିଷ୍ଠିତ ପତ୍ରିକା 'ବାୟୋଫ୍ୟାକ୍ଟରସ୍'ରେ ପ୍ରକାଶିତ ହୋଇଛି। ଏହାକୁ ଏନ୍‌ଆଇଟି ରାଉରକେଲାର ଜୀବବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର୍ ବିଜେଶ କୁମାର ବିଶ୍ୱାଳ ଏବଂ ତାଙ୍କ ରିସର୍ଚ୍ଚ ସ୍କଲାର୍ ରାଜୀବ କୁମାର ସାହୁ, ସ୍ତୁତି ବିଶ୍ୱାଳ, ସମ୍ବିତ କୁମାର ପାତ୍ର ଏବଂ ଶିକ୍ଷା ସ୍ୱରୂପା ପଣ୍ଡାଙ୍କ ସହ ଆମେରିକାର ଇଉନିଭର୍ସିଟି ଅଫ୍ ନର୍ଥ କାରୋଲିନାର ଡକ୍ଟର ସୂର୍ଯ୍ୟକାନ୍ତ ତ୍ରିପାଠୀ ଏବଂ ସେଣ୍ଟ୍ରାଲ୍ ୟୁନିଭର୍ସିଟି ଅଫ୍ ସାଉଥ୍ ବିହାରର କୃଷ୍ଣେନ୍ଦୁ ବାରିକ ଓ ଡକ୍ଟର ଅନୀଲ କୁମାରଙ୍କ ସହଯୋଗରେ



ଲେଖାଯାଇଛି। ଏହି ପରିପ୍ରେକ୍ଷୀରେ ଏନ୍‌ଆଇଟି ରାଉରକେଲାର ନେତୃତ୍ୱାଧୀନ ବହୁ-ସାଂସ୍ଥାଗତ ଗବେଷଣା ଦଳ କେମୋଥେରାପିର ବିକଳ୍ପ ଭାବରେ ଏକ ପ୍ରାକୃତିକ ଯୌଗିକ, ପାଇପରଲଙ୍ଗୁମିନ୍‌ର କାର୍ଯ୍ୟକଳାପ ଦେଖାଇବା ପାଇଁ ଏକ ପରୀକ୍ଷଣ କରିଥିଲେ। ଗବେଷଣା ଦଳ ଏମ୍‌ଟିଟି ପରୀକ୍ଷା ମାଧ୍ୟମରେ ପାଇପରଲଙ୍ଗୁମିନ୍ ସହ ଚିକିତ୍ସା ପରେ କୋଲୋନ୍ କର୍କଟ ଆକ୍ରାନ୍ତ କୋଷଗୁଡ଼ିକର କାର୍ଯ୍ୟକ୍ଷମତା ଯାଞ୍ଚ କରିଥିଲା ଏବଂ ଗୁରୁତ୍ୱପୂର୍ଣ୍ଣ କର୍କଟ ଆକ୍ରାନ୍ତ କୋଷଗୁଡ଼ିକର ମୃତ୍ୟୁ ହୋଇଥିବା ରିପୋର୍ଟ କରିଥିଲା। ଏହି ଗବେଷଣା ବିଶ୍ୱବ୍ୟାପୀ କୋଲୋନ କର୍କଟ ରୋଗର ଚିକିତ୍ସା ଏବଂ ରୋଗୀ ଫଳାଫଳକୁ ଉନ୍ନତ କରିବା ପାଇଁ ଏକ ସ୍ଥାୟୀ ତଥା ସ୍ୱଳ୍ପ ମୂଲ୍ୟ ସମାଧାନ ପ୍ରସ୍ତୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ମତ ପ୍ରକାଶ ପାଇଛି।

## ■ ଆରମ୍ଭ ହେଲା ଶୀତ ଅଧିବେଶନ

# ଗୃହରେ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୭।୧୧(ସମିସ): ସପ୍ତଦଶ ବିଧାନସଭାର ପଞ୍ଚମ ତଥା ଶୀତ ଅଧିବେଶନ ଗୁରବାର ଆରମ୍ଭ ହୋଇଛି। ଗୃହକାର୍ଯ୍ୟ ପ୍ରାରମ୍ଭରେ ଦିବଂଗତ ସଦସ୍ୟମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତ ପୂର୍ବତନ ସଦସ୍ୟ ହେମେନ୍ଦ୍ର ପ୍ରସାଦ ମହାପାତ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ ଏବଂ ଓଡ଼ିଶା ପୁଲିସର ପୂର୍ବତନ କନେଷ୍ଟବଳ ସରୋଜ କୁମାର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରି ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ପରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖାଯାଇଥିଲା। ଏହାପରେ ରାଷ୍ଟ୍ରପତି ଗୃହକୁ ସମ୍ବୋଧନ କରିଥିଲେ।

# ରାଜଭବନରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,୨୭।୧୧(ସମିସ): ଦୁଇ ଦିନିଆ ଗସ୍ତରେ ଓଡ଼ିଶା ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାଜଭବନ ପରିସରରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ରାଜ୍ୟପାଳଙ୍କ ସହଧର୍ମିଣୀ ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀ ଏବଂ ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇଥିଲେ। ରାଜଭବନର ସବୁଜ ପରିବେଶ ମଧ୍ୟରେ ଅବସ୍ଥିତ କଳିଙ୍ଗ ଅତିଥି ନିବାସରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ସ୍ଥାପତ୍ୟର ପ୍ରତିଫଳନ ହୋଇଛି। କଳିଙ୍ଗ ଅତିଥି ନିବାସରେ ବାହ୍ୟ ଏବଂ ଭିତରପାର୍ଶ୍ୱ ଉଭୟ ଶାସ୍ତ୍ରୀୟ ଓଡ଼ିଆ କାରିଗରୀ ଆଧାରିତ ମୋଟିଫ୍, ଭାସ୍କର୍ଯ୍ୟ ଏବଂ ଡିଜାଇନ୍ ପ୍ରଦର୍ଶିତ କରାଯିବା ସହ ପ୍ରତ୍ୟେକ କୋଠରିକୁ ଓଡ଼ିଶାର ପରିଚୟ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବା ପାଇଁ ଚିନ୍ତନଶୀଳ ଭାବେ ଡିଜାଇନ୍ କରାଯାଇଛି। ପୂର୍ବରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।



# ଏସସିବିରେ ଓପନ୍ ହାର୍ଟ ସର୍ଜରୀ ମୃତ୍ୟୁହାର ହ୍ରାସ ପାଇଁ ପଦକ୍ଷେପ ନିଅ: ହାଇକୋର୍ଟ

କଟକ,୨୭।୧୧(ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର କାର୍ଡିଓ ଥୋରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ ହାର୍ଟ ସର୍ଜରୀ ସମ୍ପର୍କିତ ସମସ୍ୟାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏଠାରେ ଓପନହାର୍ଟ ସର୍ଜରୀ ମୃତ୍ୟୁହାର ଜାତୀୟ ହାରଠାରୁ ଯଥେଷ୍ଟ ଅଧିକ ରହିଥିବାରୁ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଏହାକୁ କିଭଳି ହ୍ରାସ କରାଯାଇପାରିବ, ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। କଟକ ସହର ସମସ୍ୟା ଶୁଣାଣି ବେଳେ ଜଷ୍ଟିସ୍ ସଂଗମ କୁମାର ସାହୁ ଓ ଜଷ୍ଟିସ୍ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଏ ସମ୍ପର୍କିତ ପଦକ୍ଷେପ ସଂକ୍ରାନ୍ତରେ ଜଣାଇବାକୁ କହିଛନ୍ତି ଖଣ୍ଡପୀଠ।

**ଜାତୀୟ ହାର ୭ପ୍ରତିଶତ ସ୍ଥଳେ ଏସସିବିରେ ୧୭ପ୍ରତିଶତ**

ମାମଲା ଶୁଣାଣି ବେଳେ ଏସ୍‌ସିବି ମେଡିକାଲ ଅଧୀକ୍ଷକଙ୍କ ପକ୍ଷରୁ ଦାଖଲ ରିପୋର୍ଟ ଉପସ୍ଥାପନ ହୋଇଥିଲା। ସେଥିରେ, ଗତ ଜାନୁଆରିରୁ ଅଗଷ୍ଟ ମାସ ମଧ୍ୟରେ ଏସ୍‌ସିବି ମେଡିକାଲ କଲେଜ ଓ ହସପିଟାଲର କାର୍ଡିଓ ଥୋରାସିସ୍ ଭସ୍କୁଲାର ସର୍ଜରୀ ବିଭାଗରେ ରୋଗୀମାନଙ୍କର ହୋଇଥିବା ଓପନ ହାର୍ଟ ସର୍ଜରୀ ମୃତ୍ୟୁହାର ୩୧ ପ୍ରତିଶତ ଥିଲା। ତେବେ ସେପ୍ଟେମ୍ବର-ଅକ୍ଟୋବରରେ ଏହା ୧୭ ପ୍ରତିଶତକୁ ହ୍ରାସ ପାଇଥିବା କୁହାଯାଇଥିଲା। ଏହି ସମୟରେ ମୋଟ ୨୯ ଜଣଙ୍କ ସର୍ଜରୀ ହୋଇଥିବା ବେଳେ ୫ ଜଣ ମୃତ୍ୟୁବରଣ କରିଥିବା କୁହାଯାଇଥିଲା।

ଜାତୀୟସ୍ତରରେ ଏଭଳି ଓପନ୍‌ହାର୍ଟ ସର୍ଜରୀ ମୃତ୍ୟୁ ହାର ମାତ୍ରା ୫ରୁ୭ ପ୍ରତିଶତ ଥିବା ବେଳେ ଏଠାରେ ୧୭ ପ୍ରତିଶତ ରହିବା ନେଇ ଅଦାଲତ ଉଦ୍‌ବେଗ ପ୍ରକାଶ କରିଥିଲେ। ତେବେ, ଏସ୍‌ସିବି ମେଡିକାଲରୁ ୭ଦିନିଆ ପ୍ରଶିକ୍ଷଣ ନିମନ୍ତେ ଦିଲ୍ଲୀ ଏମ୍ସକୁ ଡାକ୍ତର ଓ ପାରାମେଡିକାଲ କର୍ମଚାରୀ ଯିବେ ଓ ଏମ୍ସରୁ କେତେକ ବିଶେଷଜ୍ଞ ଏଠାକୁ ଆସି ମାର୍ଗଦର୍ଶନ କରିବେ ବୋଲି ସରକାରଙ୍କ ପକ୍ଷରୁ ଅବଗତ କରାଯାଇଥିଲା। ଏ ସମ୍ପର୍କରେ ଏମ୍ସ ନିର୍ଦ୍ଦେଶକଙ୍କୁ ମଧ୍ୟ ଚିଠି ହୋଇଥିବା କୁହାଯାଇଥିଲା। ସେହିଭଳି ବିଭାଗୀୟ ମୁଖ୍ୟଙ୍କ ତରଫରୁ ଓପନହାର୍ଟ ସର୍ଜରୀ ପାଇଁ ବିଶେଷଜ୍ଞ ହୃଦ୍‌ରୋଗ ନିଶ୍ଚେତକଙ୍କ ଆବଶ୍ୟକତା ରହିଥିବା ନେଇ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ପ୍ରସଙ୍ଗରେ ମଧ୍ୟ ପରବର୍ତ୍ତୀ ଶୁଣାଣି ସମୟରେ ତଥ୍ୟ ଉପସ୍ଥାପନ ପାଇଁ କହିଛନ୍ତି ହାଇକୋର୍ଟ।

ପ୍ରକାଶଥାଉକି, ଗତ ୨୦୨୩ରେ ଓପନ୍‌ହାର୍ଟ ସର୍ଜରୀ ହୋଇଥିବା ୧୬୫ଜଣଙ୍କ ମଧ୍ୟରୁ ୧୫ଜଣଙ୍କର ମୃତ୍ୟୁ ହୋଇଥିବା ଦର୍ଶାଯାଇଥିଲା। ସେହିଭଳି ୨୦୨୪ରେ ୧୩୫ଜଣଙ୍କ ମଧ୍ୟରୁ ୨୪ଜଣ ଓ ୨୦୨୫ ଜାନୁଆରିରୁ ଅଗଷ୍ଟ ମଧ୍ୟରେ ମାତ୍ର ୮୫ ଜଣଙ୍କ ମଧ୍ୟରୁ ୨୬ଜଣ ରୋଗୀଙ୍କ ଓପନ୍‌ହାର୍ଟ ସର୍ଜରୀ ପରେ ମୃତ୍ୟୁ ଘଟିଥିଲା ବୋଲି ପୂର୍ବ ସତ୍ୟପାଠରେ କୁହାଯାଇଥିଲା।

## ■ ଅଭିଯୋଗ ସମାଧାନରେ ଅବହେଳା

# ୩୬ ଅଧିକାରୀଙ୍କ ଦରମା ବନ୍ଦ ପାଇଁ ଚିଠି ଲେଖିଲେ ଜିଲ୍ଲାପାଳ

କଟକ, ୨୭।୧୧(ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିବା ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମାଧାନ ନକରିବା କଟକ ଜିଲ୍ଲାର ୩୬ଜଣ ଅଧିକାରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ଅଭିଯୋଗ ସମାଧାନରେ ଅବହେଳା ପାଇଁ କଟକ ଜିଲ୍ଲାର ୩୬ଜଣ ଅଧିକାରୀଙ୍କ ନଭେମ୍ବର ମାସର ଦରମା ବନ୍ଦ ପାଇଁ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲ୍ଲା ଟ୍ରେଜେରି ଅଫିସର, ସ୍ୱତନ୍ତ୍ର ଟ୍ରେଜେରି ଅଫିସର ଓ ଜିଲ୍ଲାର ସମସ୍ତ ସବ୍ ଟ୍ରେଜେରି ଅଫିସରଙ୍କୁ ଚିଠି ଲେଖିଛନ୍ତି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଖିଲାପି ଅଧିକାରୀଙ୍କ ଦରମା ସ୍ଥଗିତ ରହିବ ବୋଲି କୁହାଯାଇଛି। ଏହି ୩୬ଜଣ ଅଧିକାରୀଙ୍କ ମଧ୍ୟରେ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ), କଟକ ଉପ-ଜିଲ୍ଲାପାଳ, ଆଠଗଡ଼ ଉପ ଜିଲ୍ଲାପାଳ, କଟକ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ), ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ(ସିଡିଭିଓ), ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ଡିଏସ୍‌ଡବ୍ଲୁଓଙ୍କ ସମେତ ୧୧ ଜଣ ବିଡିଓ ଓ ୮ ଜଣ ତହସିଲଦାର ପ୍ରମୁଖ ରହିଛନ୍ତି। ଜନଶୁଣାଣି ପୋର୍ଟାଲ୍ ମାଧ୍ୟମରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ସମାଧାନ ସମୟସୀମା ମଧ୍ୟରେ କରାଯାଉ ନଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବାରମ୍ବାର ସମୀକ୍ଷା କରୁଛନ୍ତି। ଏହାସତ୍ତ୍ୱେ ସମାଧାନର ଅଗ୍ରଗତି କ୍ଷେତ୍ରରେ କଟକ ଜିଲ୍ଲାର ସ୍ଥାନ ଉତ୍ସାହଜନକ ନଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଘୋର୍ ଅସନ୍ତୋଷ ପ୍ରକାଶ କରିଛି। ଏହାକୁ ନେଇ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କ ଦରମା ବନ୍ଦ ପାଇଁ ଚିଠି ଲେଖିଛନ୍ତି। ତେବେ ପ୍ରଥମେ ୯୧ଜଣ ଅଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିବା ବେଳେ ପରେ ଏହାକୁ ସଂଶୋଧନ କରି ୩୬ଜଣଙ୍କ ତାଲିକା ପ୍ରକାଶ ପାଇଛି।

## ■ ଭିଏଲ୍‌ଟିଡି ନିର୍ମାତାଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

# କେନ୍ଦ୍ର ମୋଟରଯାନ ନିୟମାବଳୀ ଅନୁଯାୟୀ ବୈଧ ସଂସ୍ଥାକୁ ଯୋଗାଣ ଅନୁମତି

କଟକ,୨୭।୧୧(ସମିସ): କେନ୍ଦ୍ର ମୋଟରଯାନ ନିୟମାବଳୀ ଅନୁସାରେ ବୈଧ ଏଆଇଏସ-୧୪୦ ପ୍ରମାଣପତ୍ର ପାଇଥିବା ଭେଇକିଲ୍ ଲୋକେସନ ଟ୍ରାକିଂ ଡିଭାଇସ୍ (ଭିଏଲ୍‌ଟିଡି) ନିର୍ମାତାଙ୍କୁ ରାଜ୍ୟର ଯାନବାହନ ପାଇଁ ଡିଭାଇସ ଯୋଗାଣ ଓ ଫିଟମେଣ୍ଟ ପାଇଁ ଅନୁମତି ମିଳିପାରିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କେନ୍ଦ୍ର ମୋଟର ଯାନ ଆଇନ ଓ ଏସ୍‌ଓପି ଅନୁପାଳନ ପୂର୍ବକ ଯାନବାହନ ଟ୍ରାକିଂ ଯୋଜନା କାର୍ଯ୍ୟକାରୀ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଆଇ ଟ୍ରାଇଙ୍ଗଲ୍ ଇନ୍‌ଫୋଟେକ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଡ. ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି କେନ୍ଦ୍ର ମୋଟର ଯାନ ନିୟମ ଅନୁଯାୟୀ, ଓଡ଼ିଶା ପରିବହନ ବିଭାଗ ପକ୍ଷରୁ ଗତ ୨୦୨୩ ଏପ୍ରିଲ ୪ତାରିଖରେ ଏସ୍‌ଓପି ଜାରି ହୋଇ ନଥିବାରୁ ଏହା କାର୍ଯ୍ୟକାରୀ ହେବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଗତ ୨୦୨୧ଫେବୃଆରି୨୨ର କେନ୍ଦ୍ର ଏସଓପି ଅନୁଯାୟୀ ସାନି ମାନଦଣ୍ଡ ସୁନିଶ୍ଚିତ କରିପାରିବେ। ଯଦି କୌଣସି ନିର୍ମାତା କିମ୍ବା ଉପକରଣ ନିର୍ଦ୍ଧାରିତ ବୈଷୟିକ ମାନଦଣ୍ଡ ପୂରଣ କରିବାରେ ବିଫଳ ହୁଏ, ତେବେ ତାହାକୁ ରାଜ୍ୟ ପରିବହନ ବିଭାଗ ସ୍ଥଗିତ ରଖିପାରିବେ ବୋଲି ଅଦାଲତ କହିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଭିଏଲ୍‌ଟିଡି ନିର୍ମାତା ହୋଇଥିବା ବେଳେ କେନ୍ଦ୍ର ମୋଟରଯାନ ନିୟମାବଳୀ ଓ ଏସଓପି ଅନୁସାରେ ସମସ୍ତ ମାନଦଣ୍ଡ ପାଳନ କରି ଆସୁଛନ୍ତି। ରାଜ୍ୟ ପରିବହନ ବିଭାଗର ଗତ ୨୦୨୩ର ଅତିରିକ୍ତ ମାନଦଣ୍ଡ ଧାର୍ଯ୍ୟ ହେତୁ ସେ ଭିଏଲ୍‌ଟିଡି ଯୋଗାଣ ଓ ସ୍ଥାପନରୁ ବଞ୍ଚିତ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ଏସଓପି ଅନୁଯାୟୀ ଅତିରିକ୍ତ ଯୋଗ୍ୟତା ମାନଦଣ୍ଡ, ସ୍ଥାନୀୟ କାର୍ଯ୍ୟାଳୟ ଆବଶ୍ୟକତା, ଜିଲ୍ଲାସ୍ତରୀୟ ଫିଟମେଣ୍ଟ ସେଣ୍ଟର୍ କିମ୍ବା ଫି' ଲାଗୁ କରିବା ରାଜ୍ୟର କ୍ଷମତା ବାହାରେ ଏବଂ କେନ୍ଦ୍ରୀୟ ଏସ୍‌ଓପି ସହ ଅସଙ୍ଗତ ବୋଲି ଆବେଦନକାରୀ ଦର୍ଶାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉଚ୍ଚାରଣ, ଆଚରଣରେ...

ନୁହେଁ। ଏହା ଏକ ମହତ୍ତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରବାହ। ଭାଷା ଭିତ୍ତିରେ ଗଠିତ ପ୍ରଥମ ରାଜ୍ୟ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ପୁନର୍ଗଠନ ପାଇଁ ପ୍ରେରଣାର ଉତ୍ସ ହୋଇଥିଲା। ଦେଶୀୟ ରାଜ୍ୟ ଗୁଡ଼ିକର ମିଶ୍ରଣ ପ୍ରକ୍ରିୟା ଓଡ଼ିଶାରୁ ଆରମ୍ଭ ହୋଇଥିବା ବେଳେ ଏହାର ନେତୃତ୍ୱ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ନେଇଥିଲେ। ବରେଣ୍ୟ ଜନନେତା ବିଜୁ ପଟ୍ଟନାୟକଙ୍କ ସାହସ ଓ ସଂଗ୍ରାମ ଦେଶବାସୀଙ୍କ ସ୍ମୃତିରେ ସର୍ବଦା ଜୀବନ୍ତ ହୋଇ ରହିବ। ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କୁ ଜନ୍ମଦେଇ ଓଡ଼ିଶା ଧନ୍ୟ ହୋଇଛି। ଭାରତ ନିର୍ମାଣରେ ଓଡ଼ିଶାର ଅବଦାନ କାଳେକାଳେ ରହି ଆସିଛି। ଓଡ଼ିଶାରେ ନାରୀ ସଶକ୍ତିକରଣର ଏକ ପ୍ରାଚୀନ ପରମ୍ପରା ରହି ଆସିଛି। ରମାଦେବୀ, ସରଳା ଦେବୀ, କୁନ୍ତଳା କୁମାରୀ ସାବତ, ପାର୍ବତୀ ଗିରି ଏବଂ ଅନେକ ନେତ୍ରୀଙ୍କର ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ ରହିଥିଲା। ୧୫ ଜଣ ମହିୟସୀ ମହିଳା ଭାରତର ସମ୍ବିଧାନ ସଭାରେ ସଦସ୍ୟ ଥିବାବେଳେ ଏଥିରେ ଓଡ଼ିଶାର ମାଳତୀ ଦେବୀ ରହିଥିଲେ। ଓଡ଼ିଶା ବିଧାନସଭାରେ ମହିଳା ପ୍ରତିନିଧିତ୍ୱର ଦୀର୍ଘ ଇତିହାସ ରହିଛି। ସ୍ୱାଧୀନତା ପୂର୍ବବତି ଏବଂ ପରବର୍ତ୍ତୀ ଏପରି କୌଣସି ବିଧାନସଭା ଗଠନ ହୋଇନାହିଁ, ଯେଉଁଥିରେ ମହିଳା ନାହାନ୍ତି। ନନ୍ଦିନୀ ଶତପଥୀ ଭାରତର ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଜଣାଶୁଣା ବୋଲି ରାଷ୍ଟ୍ରପତି କହିଛନ୍ତି।

ସେ କହିଛନ୍ତି ଯେ ଓଡ଼ିଶାରେ ପ୍ରକୃତି ସବୁ ପ୍ରକାରର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି। ବିପୁଳ ଖଣିଜ ସମ୍ପଦ, ଜଙ୍ଗଲ ଓ ଜଳ ସମ୍ପଦରେ ରାଜ୍ୟ ପରିପୂର୍ଣ୍ଣ ସବୁ ବର୍ଗର ମାନ ସମ୍ବଳରେ ଓଡ଼ିଶା ସମୃଦ୍ଧ। ଓଡ଼ିଶାରେ ସୁଦୀର୍ଘ ବେଳାଭୂମି ଓ ଉର୍ବର ଚାଷଜମି ରହିଛି। କୃଷି, ଶିଳ୍ପ ଏବଂ ବାଣିଜ୍ୟର ବିକାଶ ପାଇଁ ଓଡ଼ିଶାର ପରିବେଶ ଖୁବ ଅନୁକୂଳ। ଏସବୁ ସମ୍ପଦର ସଦୁପଯୋଗ କରାଯାଇ ଓଡ଼ିଶାକୁ ଦେଶର ଅଗ୍ରଣୀ ପ୍ରଦେଶରେ ପରିଣତ କରାଯାଇପାରିବ। ୨୦୪୭ ମସିହା ବେଳକୁ ଭାରତ ବିକଶିତ ଦେଶରେ ପରିଣତ ହୋଇ ସାରିଥିବ ବୋଲି ଆମ ସଭିଙ୍କର ବିଶ୍ୱାସ। ୨୦୩୬ ମସିହାରେ ଓଡ଼ିଶା ଗଠନର ଶତବାର୍ଷିକ ପୂରଣ ହେବ। ଆପଣମାନେ ସମ୍ମିଳିତ ଭାବରେ ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ କରିପାରିଲେ ତାହା ବିକଶିତ ଭାରତ ଗଠନ ପାଇଁ ଓଡ଼ିଶାର ଶ୍ରେଷ୍ଠ ଅବଦାନ ହେବ। ସେ ଆହୁରି ମଧ୍ୟ କହିଥିଲେ ଯେ ଗଣତନ୍ତ୍ରର ଭିତ୍ତି ହେଉଛନ୍ତି ଜନ ସାଧାରଣ। ଗଣ ବିନା ଗଣତନ୍ତ୍ର କିମ୍ବା ଗଣରାଜ୍ୟ ନାହିଁ। ଭାରତୀୟ ସଂସ୍କୃତିରେ ଲୋକଶକ୍ତିକୁ ସର୍ବଦା ଗୁରୁତ୍ୱାରୋପ କରାଯାଇଛି। ଜନମତକୁ ସର୍ବଦା ସମ୍ମାନ ଦିଆଯାଇଛି। ଆପଣମାନେ ହେଉଛନ୍ତି ଜନଗଣର ପ୍ରତିନିଧି। ସେମାନଙ୍କର ସେବକ। କେତେ ଆଶା, ବିଶ୍ୱାସ, ଭରଷା ନେଇ ଆପଣଙ୍କ ହାତରେ ସେମାନେ କ୍ଷମତା ଅର୍ପଣ କରିଛନ୍ତି। ସେମାନଙ୍କର ଆଶା ପୂରଣ କରିବା, ସେମାନଙ୍କର ସ୍ୱପ୍ନକୁ ସାକାର କରିବା ଏବଂ ସେମାନଙ୍କ ମୁହଁରେ ହସ ଫୁଟାଇବା ଆପଣମାନଙ୍କର କର୍ତ୍ତବ୍ୟ। ଆପଣମାନେ ଏପରି କାର୍ଯ୍ୟ କରିବେ ଯାହା ସାଧାରଣ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ। ଦେଶର ଦରିଦ୍ରତମ ଲୋକଙ୍କ ପାଇଁ କାମ କରିବାକୁ ସେ ଏହି ଅବସରରେ ଆହ୍ୱାନ ଦେଇଛନ୍ତି।

### ରାଷ୍ଟ୍ରପତିଙ୍କ ସାମଗ୍ରିକ...

ତଥା ପ୍ରଥମ ନାଗରିକ ଭାବେ ସେବା କରିବା ପାଇଁ ଦ୍ରୌପଦୀ ମୁର୍ମୁଙ୍କୁ ଏବଂ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟର ସେବା କରିବା ପାଇଁ ସୁଯୋଗ ମିଳିବା କେବଳ ଆମ ଭାରତୀୟ ସମ୍ବିଧାନ ପାଇଁ ସମ୍ଭବ ହୋଇପାରିଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ କେବଳ ଏହି ପବିତ୍ର ଗୃହର ନୀତି ଆଦର୍ଶକୁ ମାର୍ଗଦର୍ଶନ କରିବ ନାହିଁ; ବରଂ ସାଢ଼େ ଚାରି କୋଟି ଓଡ଼ିଆ'ଙ୍କ ଅଦମ୍ୟ ଭାବନାକୁ ପ୍ରୋତ୍ସାହିତ କରିବ। ଶାନ୍ତି, ମୈତ୍ରୀ, ସମତା ଓ ସଦ୍‌ଭାବନା, ଏକତାର ମନ୍ତ୍ରରେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ।

### ରାଷ୍ଟ୍ରପତି ଏ ମାଟିର...

ସୁଦୃଢ଼ କରିବାରେ ବିଭିନ୍ନ ଭାଷା, ଜୀବନଶୈଳୀ, ରୀତିନୀତି, ସଂସ୍କୃତି ଏବଂ ଚିନ୍ତାଧାରାର ଉଲ୍ଲେଖନୀୟ ଯୋଗଦାନ ରହିଛି। ସ୍ୱାଧୀନତା ପରେ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ଏକ ବଡ଼ ରାଜନୈତିକ ଆହ୍ୱାନ ଥିଲା। ୧୯୪୭ ମସିହା ନଭେମ୍ବର ୧୪ ତାରିଖରେ ନୀଳଗିରି ଏବଂ ଅନ୍ୟରାଜ୍ୟଗୁଡ଼ିକ ଭାରତରେ ଯୋଗଦେବା ସହିତ ଭାରତର ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ପ୍ରଥମେ ଓଡ଼ିଶାରେ ଆରମ୍ଭ ହୋଇଥିଲା। ଏପରି କରି ଓଡ଼ିଶା ଅବଶିଷ୍ଟ ରାଜ୍ୟଗୁଡ଼ିକୁ ଏକତ୍ର କରି ଭାରତୀୟ ରାଷ୍ଟ୍ରକୁ ଏକଜୁଟ ଏବଂ ସୁଦୃଢ଼ କରିବା ପାଇଁ ନେତୃତ୍ୱ ନେଇଥିଲା।

ନବୀନ ଆହୁରି କହିଛନ୍ତି ଯେ ଭାଷା ଆଧାରରେ ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଗଠନ ହୋଇଥିଲା। ଓଡ଼ିଶା ପ୍ରଦେଶ ସୃଷ୍ଟି କରିବାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅବଦାନକୁ ଏଠାରେ ସ୍ମରଣ କରିବାର ଆବଶ୍ୟକତା ରହିଛି। ସାମ୍ବିଧାନିକ ପଦ୍ଧତି ଅବଲମ୍ବନ କରି ସେ ଅନ୍ୟ ଜାତୀୟସ୍ତରର ନେତାଙ୍କ ସହ ମିଶି ଏହି ଐତିହାସିକ ଲକ୍ଷ୍ୟ ହାସଲ କରିଥିଲେ। ଏହି ମହାନ ଦେଶର ରାଷ୍ଟ୍ରପତି ଭାବେ ଆପଣ ଭାରତ ସମ୍ବିଧାନର 'ସଂରକ୍ଷଣ, ସୁରକ୍ଷା ଏବଂ ପ୍ରତିରକ୍ଷା' କରନ୍ତି, ଯାହାର ୭୫ ତମ ବାର୍ଷିକୀ ନିକଟରେ ପାଳନ କରାଯାଇଛି। ଭାରତର ଆତ୍ମାକୁ ବଞ୍ଚାଇ ରଖିବାରେ ପ୍ରେରଣା ଏବଂ ମାର୍ଗଦର୍ଶନ ପାଇଁ ସମଗ୍ର ଦେଶ ରାଷ୍ଟ୍ରପତିଙ୍କ ଆଡ଼କୁ ଚାହିଁ ରହିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ଅନେକ କ୍ଷେତ୍ରରେ ଇତିହାସ ରଚିଛି। ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ଉତ୍ପାଦନ, ମହିଳା ସଶକ୍ତିକରଣ, ଦାରିଦ୍ର୍ୟ ଦୂରୀକରଣ, ଭିତ୍ତିଭୂମି ବିକାଶ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଏବଂ ଶିଳ୍ପ ଅଭିବୃଦ୍ଧିର ପରିବେଶ ସୃଷ୍ଟି କ୍ଷେତ୍ରରେ ଓଡ଼ିଶା ଏକ ପ୍ରେରଣାଦାୟୀ କାହାଣୀ ସୃଷ୍ଟି କରିଛି। ଏଭଳି ଅଭୂତପୂର୍ବ ଅଭିବୃଦ୍ଧିର ସମସ୍ତ ଶ୍ରେୟ ଓଡ଼ିଶାର ଜନସାଧାରଣଙ୍କ ଅତୁଟ ସମର୍ଥନ ଏବଂ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇପାରିଛି। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ନୀତି ସମଗ୍ର ଦେଶ ପାଇଁ ଏକ ଆଦର୍ଶ ପାଲଟିଛି। ବିପର୍ଯ୍ୟୟ ପରିଚାଳନାରେ ଉତ୍ତମ କାର୍ଯ୍ୟ ପାଇଁ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ସମୃଦ୍ଧ ପ୍ରାକୃତିକ ସମ୍ବଳ ଏବଂ କୁଶଳୀ ଶ୍ରମଶକ୍ତି ସହିତ ଓଡ଼ିଶାରେ ଅଭିବୃଦ୍ଧିର ବିପୁଳ ସମ୍ଭାବନା ରହିଛି। ଓଡ଼ିଶାକୁ ଗୌରବର ନୂତନ ଶିଖରରେ ପହଞ୍ଚାଇବା ପାଇଁ ଆମେ ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ନବୀନ କହିଛନ୍ତି।

### ୪ ସପ୍ତାହ ମଧ୍ୟରେ...

ଆଶା। ପାଣ୍ଠି ସଂଗ୍ରହର ଦାୟିତ୍ୱ କୋର୍ଟ ହାସ୍ୟ ଅଭିନେତାଙ୍କୁ ଦେଉଛନ୍ତି। ଏହା କୌଣସି ଦଣ୍ଡ ନୁହେଁ, ବରଂ ଏକ ସାମାଜିକ ଦାୟିତ୍ୱ।

ସମୟ ରୈନାଙ୍କ ଶୋ'ରେ ଅଶ୍ଳୀଳ ବିଷୟବସ୍ତୁକୁ ପ୍ରୋତ୍ସାହନ ଦିଆଯାଉଛି। ଗତ ଫେବୃଆରୀରେ ମୁକ୍ତିଲାଭ କରିଥିବା ଏହାର ଦୁଇଟି ଶୋ'କୁ ନେଇ ବିବାଦ ହୋଇଥିଲା। ମହିଳା ଏବଂ ଦିବ୍ୟାଙ୍ଗଙ୍କୁ ନେଇ ଏଭଳି ଅଭଦ୍ର ଟିପ୍ପଣୀ ଦିଆଯାଇଥିଲା ଯାହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ନେଇ ସମୟ ରୈନା, ରଣବୀର ଆହ୍ଲାବାଦିଆ ଓ ଅନ୍ୟମାନଙ୍କ ବିରୋଧରେ ଅନେକ ରାଜ୍ୟରେ ଏତଲା ରୁଜୁ କରାଯାଇଥିଲା। ଏହି ସବୁ ଏତଲା ରଦ୍ଦ କରିବାକୁ ରଣବୀର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ କୋର୍ଟ ଏହା ଉପରେ କୌଣସି ଆଶ୍ୱସ୍ତି ଦେଇ ନାହାନ୍ତି। କିନ୍ତୁ କେନ୍ଦ୍ର ସରକାରଙ୍କୁ କଠୋର ନିୟମ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଥିଲେ ଯେ ଅଶ୍ଳୀଳ ବିଷୟବସ୍ତୁକୁ ବନ୍ଦ କରିବା ପୂର୍ବରୁ ଏହା ଭାଇରାଲ ହୋଇ ଲକ୍ଷ ଲକ୍ଷ ଲୋକ ଦେଖି ସାରୁଛନ୍ତି। ତେଣୁ ଏହାର ସମାଧାନ କରିବା ପାଇଁ ସୁପ୍ରିମକୋର୍ଟ ବିଚାରବିମର୍ଶ କରିଛନ୍ତି।

ଶୁଣାଣି ସମୟରେ ସଲିସିଟର ଜେନେରାଲ (ଏସଜି) ତୁଷାର ମେହେଟା କହିଥିଲେ ଯେ ଏହି ମାମଲା କେବଳ ଅଶ୍ଳୀଳତା ନୁହେଁ, ବରଂ ଅପବ୍ୟବହାର ସମ୍ବନ୍ଧିତ ମଧ୍ୟ। ବ୍ୟବହାରକାରୀଙ୍କ ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁରେ ଏହି ସବୁ ସମସ୍ୟା ରହିଛି। ମତ ପ୍ରକାଶ ହେଉଛି ଏକ ଅମୂଲ୍ୟ ଅଧିକାର, କିନ୍ତୁ ଖରାପ କାମ ପାଇଁ ଏହାକୁ ବ୍ୟବହାର କରାଯାଇପାରିବ ନାହିଁ। ଉତ୍ତରରେ ସିଜେଆଇ କହିଥିଲେ ଯେ ଏହା ହିଁ ସମସ୍ୟା। ଯଦି ମୁଁ ନିଜର ଚ୍ୟାନେଲ ଖୋଲୁଛି ତେବେ ବି କାହା ପାଇଁ ଉତ୍ତରଦାୟୀ ନୁହେଁ। କେହି ତ ଜଣେ ଉତ୍ତରଦାୟୀ ହେବା ଦରକାର।

ଏହି ମାମଲାକୁ ଦେଶ ବିରୋଧୀ ଭାବେ ମଧ୍ୟ ଦେଖାଯାଉଛି। ଏହାକୁ ନେଇ ଜଷ୍ଟିସ ବାଗଚୀ କହିଥିଲେ ଯେ ବିଷୟବସ୍ତୁ ଦେଶବିରୋଧୀ ହୋଇଥିଲେ ଏହାକୁ ପ୍ରସ୍ତୁତ କରିଥିବା ବ୍ୟକ୍ତି ଦାୟୀ ହେବେ କି? ଅଶ୍ଳୀଳ ବିଷୟବସ୍ତୁକୁ କେମିତି ରୋକିବେ ବୋଲି ସେ ଏସ୍‌ଜିଙ୍କୁ ପଚାରି ଥିଲେ। ଏହା ଉପରେ ରୋକ୍ ଲଗାଇବା ପାଇଁ ସ୍ୱୟଂଶାସିତ ସଂଗଠନ ଗଠନ କରିବାକୁ ସିଜେଆଇ ପ୍ରସ୍ତାବ ଦେଇଥିଲେ। ଏହି ସମାଜରେ ଶିଶୁଙ୍କର ବି ମୌଳିକ ଅଧିକାର ରହିଛି ବୋଲି କହିଥିଲେ। ସଲିସିଟର ଜେନେରାଲଙ୍କୁ ସିଜେଆଇ ପଚାରି ଥିଲେ ଯେ ଯଦି ସବୁ କିଛି ପ୍ରସାରଣ କରିବାକୁ ଦିଆଯିବ ତେବେ ସରକାର କ'ଣ କରିବେ। ନିରୀହ ଲୋକେ ନିଜେ ନିଜକୁ ସୁରକ୍ଷା ଯୋଗାନ୍ତୁ ବୋଲି ଆପଣ ଚାହୁଁଛନ୍ତି କି? ସମସ୍ତଙ୍କୁ କୋର୍ଟ ଆସିବାକୁ ସୁଯୋଗ ମିଳିବ ନାହିଁ। ତେଣୁ ଏହାର ସମାଧାନ ଲାଗି କୋର୍ଟ ନୂଆ ବ୍ୟବସ୍ଥା ଆଣିବାକୁ କେନ୍ଦ୍ରକୁ କହିଥିଲେ। ଏଥିପାଇଁ ଚାରି ସପ୍ତାହ ସମୟ ଦେଇଛନ୍ତି।

### ରେକର୍ଡ ଭାଙ୍ଗିଲା...

ଦାରିଙ୍ଗବାଡି ୯.୫, ଅନୁଗୁଳ ୧୦, କେନ୍ଦୁଝର ୧୦.୩, ସୁନ୍ଦରଗଡ ୧୦.୬, ଭୁବନେଶ୍ୱର ୧୩.୫ ଏବଂ କଟକରେ ପାରଦ ୧୩.୪ ଡିଗ୍ରୀ ରେକର୍ଡ ହୋଇଛି।

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାସହିତ ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ତଳକୁ ଖସିବ। ଏଥିପାଇଁ ରାଜ୍ୟରେ ଜାରି ରହିଥିବା ଶୀତର ସ୍ଥିତି ଜାରି ରହିବ। ବର୍ତ୍ତମାନ ରାଜ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ଓ ଥଣ୍ଡା ବାୟୁର ପ୍ରବାହ ଅଧିକ ରହୁଛି। ଏହି ସ୍ଥିତି ଆହୁରି ପ୍ରାୟ ୨-୩ ଦିନ ପର୍ଯ୍ୟନ୍ତ ଲାଗି ରହିବାର ସମ୍ଭାବନା ଥିବା ବେଳେ ଏହି ସମୟରେ କିଛି ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହୁଛିଏ

ଅନ୍ୟପଟେ ବଙ୍ଗୋପସାଗରରେ ପୁଣି ଏକ ବାତ୍ୟା ସୃଷ୍ଟି ହୋଇଛି। ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଶ୍ରୀଲଙ୍କା ଉପକୂଳରେ ଏହି ବାତ୍ୟା ଆଜି ସୃଷ୍ଟି ହୋଇଛି। ବାତ୍ୟାର ନାମ 'ଡିଟୱା' ରହିଛି। ଏହି ବାତ୍ୟାଟି ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତିକରି ଉତ୍ତର ୩୦ ତାରିଖ ସୁଦ୍ଧା ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ମୁହାଁ ହେବ। ଓଡ଼ିଶା ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ପଡ଼ିବ ନାହିଁ। ବାତ୍ୟାଟି ଆନ୍ଧ୍ର ନିକଟବର୍ତ୍ତୀ ହେବା ପୂର୍ବରୁ ଦୁର୍ବଳ ହୋଇଯିବାର ଯଥେଷ୍ଟ ସମ୍ଭାବନା ରହିଛି। ମାତ୍ର ଯଦି ଏହା ଆନ୍ଧ୍ର ନିକଟବର୍ତ୍ତୀ ହୁଏ ତେବେ ୧ ତାରିଖ ବେଳକୁ ଦକ୍ଷିଣ ଓଡ଼ିଶାର କିଛି କାଁ ଭାଁ ଜିଲ୍ଲାରେ ବର୍ଷା ହେବାର ଆଶଙ୍କା କରାଯାଉଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୬୬୦: ଲଣ୍ଡନରେ ଦ ରୟାଲ ସୋସାଇଟିର ଗଠନ।
- ୧୮୧୪: ଦ ଟାଇମ୍ସ ଅଫ୍ ଲଣ୍ଡନକୁ ପ୍ରଥମଥର ସ୍ୱଚାଳିତ ପ୍ରିଣ୍ଟିଂ ମେସିନ୍‌ରେ ଛପାଗଲା।
- ୧୮୯୦: ସମାଜସେବୀ ଜ୍ୟୋତିବା ଫୁଲେଙ୍କ ପରଲୋକ।
- ୧୯୪୫: ସାହିତ୍ୟିକ ଅମର ଗୋସ୍ୱାମୀଙ୍କ ଜନ୍ମ।
- ୧୯୯୬: ଏୟାରବସ୍ ଏ-୩୦୦ ବିମାନକୁ କମାଣ୍ଡ କରିବା ପ୍ରଥମ ମହିଳା ହେଲେ କ୍ୟାପ୍ଟେନ୍ ଇନ୍ଦ୍ରାଣି ସିଂହ ।

# ମେସିନ୍ କାଟୁଛି କେଶ



ସାମାଜିକ ଗଣମାଧ୍ୟମରେ ଏବେ ଏକ ଭିଡିଓ ଖୁବ୍ ଭାଇରାଲ ହେଉଛି। ଏଥିରେ ଦେଖିବାକୁ ମିଳିଛି, ରାସ୍ତାକଡ଼ରେ ଏକ ମେସିନ୍ ଲୋକଙ୍କର ଖୁବ୍ କମ୍ ସମୟ ମଧ୍ୟରେ କେଶ କାଟି ଦେଉଛି। ଭିଡିଓରେ ଦେଖା ଯାଇଛି, ଜଣେ ଯୁବକ ମେସିନ୍‌କୁ ଟେପର୍ଡ ଫେଡ୍ ହେୟାରକଟ୍ କରିବାକୁ କହିଛନ୍ତି। ମେସିନ୍ ଉତ୍ତରରେ ଯୁବକଙ୍କୁ ମୁଣ୍ଡ ରଖିବାକୁ କହିଛି। ବହୁତ କମ୍ ସମୟ ମଧ୍ୟରେ ସମ୍ପୃକ୍ତ ଯୁବକ ଜଣକ ଯେତେବେଳେ ନିଜ ମୁଣ୍ଡକୁ ମେସିନ୍‌ରୁ ବାହାର କରିଛନ୍ତି, ତାଙ୍କୁ ସଂପୂର୍ଣ୍ଣ ଭାବେ ଏକ ନୂଆ ଲୁକ୍‌ରେ ଦେଖିବାକୁ ମିଳିଛି। ଭିଡିଓରେ ଦାବି କରାଯାଇଛି ଯେ, ଏହି ମେସିନ୍ ନରୱେ ରାଜଧାନୀ ଓସ୍‌ଲୋରେ ଲାଗିଛି। ଭିଡିଓରେ ତିନି ଜଣ ଯୁବକ ଜଣକ ପରେ ଜଣେ କେଶ କାଟିଥିବା ଦେଖାଯାଇଛି। ଅନ୍ୟପଟେ ଭିଡିଓର ଶୀର୍ଷକରେ ଲେଖାଯାଇଛି, 'ଆଉ ଅପେକ୍ଷା କରନ୍ତୁ ନାହିଁ। ଏବେ ରାସ୍ତାକଡ଼ରେ କେଶ କାଟିବା ସୁବିଧା ଅଟୋପାଇଲଟ୍ ପର୍ଯ୍ୟାୟରେ ଅଛି। ସେହିପରି ଲୋକଙ୍କୁ ହେୟାର ଷ୍ଟାଇଲିଷ୍ଟ ବିନା ରାସ୍ତାକଡ଼ରେ କେଶ କାଟିବା ସୁଯୋଗ ମିଳିପାରିବ।' ତେବେ ଏହି ଭିଡିଓ ଅସଲି ନୁହେଁ, ବରଂ ଏହାକୁ ଏଆଇ ଦ୍ୱାରା ପ୍ରସ୍ତୁତ କରାଯାଇଛି ବୋଲି କୁହାଯାଉଛି। ଇନ୍‌ଷ୍ଟାଗ୍ରାମ ପେଜ୍ ଆକ୍ସ ଡ୍ରପ୍ ଏକ୍ସ ଏଆଇ ଏହାକୁ ତିଆରି କରିଛି। ଏହା ଏଭଳି ଭବିଷ୍ୟବାଦୀ ଏବଂ କାଳ୍ପନିକ ଭିଡିଓ ପୋଷ୍ଟ କରିଥାଏ। ଏହି ଭିଡିଓ ମାଧ୍ୟମରେ ଲୋକଙ୍କ କଳ୍ପନାକୁ ବାସ୍ତବରେ ଦେଖାଇବାକୁ ପ୍ରୟାସ କରାଯାଇଛି। ସେହିପରି ଲୋକେ ବି ଚିନ୍ତା କରୁଛନ୍ତି କ'ଣ ସତରେ ଭବିଷ୍ୟତରେ ଏମିତି ମେସିନ୍ ଆସିବା ସମ୍ଭବ, ଯାହା ମଣିଷଙ୍କ ଭଳି କେଶ କାଟିବ। ଅନ୍ୟପଟେ ଭିଡିଓଟି ସତ ନ ହେଲେ ବି ଏହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ, କ'ଣ ଆଗାମୀ ଦିନରେ ମଣିଷର କାମ ମେସିନ୍ କରିବ? ଯଦି ଏଆଇର ପ୍ରଗତି ଏମିତି ଚାଲିବ, ତେବେ ଭବିଷ୍ୟତରେ ମେସିନ୍ ହେୟାର ଷ୍ଟାଇଲିଷ୍ଟଙ୍କ ସ୍ଥାନ ନେବ ଏଥିରେ ଦ୍ୱିମତ ନାହିଁ। ଅନ୍ୟପଟେ ଏହି ଭିଡିଓରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

# 'ବର୍ଡର ୨' ନୂଆ ରୂପରେ ଆସିବ 'ସନ୍ଦେଶେ ଆତେ ହେଁ'



ବଲିଉଡ୍ ଅଭିନେତା ସନ୍ନି ଦେଓଲ ତାଙ୍କ ଆଗାମୀ ଫିଲ୍ମ 'ବର୍ଡର ୨'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏବେ ଫିଲ୍ମର ପ୍ରଯୋଜକ ମୂଳ ଫିଲ୍ମର ଆଇକନିକ୍ ଗୀତ 'ସନ୍ଦେଶେ ଆତେ ହେଁ'କୁ ରିକ୍ରିଏଟ୍ କରିବା ପାଇଁ ଯୋଜନା କରିଛନ୍ତି। ପୂର୍ବରୁ ଏହି ଗୀତକୁ ସୋନୁ ନିଗମ୍ ଓ ଅରିଜିତ୍ ସିଂହ ଗାଇବେ ବୋଲି କୁହାଯାଉଥିଲା। ଏବେ ଏଥିରେ ଆଉ ଜଣେ ଜଣାଶୁଣା ଗାୟକଙ୍କ ଏଣ୍ଟ୍ରି ହୋଇଛି। ପଞ୍ଜାବୀ ଅଭିନେତା ତଥା ଗାୟକ ଦିଲଜିତ୍ ଦୋସାଞ୍ଜ ଏଥିରେ ଗୀତ ଗାଇବେ। ତେବେ ଫିଲ୍ମ ନିର୍ମାତା ଏପରି ଜଣେ ଗାୟକ ଚାହୁଁଥିଲେ ଯାହାଙ୍କଠାରେ ଆଧୁନିକ ଓ ପୁରୁଣା ଗୀତ ସୁଟ୍ କରୁଥିବ। ଏଥିପାଇଁ ଦିଲଜିତ୍‌ଙ୍କୁ ବଛାଯାଇଥିଲା। ଏହି ଗୀତକୁ ବେଶ୍ ବଡ଼ ଆକାରରେ ପ୍ରମୋଟ୍ ମଧ୍ୟ କରାଯିବ। 'ବର୍ଡର ୨'ରେ ସନ୍ନି ଦେଓଲଙ୍କ ସହ ବରୁଣ ଧୱନ, ଦିଲଜିତ୍ ଦୋସାଞ୍ଜ, ଅହାନ୍ ସେଟ୍ଟୀ, ସୋନମ୍ ବାଜୱା, ମେଘା ରାଣା ପ୍ରମୁଖ ନଜର ଆସିବେ। ଏହା ଆସନ୍ତା ଜାନୁୟାରୀ ୨୩ରେ ମୁକ୍ତିଲାଭ କରିବ।

# ଛିଙ୍କ ରୋକିବା ଉଚିତ

କିଛି ଲୋକ ସର୍ବସାଧାରଣ ସ୍ଥାନ ତଥା ଆଖପାଖରେ ଲୋକ ଥିଲେ ଛିଙ୍କ ରୋକିବାକୁ ଚେଷ୍ଟା କରିଥାନ୍ତି। ହେଲେ ଏଭଳି କରିବା ବିପଜ୍ଜନକ। କାରଣ ଛିଙ୍କ ଆସିବା ହେଉଛି ଶରୀରକୁ ଜୀବାଣୁ କିମ୍ବା ଧୂଳିକଣିକାରୁ ଶ୍ୱାସନଳୀକୁ ରକ୍ଷା କରିବାର ଏକ ଉପାୟ। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ହେଲେ ଛିଙ୍କକୁ ରୋକି ବ୍ରିଟେନ୍‌ର ଜଣେ ଯୁବକଙ୍କୁ ଅସହ୍ୟ ଯନ୍ତ୍ରଣା ଭୋଗିବାକୁ ପଡ଼ିଛି। ଏହି ଘଟଣା ଦୁଇ ବର୍ଷ ପୂର୍ବରୁ ଅର୍ଥାତ୍ ୨୦୨୩ ମସିହାରେ ଘଟିଥିଲା। ଜଣେ ୩୦ ବର୍ଷୀୟ ଯୁବକ କାର୍ ଚଳାଉ ଥିଲେ। ଏହି ସମୟରେ ଆଲର୍ଜି ଯୋଗୁଁ ତାଙ୍କୁ ଛିଙ୍କ ଆସିଥିଲା। ହେଲେ ଲଜ୍ଜା ଓ ଭୟ ଯୋଗୁଁ ନ ଛିଙ୍କି ତାକୁ ରୋକିବାକୁ ଚେଷ୍ଟା କଲେ। ଏପରିକି ନାକକୁ ବନ୍ଦ କରିବା ସହିତ ପାଟି ମଧ୍ୟ ଖୋଲିଲେ ନାହିଁ। ଏହାପରେ ସେ ଭାବିଲେ ଛିଙ୍କ ଅଟକିଗଲା। ହେଲେ ଗଳାରେ ତାଙ୍କର ଅଚାନକ ଯନ୍ତ୍ରଣା ହେଲା। ତାଙ୍କୁ ଲାଗୁଥିଲା ଯେମିତି ଗଳାରେ କିଛି ଫାଟିଗଲା। ଏହି ସମୟରେ ଶ୍ୱାସକ୍ରିୟାରେ ବି ତାଙ୍କୁ ସମସ୍ୟା ସାମ୍ନା କରିବାକୁ ପଡ଼ିଲା। ସେ ତୁରନ୍ତ ଡାକ୍ତରଙ୍କ ପାଖରେ ପହଞ୍ଚିବାରୁ ସେଠାରେ ସିଟି ସ୍କାନ କରାଯିବାରୁ ଯୁବକଙ୍କ ଶ୍ୱାସନଳୀରେ ଛେଦ ହୋଇଯାଇଥିବା ଜଣାପଡ଼ିଲା। ଛିଙ୍କ ଆସିବାରୁ ଯେଉଁ ପବନ ପାଟି ଓ ନାକରୁ ବାହାରକୁ ଆସିବାର ଥିଲା, ତାହା ତାଙ୍କ ଛାତି ଓ ଫୁସ୍‌ଫୁସ୍‌ରେ ଜମା ହୋଇଯାଇଥିଲା। ଛିଙ୍କ ରୋକିବାରୁ ଶ୍ୱାସନଳୀରେ ବାୟୁର ଚାପ ୨୦ ଗୁଣ ଅଧିକ ହେଲା। ଫଳରେ ତାଙ୍କ ଗଳାରେ ଛେଦ ହୋଇଯାଇଥିଲା। ସେହିପରି ଏହି ଛେଦ ଯଦି ବଡ଼ ହୋଇଥାନ୍ତା, ତେବେ ରକ୍ତସ୍ରାବ, ସଂକ୍ରମଣ ନଚେତ ଶ୍ୱାସକ୍ରିୟା ବନ୍ଦ ହୋଇ ଜୀବନ ଯାଇଥାନ୍ତା। ଏହି ଘଟଣା ପରେ ବ୍ୟକ୍ତିଙ୍କୁ ପେନକିଲର ଦିଆଯାଇ ଅବଜରଭେସନରେ ରଖାଯାଇଥିଲା। ସୌଭାଗ୍ୟରୁ ତାଙ୍କ ଶ୍ୱାସନଳୀର ଛେଦ ଆପେ ଆପେ ଭରିଗଲା। ଏହି ଘଟଣା ପରେ ଛିଙ୍କ ନ ରୋକିବାକୁ ଡାକ୍ତର ଲୋକଙ୍କୁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଛିଙ୍କକୁ ନେଇ ଏହା ଥିଲା ବିଶ୍ୱର ପ୍ରଥମ ଘଟଣା। ଯାହାକି ବିଏମ୍‌ଜେ କେସ୍ ରିପୋର୍ଟ ଜର୍ଣ୍ଣାଲରେ ପ୍ରକାଶିତ।



## ସଞ୍ଜୀବନୀ

# ଶୀତଦିନେ ହୃଦ୍‌ରୋଗୀଙ୍କ ପାଇଁ ସତର୍କତା



**ଶୀତଋତୁରେ ବାୟୁମଣ୍ଡଳର ତାପମାତ୍ରା କମିଯାଏ। ଏହି ପରିବର୍ତ୍ତନ ମନୁଷ୍ୟର ଶରୀର ଉପରେ ପ୍ରଭାବ ପକାଇଥାଏ। ତାପମାତ୍ରା ସର୍ବାଧିକ ହ୍ରାସ ପାଇଲେ, ଧମନୀ ସଙ୍କୁଚିତ ହୁଏ। ଏହାଦ୍ୱାରା ରକ୍ତଚାପସ୍ତର ବଢ଼ିଯାଇଥାଏ। ରକ୍ତଚାପ ବଢ଼ିଲେ ହୃଦୟ ଉପରେ ପ୍ରଭାବ ପଡ଼ିପାରେ। ତେଣୁ ଉଚ୍ଚରକ୍ତଚାପରେ ପୀଡ଼ିତ ଓ ହୃଦ୍‌ରୋଗୀ ଥଣ୍ଡା ସମୟରେ ସତର୍କ ରହିବା ଜରୁରି।**

ଶୀତଋତୁରେ ବୟସ୍କ ବ୍ୟକ୍ତି, ମଧୁମେହ, ଉଚ୍ଚରକ୍ତଚାପ, କୋଲେଷ୍ଟ୍ରଲରେ ପୀଡ଼ିତ, ହୃଦ୍‌ଜନିତ ସମସ୍ୟାରେ ପୀଡ଼ିତ ବ୍ୟକ୍ତି ଥଣ୍ଡା ପବନରେ ବୁଲିବା ଅନୁଚିତ। ଏହା ଦ୍ୱାରା ରକ୍ତ ଜମାଟ ବାନ୍ଧିଥାଏ। ରକ୍ତସଞ୍ଚାଳନରେ ବାଧାପ୍ରାପ୍ତ ହୋଇ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ବାହାରକୁ ଯାଉଥିଲେ, ଗରମ ପୋଷାକ, ମୋଜା, ଟୋପି, ହ୍ୟାଣ୍ଡ ଗ୍ଲୋବ୍‌ସ ଆଦି ପିନ୍ଧନ୍ତୁ। ଏହାଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହିପାରେ।

**କଠିନ ବ୍ୟାୟାମ ଅନୁଚିତ:** ନିୟମିତ ୨୦ରୁ ୩୦ ମିନିଟ୍ ଚାଲିବା, ବ୍ୟାୟାମ ଓ ଯୋଗ ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ହୁଏ। ମାଂସପେଶୀରେ ରକ୍ତସଞ୍ଚାଳନ ହୋଇଥାଏ। ଏହା ହୃଦୟ ପାଇଁ ଭଲ। ତେବେ ହୃଦ୍‌ରୋଗୀ ଥଣ୍ଡା ସମୟରେ ଅଧିକ କଠିନ ବ୍ୟାୟାମ କରିବା ଅନୁଚିତ।

**ଜୀବନଶୈଳୀରେ ପରିବର୍ତ୍ତନ :** ଶୀତଦିନେ ଶରୀରରେ ଜଳୀୟ ଅଂଶ କମ୍ ହୁଏ। ଦିନକୁ ୩ଲିଟର ପାଣି ପିଇ ହୃଦ୍‌ପିଣ୍ଡକୁ ସୁସ୍ଥ ରଖିପାରିବେ। ମାସ୍କ ଲଗାଇବା ଉଚିତ। ଧୂମପାନଠାରୁ ଦୂରେଇ ରୁହନ୍ତୁ। କମ୍ ଲୁଣଯୁକ୍ତ ସନ୍ତୁଳିତ ଖାଦ୍ୟ ଗ୍ରହଣ ସହ ଖାଦ୍ୟରେ ଓମେଗା-୩ଯୁକ୍ତ ଖାଦ୍ୟ, ଫାଇବର, ଭିଟାମିନ୍ ଡି ଆଦି ସାମିଲ କରିପାରିବେ। ମୁଣ୍ଡବିନ୍ଧା, ଛାତିରେ ଯନ୍ତ୍ରଣା ଆଦି ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ନିୟମିତ ଉଚ୍ଚରକ୍ତଚାପସ୍ତର, ରକ୍ତ ଶର୍କରା, କୋଲେଷ୍ଟ୍ରଲ ଆଦିକୁ ପରୀକ୍ଷା କରାଇ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ଜରୁରି।

## 'ସକାଳ'ର ସ୍ୱାସ୍ଥ୍ୟ

# ଚକ୍ଷୁ କର୍କଟ



**ଆଖି ମନୁଷ୍ୟ ଶରୀରର ସବୁଠୁ ସୂକ୍ଷ୍ମ ଅଙ୍ଗ। ହେଲେ ଜୀବନଶୈଳୀ, ବଂଶାନୁଗତ ଆଦି କାରଣରୁ ଚକ୍ଷୁଜନିତ କର୍କଟ ଦେଖାଯାଉଛି। ଆଖି ଭିତରେ କିମ୍ବା ଏହାର ଆଖପାଖରେ ଅସାମାନ୍ୟ ଭାବେ କୋଷ ବୃଦ୍ଧି ପାଇ ଏହା ଟ୍ୟୁମରର ରୂପ ନିଏ। ସଠିକ୍ ସମୟରେ ଟ୍ୟୁମରର ଚିହ୍ନଟ ହୋଇ ନ ପାରିଲେ ଏହା ଲିମ୍ଫ ନୋଡ୍‌ସ ଯାଏଁ ବ୍ୟାପିପାରେ। ତେବେ ଚକ୍ଷୁ କର୍କଟର କାରଣ, ଲକ୍ଷଣ ଓ ପ୍ରତିକାର ବିଷୟରେ ଜାଣିବା।**

ବୟସ୍କ, ସମ୍ବେଦନଶୀଳ ତ୍ୱଚା, ବଂଶାନୁଗତ, ଅତି ବାଇଗଣୀ ରଶ୍ମି ସମ୍ପର୍କରେ ଅଧିକ ଆସିବା ଯୋଗୁଁ ଏହି ଚକ୍ଷୁ କର୍କଟ ହୋଇଥାଏ। ଚକ୍ଷୁ କର୍କଟ ଇଣ୍ଟ୍ରାଅକୁଲାର ମେଲାନୋମା, କଞ୍ଜକ୍ଟିଭାଲ ମେଲାନୋମା, ଅରବିଟାଲ କ୍ୟାନସ୍‌ର, ରେଟିନୋବ୍ଲାଷ୍ଟମା (ପିଲାଙ୍କଠାରେ), ଇଣ୍ଟ୍ରାଅକୁଲାର ଲିମ୍ଫୋମା (ବୟସ୍କ ଏବଂ ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି ବ୍ୟକ୍ତିଙ୍କୁ ବିପଦ) ପ୍ରକାରର ରହିଛି। କର୍କଟ ଆଖିର ଡୋଳା, ପଲକ, ଚକ୍ଷୁର ଅନ୍ୟାନ୍ୟ ଅଂଶରେ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରୁ କିଛି ଲକ୍ଷଣ ଜଣାପଡ଼େ ନାହିଁ। ଚକ୍ଷୁ କର୍କଟକୁ ଆରମ୍ଭରୁ ଚିହ୍ନଟରେ ସମସ୍ୟା ହୁଏ। ଯାହାଫଳରେ ଏହା ଧୀରେ ଧୀରେ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପି ସମସ୍ୟା ସୃଷ୍ଟି କରେ।

**ଲକ୍ଷଣ:** ଆଖିକୁ ଝାପ୍‌ସା ଦିଶିବା, ଧୀରେ ଧୀରେ ଦୃଷ୍ଟିଶକ୍ତି ହ୍ରାସ ପାଇବା ଆଦି ଚକ୍ଷୁ କର୍କଟର ସଙ୍କେତ । ବିନା କାରଣରେ ଆଖି ଭିତରେ ପରିବର୍ତ୍ତନ, ଆଖି ବାହାରକୁ ବାହାରିବା ପରି ଦିଶିବା, କୁଣ୍ଡାଇ ହୋଇ ଜଳାପୋଡ଼ା ଏହି ରୋଗର ଲକ୍ଷଣ।

**ପ୍ରତିକାର:** ଏହି କର୍କଟ ଅଧିକ ବିପଜ୍ଜନକ। ଆଖିରେ ଅସ୍ୱାଭାବିକ ପରିବର୍ତ୍ତନ ଓ ଉପରୋକ୍ତ ଲକ୍ଷଣ ଦେଖିଲେ ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶରେ ଚକ୍ଷୁ ପରୀକ୍ଷା କରିବା ଆବଶ୍ୟକ। ଏହି କର୍କଟ ପାଇଁ ବିକିରଣ ଥେରାପି, ଲେଜର ଥେରାପି, ଇମ୍ୟୁନୋଥେରାପି, ଟାରଗେଟେଡ୍ ଥେରାପି, ଅସ୍ତ୍ରୋପଚାର ଆଦି ସୁବିଧା ରହିଛି। ସଠିକ୍ ସମୟରେ ରୋଗ ଚିହ୍ନଟ ଏବଂ ଚିକିତ୍ସା ଦ୍ୱାରା ଦୃଷ୍ଟିଶକ୍ତି ଏବଂ ଜୀବନ ଉଭୟ ବଞ୍ଚିପାରିବ।

# ଦିବ୍ୟାଙ୍ଗଙ୍କ ପାଇଁ ବରଦାନ ୱାଇଡି ୱାନ୍



ରୋଗାଗ୍ରସ୍ତ ବ୍ୟକ୍ତି, ବୟସ୍କ କିମ୍ବା ଆଘାତ ଲାଗି ଚାଲିବାକୁ ଅସମର୍ଥ ଲୋକ ହ୍ୱିଲ୍‌ଚେୟାର ବ୍ୟବହାର କରିଥାନ୍ତି। ଦିବ୍ୟାଙ୍ଗଙ୍କ ପାଇଁ ହ୍ୱିଲ୍‌ଚେୟାର ସାହାରା ସଦୃଶ ହୋଇଥାଏ। ଏହି କ୍ରମରେ ଏବେ ଆଇଆଇଟି ମାଡ୍ରାସ ସବୁଠୁ ହାଲୁକା ଓ ସକ୍ରିୟ ହ୍ୱିଲଚେୟାର ବିକଶିତ କରିଛନ୍ତି। ଏହାର ନାଁ ହେଉଛି 'ୱାଇଡି ୱାନ୍'। ଓଜନ ମାତ୍ର ୯ କିଲୋ। ଏହାକୁ ପରିଚାଳନା କରିବା ସହଜ। ଏହାକୁ କାର୍, ଅଟୋ, ସାଧାରଣ ଯାନବାହନରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସହଜରେ ନେଇ ହେବ। ବ୍ୟବହାରକାରୀଙ୍କ ଶରୀର, ଅଙ୍ଗଭଙ୍ଗୀ ଏବଂ ଗତିଶୀଳତାର ଆବଶ୍ୟକ ଅନୁଯାୟୀ ଏହାକୁ କଷ୍ଟମାଇଜ୍ କରାଯାଇଛି। ଏହା ୧୨୦ କେଜି ଭାର ଉଠାଇ ପାରିବ। ଏହା ମୋନୋ ଟ୍ୟୁବ୍ ରିଜିଡ ଡିଜାଇନ୍ ଫ୍ରେମ୍ ହ୍ୱିଲଚେୟାର। ଏୟରୋସ୍ପେସ-ଗ୍ରେଡ ସାମଗ୍ରୀରୁ ବନାଯାଇଛି। ଏହି ହ୍ୱିଲଚେୟାରଟି ସ୍ୱତନ୍ତ୍ରତା, ଆତ୍ମ-ସମ୍ମାନ ଏବଂ ସାମାଜିକ ଭାଗୀଦାରିର ପ୍ରତୀକ ହୋଇଥାଏ। ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ବି କମକୋଟି ଏହି ନୂତନ ଚେୟାରଟି ଦୁର୍ବଳ, ଅସୁସ୍ଥ, ଦିବ୍ୟାଙ୍ଗଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ମତ ରଖିଛନ୍ତି। ଏହି ହ୍ୱିଲ୍‌ଚେୟାରକୁ ତାଙ୍କର ଟିମ୍ ଏବଂ ଆଇଆଇଟି ମାଡ୍ରାସ- ଇନ୍‌କ୍ୟୁବେଟେଡ୍ ଷ୍ଟାର୍ଟଅପ୍ ଥ୍ରଭ୍ ମୋବିଲିଟି ସହଯୋଗରେ ପ୍ରସ୍ତୁତ କରାଯାଇଛି।

# ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ ଅଦା



**ଅଦା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍-ସି, ବି୬ ଆଦି ରହିଛି। ଅଦାରେ ଥିବା ଔଷଧୀୟ ଗୁଣ ଥଣ୍ଡା, କାଶ, ପେଟଜନିତ ସମସ୍ୟା ଦୂର କରେ। ଓଜନ ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ମୁଣ୍ଡବିନ୍ଧା ପାଇଁ ମଧ୍ୟ ଅଦା ହିତକର। ହେଲେ ଅଦାକୁ ସଠିକ୍ ମାତ୍ରାରେ ବ୍ୟବହାର କରା ନ ଗଲେ, ସ୍ୱାସ୍ଥ୍ୟ ପ୍ରଭାବିତ ହୋଇପାରେ।**

**ଅଦାକୁ ଅଧିକ ଫୁଟାନ୍ତୁନି:** ଅଦା ଖଣ୍ଡକୁ ଉଷୁମ ପାଣିରେ ଫୁଟାଇ ପିଇଲେ ଚର୍ବି ହ୍ରାସ ହୁଏ। ହେଲେ ଅଦାକୁ ଅଧିକ ସମୟ ଫୁଟାଇବା ଅନୁଚିତ। ଏହାଦ୍ୱାରା ଅଦାର ପୋଷକତତ୍ତ୍ୱ ହ୍ରାସ ପାଏ। ଏହା ପାଚନତନ୍ତ୍ର ଉପରେ କୁପ୍ରଭାବ ପକାଏ। ଛାତି ଜଳାପୋଡ଼ା, ପେଟ ଗ୍ୟାସ୍ ହେବା ସହ ପେଟ ଯନ୍ତ୍ରଣା ମଧ୍ୟ ହୋଇପାରେ।

**ସଠିକ୍ ମାତ୍ରା ବ୍ୟବହାର:** କାଶ, ଥଣ୍ଡା ଆଦି ପାଇଁ ଦିନକୁ ମାତ୍ର ୨ ଗ୍ରାମ୍ ଅଦା ସେବନ ଜରୁରି। ଅଧିକ ମାତ୍ରାର ଅଦା ଖାଇଲେ ରକ୍ତ ପତଳା ହୋଇପାରେ। ରକ୍ତଚାପ, ଗ୍ଲୁକୋଜ୍ କମିଯାଇ ପାରେ। ତେଣୁ ଚିକିତ୍ସକଙ୍କ ପରାମର୍ଶରେ ଅଦା ସେବନ କରିବା ନିହାତି ଜରୁରି। ଅଦାକୁ ଦୁଗ୍ଧ, ଦହି କିମ୍ବା ଦୁଗ୍ଧଜାତୀୟ ଉତ୍ପାଦ ସହିତ ମିଶାଇ ଖାଇବା ଅନୁଚିତ। ଅଦାକୁ ଖାଇବା ପରେ କିମ୍ବା ଖାଇବା ସହିତ ଅଳ୍ପ ଲୁଣ ମିଶାଇ ଚୋବାଇ ଖାଇଲେ ହଜମଶକ୍ତି ସକ୍ରିୟ ରୁହେ। ଅଦାର ପୋଷକତତ୍ତ୍ୱ ଶରୀରକୁ ଭଲ କାମ ଦିଏ।

### ସୁଲତାନ ଆଜଲାନ ଶାହ କପ୍ ହକି

# ଭାରତର ତୃତୀୟ ବିଜୟ

ଇପୋ,୨୭।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡକୁ ୩-୨ ଗୋଲରେ ପରାସ୍ତ କରି ଭାରତ ଏଠାରେ ଚାଲିଥିବା ସୁଲତାନ ଆଜଲାନ ଶାହ କପ୍ ହକି ପ୍ରତିଯୋଗିତାରେ ତୃତୀୟ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଭାରତ ୪ର୍ଥ ମ୍ୟାଚ୍‌ରୁ ତୃତୀୟ ବିଜୟ ସହ ୯ ପଏଣ୍ଟ ସଂଗ୍ରହ କରି ପ୍ରଥମ ବେଲଜିୟମ ପଛକୁ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। କାନାଡା ସହ ଦଳ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ଆସନ୍ତାକାଲିର ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଶେଷ ହେବା ପରେ କେଉଁ ଦୁଇ ଦଳ ଫାଇନାଲକୁ ଉନ୍ନୀତ ହେବେ ତାହା ଜଣାପଡ଼ିବ। କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ବିଜୟୀ ହେବା ପରେ ଫାଇନାଲ ଖେଳିବା ରାସ୍ତା ଏକପ୍ରକାର ପରିଷ୍କାର ହୋଇଯାଇଛି। ଭାରତ ପକ୍ଷରୁ ଅମିତ ରୋହିଦାସ, ଅଧିନାୟକ ସଞ୍ଜୟ ଓ ସେଲଭାମ କାର୍ତ୍ତି ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ନ୍ୟୁଜିଲାଣ୍ଡର ଜର୍ଜ ବାକର ୨ଟି ଯାକ ଗୋଲ ଶୁଝାଇଥିଲେ। ଆଜିର ଅନ୍ୟ ମ୍ୟାଚ୍‌ରେ କାନାଡା ୩-୨ ଗୋଲରେ ଦକ୍ଷିଣ କୋରିଆକୁ ଓ ବେଲଜିୟମ ୯-୧ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ବେଲଜିୟମ, ଭାରତ, ମାଲେସିଆ ଓ କାନାଡା ପ୍ରଥମ ୪ଟି ସ୍ଥାନରେ ରହିଛନ୍ତି।

# କେଆଇୟୁଜିରେ ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର, ୨୭।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା(କେଆଇୟୁଜି)ର ୪ର୍ଥ ଦିବସରେ ଗୁରୁବାର ଓଡ଼ିଶା ମୋଟ୍ ୪ଟି ପଦକ ମିଳିଛି। ଯେଉଁଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀ ପ୍ରତ୍ୟାଶା ରାୟ ମହିଳା ସନ୍ତରଣ ୨୦୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାରେ ପ୍ରତ୍ୟାଶାଙ୍କ ଏହା ୪ର୍ଥ ପଦକ। ଅପରପକ୍ଷରେ କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ାବିତ୍ ଗୁରୁବାର ସନ୍ତରଣରେ ୩ଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ ମହିଳା ୨୦୦ ମିଟର ବଟରଫ୍ଲାଏରେ, ନୀଳବଜା ଘୋଷ ୧୦୦ ମିଟର ବଟରଫ୍ଲାଏରେ ଏବଂ ୪ ଗୁଣା ୧୦୦ ମିଟର ମିଡଲେ ରିଲେରେ କିଟ୍ ଦଳ ଏହି ପଦକ ଜିତିଥିଲେ।

### ମହିଳା ପ୍ରିମିୟର ଲିଗ୍ ମେଗା ନିଲାମ

# ୩.୨ କୋଟିରେ ଦୀପ୍ତି ସବୁଠୁ ଦାମୀ

ନୂଆଦିଲ୍ଲୀ,୨୭।୧୧(ଏଜେନ୍ସି):

ବିସିସିଆଇ ପକ୍ଷରୁ ମହିଳା ପ୍ରିମିୟର ଲିଗ୍‌ର ପ୍ରଥମ ମେଗା ନିଲାମ ଆଜି ଏଠାରେ ଆରମ୍ଭ ହୋଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ଅକ୍ସନର ପ୍ରଥମ ଦିନରେ ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ଭାରତର ତାରକା ଅଲରାଉଣ୍ଡର ଦୀପ୍ତି ଶର୍ମା ସବୁଠୁ ଦାମି ଖେଳାଳି ବିବେଚିତ ହୋଇଛନ୍ତି। ୟୁପି ୱାରିୟର୍ଜ ତାଙ୍କୁ ୩.୨ କୋଟି ଟଙ୍କାରେ କିଣିଛି। ଦୀପ୍ତିଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡର ଆମେଲିଆ କେରଙ୍କୁ ୩ କୋଟି ଟଙ୍କାରେ କିଣିଛି ମୁମ୍ବଇ ଇଣ୍ଡିଆନ୍ସ। ନ୍ୟୁଜିଲାଣ୍ଡର ଅନ୍ୟତମ ଖେଳାଳି ସୋଫି ଡିଭାଇନ୍‌ଙ୍କୁ ଗୁଜରାଟ ଜାଏଣ୍ଟସ ୨ କୋଟି ଓ ଅଷ୍ଟ୍ରେଲିଆର ମେଗ୍ ଲାନିଙ୍ଗ୍‌ଙ୍କୁ ୟୁପି ୱାରିୟର୍ଜ ୧.୯ କୋଟି ଟଙ୍କାରେ କିଣିଛି। ଏହି ୪ ଖେଳାଳିଙ୍କ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କା ରହିଥିଲା। ଫ୍ରାଞ୍ଚାଇଜ୍‌ଗୁଡିକ ଯେଉଁ ଖେଳାଳିଙ୍କୁ ରିଟେନ କରିଛି, ସେମାନଙ୍କ ଦାମ୍ ପ୍ରକାଶ ପାଇନାହିଁ। ହରମନପ୍ରୀତ୍ କୌର ଓ ସ୍ମୃତି ମନ୍ଧାନାଙ୍କ ପରି ଖେଳାଳି କୋଟିପତି ତାଲିକାରେ ରହିଛନ୍ତି।

ଦିଲ୍ଲୀ କ୍ୟାପିଟାଲ୍ସ ୧.୩ କୋଟି ଲେଖାଏଁ ଟଙ୍କାରେ ଦକ୍ଷିଣ ଆଫ୍ରିକାର ଚିନେଲେ ହେନରୀ ଓ ଭାରତର ସ୍ପିନର ଶ୍ରୀଚରଣିଙ୍କୁ ଦଳରେ ସାମିଲ କରିଛି। ଅଷ୍ଟ୍ରେଲିଆର ଫୋଏବି ଲିଚ୍‌ଫିଲ୍ଡଙ୍କୁ ୧.୨ କୋଟି ଓ ଆଶା ଶୋଭନାଙ୍କୁ ୧.୧ କୋଟି ଟଙ୍କାରେ ୟୁପି ୱାରିୟର୍ଜ, ଦକ୍ଷିଣ ଆଫ୍ରିକାର ଲୌରା ୱଲଭାର୍ଟଙ୍କ ୧.୧ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ, ଇଂଲଣ୍ଡର ଫାଷ୍ଟ ବୋଲର ଲୌରେନ ବେଲ୍‌ଙ୍କୁ ୯୦ ଲକ୍ଷ ଟଙ୍କାରେ ଆର୍‌ସିବି କିଣିଛି। କିନ୍ତୁ ପ୍ରଥମ ଦିନରେ ଅଷ୍ଟ୍ରେଲିଆ ଅଧିନାୟିକା ଆଲିସା ହିଲୀଙ୍କୁ କେହି କିଣି ନାହାନ୍ତି। ସୋଫି ଇକ୍ଲେଷ୍ଟନଙ୍କୁ ୮୫ ଲକ୍ଷ ଟଙ୍କାରେ ୟୁପି, ଭାରତୀ ଫୁଲମାଲିଙ୍କୁ ୭୦ ଲକ୍ଷ ଟଙ୍କାରେ ଗୁଜରାଟ, ଦ. ଆଫ୍ରିକାର ନାଦିନ ଡି କ୍ଲର୍କ ଓ ଭାରତର ରାଧା ଯାଦବଙ୍କୁ ୬୫ ଲକ୍ଷ ଲେଖାଏଁ ଟଙ୍କାରେ ଆର୍‌ସିବି, ରେଣୁକା ସିଂ ଠାକୁରଙ୍କୁ ଗୁଜରାଟ, ଜର୍ଜିଆ ଭୋଲଙ୍କୁ ଆର୍‌ସିବି, କିରଣ ନାଗଭିରେଙ୍କୁ ୟୁପି, ଦକ୍ଷିଣ ଆଫ୍ରିକାର ସବ୍‌ନିମ ଇସ୍‌ମାଏଲଙ୍କୁ ମୁମ୍ବଇ ୬୦ ଲକ୍ଷ ଲେଖାଏଁ ଟଙ୍କା ଦେଇ ଦଳରେ ସାମିଲ କରିଛି। ୫୦ ଲକ୍ଷ ଲେଖାଏଁ ଟଙ୍କାରେ ୩ଜଣ ଖେଳାଳି ଯଥା ସ୍ନେହ ରାଣାଙ୍କୁ ଦିଲ୍ଲୀ, ହର୍ଲିନ ଦେଓଲ ଓ କ୍ରାନ୍ତି ଗୌଡ଼ଙ୍କୁ ୟୁପି ଟିମ୍‌ରେ ସାମିଲ କରିଛି।



ମହିଳା ପ୍ରିମିୟର ଲିଗ୍‌ର ଚତୁର୍ଥ ସଂସ୍କରଣ ନଭି ମୁମ୍ବଇ ଓ ଭଦୋଦରାରେ ଆସନ୍ତାବର୍ଷ ଜାନୁଆରୀ ୯ରୁ ଆରମ୍ଭ ହୋଇ ଫେବୃଆରୀ ୭ରେ ଶେଷ ହେବ। ନଭି ମୁମ୍ବଇରେ ଉଦ୍‌ଘାଟନୀ ସହ ପ୍ରଥମ ପର୍ଯ୍ୟାୟ ଓ ଭଦୋଦରାରେ ଦ୍ୱିତୀୟ ପର୍ଯ୍ୟାୟ ସହ ଫାଇନାଲ ମୁକାବିଲା ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

# ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଗମ୍ଭୀର କୋଚ୍

ମୁମ୍ବଇ, ୨୭।୧୧ (ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜକୁ ଲଜ୍ଜାଜନକ ଭାବେ ୨-୦ ହାରିବା ପରେ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ନିଶାଣକୁ ଆସିଯାଇଛନ୍ତି। ଗମ୍ଭୀରଙ୍କୁ ତୁରନ୍ତ କୋଚ୍ ପଦରୁ ହଟାଯାଉ ବୋଲି ସାମାଜିକ ଗଣମାଧ୍ୟମରେ ଦାବି ହୋଇଛି। ତେବେ ବିସିସିଆଇ ବର୍ତ୍ତମାନ ଗମ୍ଭୀରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେବନି ବୋଲି ଜଣାପଡ଼ିଛି। ଆଗାମୀ ଦୁଇ ବର୍ଷ ମଧ୍ୟରେ ଦୁଇ ଦୁଇଟି ବିଶ୍ୱକପ୍ ମୁଣ୍ଡ ଉପରେ ରହିଛି। ତେଣୁ ଚୁକ୍ତି ଅନୁସାରେ ୨୦୨୭ ପର୍ଯ୍ୟନ୍ତ ଗମ୍ଭୀର ତାଙ୍କ ପଦ ବଜାୟ ରଖିବେ ବୋଲି ଜଣାପଡ଼ିଛି। ଏକ ଜାତୀୟ ଗଣମାଧ୍ୟମକୁ ନାମ ଗୋପନ ରଖିବା ସର୍ତ୍ତରେ ବିସିସିଆଇର ଜନୈକ ଅଧିକାରୀ କହିଛନ୍ତି, 'ଦଳ ବର୍ତ୍ତମାନ ଏକ ପରିବର୍ତ୍ତନ ପର୍ଯ୍ୟାୟରେ ରହିଛି। ତେଣୁ ବିସିସିଆଇ କୌଣସି ନିଷ୍ପତ୍ତି ତରତର ଭାବେ ନେବନାହିଁ। ମୁଖ୍ୟ ପ୍ରଶିକ୍ଷକ ଗମ୍ଭୀରଙ୍କ ଭବିଷ୍ୟତ ସମ୍ପର୍କ କୌଣସି ନିଷ୍ପତ୍ତି ନେବୁ ନାହିଁ। କାରଣ ବିଶ୍ୱକପ୍ ପାଖେଇ ଆସୁଛି ଏବଂ ତାଙ୍କ ଚୁକ୍ତି ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ରହିଛି। ବିସିସିଆଇ ଚୟନକର୍ତ୍ତା ଓ ଟିମ୍ ମ୍ୟାନେଜମେଣ୍ଟ ସହ ଆଲୋଚନା କରିବ, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବନି।' ଏହି ବୟାନରୁ ଗମ୍ଭୀରଙ୍କ ପଦ ବର୍ତ୍ତମାନ ସୁରକ୍ଷିତ ରହିଥିବା ସ୍ପଷ୍ଟ ହୋଇଛି।

# ଧୋନିଙ୍କ ଘରେ ଡିନର୍ କଲେ କୋହଲି

ରାଞ୍ଚି, ୨୭।୧୧ (ଏଜେନ୍ସି): ଟେଷ୍ଟ ସିରିଜକୁ ହାରିବା ପରେ ଏବେ ଘରୋଇ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ ମ୍ୟାଚବିଶିଷ୍ଟ ଦିନିକିଆ ସିରିଜ ଖେଳିବ। ନଭେମ୍ବର ୩୦ରୁ ରାଞ୍ଚିରେ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ଏଥିଲାଗି ଭାରତୀୟ କ୍ରିକେଟ୍ ଦଳର ଦୁଇ ତାରକା ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମା ଦୁଇ ଦିନ ହେବ ରାଞ୍ଚିରେ ପହଞ୍ଚି ସାରିଛନ୍ତି। ଏପରିକି ଗୁରୁବାର ଉଭୟ କୋହଲି ଓ ରୋହିତ ରାଞ୍ଚିର ଜେଏସ୍‌ସିଏ ଷ୍ଟାଡିୟମରେ ଜୋରଦାର ଅଭ୍ୟାସ କରିଛନ୍ତି। ଯେହେତୁ ମହେନ୍ଦ୍ର ସିଂ ଧୋନିଙ୍କ ଘରୋଇ ସହର ରାଞ୍ଚି ତେଣୁ କୋହଲି ଏହି ଅବସରରେ ନିଜ ପୂର୍ବତନ ଅଧିନାୟକଙ୍କ ଘରକୁ ଯିବାକୁ ଭୁଲି ନ ଥିଲେ। ଗୁରୁବାର ରାତିରେ ଧୋନିଙ୍କ ଘରେ ଡିନର୍ କରିଥିଲେ କୋହଲି। କଡ଼ା ସୁରକ୍ଷାବଳୟ ମଧ୍ୟରେ କୋହଲି ହୋଟେଲରୁ ଏକ କାର ଯୋଗେ ଧୋନିଙ୍କ ଘରକୁ ଯାଇଥିଲେ। କୋହଲିଙ୍କ ଝଲକ ଟିକେ ପାଇବାକୁ ରାସ୍ତାରେ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା।

### ଉତ୍ତରପୂର୍ବ-ଅସ୍ମିତା ଭାରୋତ୍ତୋଳନ

# ୧ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର,୨୭।୧୧(ସମିସ): କୋଲକାତାରେ ଆଜି ଆରମ୍ଭ ହୋଇଛି ଉତ୍ତର-ପୂର୍ବାଞ୍ଚଳ ଅସ୍ମିତା ଭାରୋତ୍ତୋଳନ ଚାମ୍ପିଅନସିପ୍। ପ୍ରତିଯୋଗିତାର ପ୍ରଥମ ଦିନରେ ବନିତା ନାଏକ ୩ଟି ପଦକ ଜିତିଛନ୍ତି। ସେ ୪୮ କିଲୋଗ୍ରାମ୍ ଶ୍ରେଣୀରେ ଭାଗନେଇ ଯୁବବର୍ଗରେ ସ୍ୱର୍ଣ୍ଣ, କନିଷ୍ଠ ବର୍ଗରେ ରୌପ୍ୟ ଓ ବରିଷ୍ଠ ବର୍ଗରେ କାଂସ୍ୟ ପଦକ ହାସଲ କରିଛନ୍ତି। ମିନା ସିଂ ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗ ୫୩ କେଜିରେ ୨ଟି କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଉଭୟ ବନିତା ଓ ମିନା କଳିଙ୍ଗ ଷ୍ଟାଡିୟମ୍ ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ସଫଳତା ଲାଗି ଉଭୟଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।


ବନିତା ନାଏକ


ମିନା ସିଂ

# ଦିବ୍ୟାଙ୍ଗ ହ୍ୱିଲ୍‌ଚେୟାର କ୍ରିକେଟ: ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର,୨୭।୧୧(ସମିସ): ଗୁଜରାଟରେ ଖେଳାଯାଇଥିବା ପ୍ରଥମ ଦିବ୍ୟାଙ୍ଗ ହ୍ୱିଲଚେୟାର ଟି-୧୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଆୟୋଜକ ଗୁଜରାଟକୁ ହରାଇ ଓଡ଼ିଶା ଦଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଖରାପ ହ୍ୱିଲଚେୟାର ସତ୍ତ୍ୱେ ଏହି ବିଭାଗରେ ବିତ୍ତ ଓ ଶକ୍ତିଶାଳୀ ଗୁଜରାଟକୁ ହରାଇ ଓଡ଼ିଶା ଚାମ୍ପିଅନ ହେବା ନିଶ୍ଚିତଭାବେ ଏକ ଉଲ୍ଲେଖନୀୟ ପ୍ରଦର୍ଶନ ବୋଲି କନ୍ଧମାଳର ମାଧବ ବଡ଼ସେଠ କହିଛନ୍ତି। କଳାହାଣ୍ଡିର ସରୋଜକାନ୍ତ କୁମାର ଉପଅଧିନାୟକ ରହିଥିଲେ। ସୁରେଶ କୁମାର ନାଗଙ୍କ ତତ୍ତ୍ୱାବଧାନରେ ଏହି ଦଳ ଗୁଜରାଟ ଯାଇଥିଲା।



# ଆଇକନିକ୍ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ୩୦ରୁ



ଭୁବନେଶ୍ୱର, ୨୭।୧୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୩୦ ତାରିଖରୁ ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଯେଉଁଥିରେ ଜାପାନ, ଥାଇଲାଣ୍ଡ, ଇଣ୍ଡୋନେସିଆ ଓ ତାଇୱାନର ୩୦ଜଣ ଖେଳାଳି ରହିଛନ୍ତି। ସେହିଭଳି ଆୟୋଜକ ଓଡ଼ିଶା ସମେତ ୧୮ ଟି ରାଜ୍ୟର ଖେଳାଳି ମଧ୍ୟ ଏହି ଦୁଇଦିନିଆ ପ୍ରତିଯୋଗିତାରେ ଭାଗନେବେ ବୋଲି ଆଇଜିୟୁ ତଥା ଆୟୋଜକ କମିଟିର ଦ୍ୱୀପାୟନ ପଟ୍ଟନାୟକ ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅବସରରେ ଟ୍ରଫି ଓ ଜର୍ସି ଉନ୍ମୋଚନ କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ, ଆୟୋଜକ କମିଟିର ଅଧ୍ୟକ୍ଷ ତାରିଣୀ ପ୍ରସାଦ ମହାନ୍ତି, ଆଇଜିୟୁ ସଭାପତି ଉମାକାନ୍ତ ପାଣି ପ୍ରମୁଖ ଉପସ୍ଥିତ ରହିଥିଲେ।

# ଶୁଭଶ୍ରୀଙ୍କୁ ଡବଲ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୭।୧୧(ସମିସ): ଅଡଶପୁରଠାରେ ଆଜି ଶେଷ ହୋଇଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଆନ୍ତଃବିଶ୍ୱବିଦ୍ୟାଳୟ ଆଥଲେଟିକ ମିଟ୍‌ରେ ଏକାମ୍ର କଲେଜ୍‌ରେ ଶୁଭଶ୍ରୀ ପରିଡ଼ା ଡବଲ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେ ମହିଳା ୧୦୦ ଓ ୪୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ, ୨୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିଛନ୍ତି। ସେହିପରି କୃଷ୍ଣପ୍ରିୟା ବରିସାଲ ୧୦୦ ଓ ୨୦୦ ମିଟର ଦୌଡ଼ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଖେଳ ଶିକ୍ଷକ ମନୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଭୟ ପ୍ରତିଯୋଗୀ ସଫଳ ହୋଇଛନ୍ତି।



# 'ସଟଲ୍'ରେ ୧ରୁ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୨୭।୧୧(ସମିସ):

ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍ 'ସଟଲ'ରେ ଡିସେମ୍ବର ୧ରୁ ୬ ତାରିଖ ଯାଏ ୧୫ ଓ ୧୭ ବର୍ଷରୁ କମ୍ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆୟୋଜିତ ହେବ। କ୍ରମାଗତ ୨ ବର୍ଷରେ କଳିଙ୍ଗ ୨ଟି ଜାତୀୟ ଚାମ୍ପିଅନସିପ୍ ଆୟୋଜନ କରିବାର ଅଧିକାର ପାଇଛି। ଏଥର ସବ୍‌ଜୁନିଅର ଚାମ୍ପିଅନସିପ୍‌ରେ ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ରେକର୍ଡ ସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିବାର ସୂଚନା ମିଳିଛି। ଏହା ମଧ୍ୟରୁ ବାଳିକା ବିଭାଗରେ ୨୫୬ ଓ ବାଳକ ବିଭାଗରେ ୩୨୪ ଜଣ ପ୍ରତିଯୋଗୀ ଭାଗ ନେବାର ସମ୍ଭାବନା ରହିଛି।

### ନଜରରେ ତନ୍‌ଭୀ ପତ୍ରୀ

ଓଡ଼ିଶାର ଜୁନିଅର ସୁପରଷ୍ଟାର ତନ୍‌ଭୀ ପତ୍ରୀଙ୍କୁ ଏହି ଟୁର୍ଣ୍ଣାମେଣ୍ଟର ବାଳିକା ବିଭାଗରେ ଫେବରାଇଟ୍ ବିବେଚନା କରାଯାଇଛି। ଉଭୟ ର୍‍ୟାଙ୍କିଙ୍ଗ୍ ଓ ଫର୍ମକୁ ଦେଖିଲେ ବାଲେଶ୍ୱରର ଏହି ଖେଳାଳି ଜଣଙ୍କ ଉଭୟ ୧୫ ଓ ୧୭ ବର୍ଷରୁ କମ୍ ବିଭାଗରେ ଏକକ ଟାଇଟଲ ଜିତିବାର ଦୃଢ଼ ଦାବିଦାର ରହିଛନ୍ତି। ଗତ ୬ ମାସରେ ସେ ୬ଟି ଟୁର୍ଣ୍ଣାମେଣ୍ଟରେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ୩୫ତମ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ସେ ଉଭୟ ୧୩ ଓ ୧୫ ବର୍ଷରୁ କମ୍ ବିଭାଗରେ ଏକକ ଟାଇଟଲ ଜିତିଥିଲେ। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ କ୍ରୀଡ଼ାମନ୍ତ୍ରୀ ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ମନୋବଳ ବଢ଼ାଇବାକୁ ଉତ୍ସାହ ଦେଇଛନ୍ତି। ଆନ୍ଧ୍ରପ୍ରଦେଶର ପି. ରାମକ୍ରିଷ୍ଣା ଚିଫ୍ ରେଫରୀ ଭାବେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ।



# ଓଡ଼ିଶା ମାଷ୍ଟର୍ସରେ ୨୨ ଦେଶ

ଡିସେମ୍ବର ୯ରୁ ୧୪ ତାରିଖଯାଏ କଟକର ଇଣ୍ଡୋର ଷ୍ଟାଡିୟମ୍‌ରେ ଖେଳାଯିବ ଓଡ଼ିଶା ମାଷ୍ଟର୍ସ ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ। ବିଶ୍ୱ ଓ ଭାରତୀୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଅନୁମୋଦିତ ଏହି ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସଂସ୍କରଣରେ ଏଥର ୨୨ଟି ଦେଶ ଅଂଶଗ୍ରହଣ କରିବେ। ବିଶ୍ୱ ବ୍ୟାଡ୍‌ମିଣ୍ଟନରେ ପ୍ରାଧାନ୍ୟ ବିସ୍ତାର କରିଥିବା ଏସୀୟ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଆୟୋଜକ ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ ଏକ ସମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଓଡ଼ିଶାକୁ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇଥିବାରୁ ରାଜ୍ୟ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଏହାକୁ ସମ୍ମାନର ସହ ଆୟୋଜନ କରିବାକୁ ସମସ୍ତ ପ୍ରକାର ଯୋଜନା କରିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS